RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-72 ♦SATURDAY ♦5 SEPTEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୭୨ ♦ଶନିବାର ♦୫ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ପବିତ୍ର ଗୁରୁ ଦିବସ ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ 'ସକାଳ' ପରିବାର ପକ୍ଷରୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ।

## ଭିତର ପୃଷ୍ଠାରେ...


ରାଉରକେଲା ଆଦର୍ଶ ଷ୍ଟେସନ୍‌ରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

ଯୁବକଙ୍କ ଗଳାକାଟି ଗଛରେ ଟାଙ୍ଗିଦେଲେ

ମାର୍ଶାଘାଇରେ କାନ୍ଥ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର


# କାହା ସାହସରେ ଏଫ୍‌ସିଆଇର ମନମାନି

### ଗତବର୍ଷ ଉଠାଇ ନ ଥିଲା ୧୩ ଲକ୍ଷ ଟନ୍ ଚାଉଳ ■ ଏବର୍ଷ ଏପର୍ଯ୍ୟନ୍ତ ଉଠିନାହିଁ ୨୨.୭୨ ଲକ୍ଷ ଟନ୍



### ବାକି ପଡ଼ିଛି ଧାନ କିଣା ବକେୟା ୮ ହଜାର କୋଟି

### ସଂସଦରେ ଶୁଭୁନାହିଁ ୨୫ ବିଜେପି ସାଂସଦଙ୍କ ସ୍ୱର

■ ଭୁବନେଶ୍ୱର, ୪।୯ (ସମିସ): ଓଡ଼ିଶାରୁ ଚାଉଳ ଉଠାଇବା ପାଇଁ ରାଜ୍ୟ ଯୋଗାଣ ମନ୍ତ୍ରୀ ଦିଲ୍ଲୀରେ ଯାଇ ଦାବି କରୁଛନ୍ତି, ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ସହଯୋଗୀ କେନ୍ଦ୍ର ଯୋଗାଣମନ୍ତ୍ରୀଙ୍କୁ ଚିଠି ଲେଖୁଛନ୍ତି, ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରୁଛନ୍ତି। ମାତ୍ର ଏଫ୍‌ସିଆଇ ଏହାକୁ କର୍ଣ୍ଣପାତ କରୁନାହିଁ। ମିଲରମାନଙ୍କ ଗୋଦାମରେ ଚାଉଳ ଭର୍ତ୍ତି ହୋଇ ରହିଥିବାରୁ ସେମାନେ ଧାନ ନ କିଣିବାକୁ ଧମକ ଦେଉଛନ୍ତି; ତଥାପି ଏଫ୍‌ସିଆଇ ଏହାକୁ ଶୁଣୁନାହିଁ। ଏକ ସଂଘୀୟ ବ୍ୟବସ୍ଥାରେ ଏ ପ୍ରକାର ଅବହେଳା ଓ ଉପେକ୍ଷା କେବଳ ସାଂଘାତିକ ନୁହେଁ, ଅତ୍ୟନ୍ତ ସ୍ପର୍ଶକାତର। କାହା ସାହସରେ ଏଫ୍‌ସିଆଇ ଏପରି ମନମାନି କରୁଛି ତାହା ବି ସ୍ପଷ୍ଟ ନୁହେଁ। ଗତ ବର୍ଷ ଏଫ୍‌ସିଆଇ ୧୩ ଲକ୍ଷ ଟନ୍ ଚାଉଳ ଉଠାଇ ନ ଥିବା ଖୋଦ୍ ଯୋଗାଣମନ୍ତ୍ରୀ ବିଧାନସଭାରେ ବିଜେଡି ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ଉତ୍ତର ରଖିଥିଲେ। ୬୩ ଲକ୍ଷ ଟନ୍ ଚାଉଳରୁ ୫୦ ଲକ୍ଷ ଟନ୍ ଚାଉଳ ଉଠାଇଥିବାବେଳେ ବଳକା ୧୩ ଲକ୍ଷ ଟନ୍ ଉଠାଇ ନ ଥିବା ସେ ସ୍ୱୀକାର କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ଥିବା ୩୦ ଲକ୍ଷ ଟନ୍ ଚାଉଳରୁ ମାତ୍ର ୭.୨୮ ଲକ୍ଷ ଟନ୍ ଚାଉଳ ଏଫ୍‌ସିଆଇ ଉଠାଇଛି, ବଳକା ୨୨.୭୨ ଲକ୍ଷ ଟନ୍ ଏବେ ବି ମିଲରଙ୍କ ଗୋଦାମରେ ଖୁନ୍ଦି ହୋଇଛି। ଯାହାକୁ ନେଇ ଯୋଗାଣମନ୍ତ୍ରୀ ଅସହାୟତା ସହ କ୍ଷୋଭ ପ୍ରକାଶ ▶ପୃଷ୍ଠା-୭

### ଇସ୍ରୋର ବଡ଼ ସଫଳତା

# ମହାକାଶରେ 'ଇଓଏସ୍-୦୫'



ଭୂସମକାଳୀନ କକ୍ଷରୁ ପୃଥିବୀର ଚିତ୍ର ଉତ୍ତୋଳନ କରିବ ଭାରତର ପ୍ରଥମ ଉପଗ୍ରହ

■ ଶ୍ରୀହରିକୋଟା, ୪।୯ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ମହାକାଶ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଶୁକ୍ରବାର ଭୋର ୨ଟା ୫୫ ମିନିଟ୍‌ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧବନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଉତ୍‌କ୍ଷେପଣ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୭ ରକେଟ୍ ଉତ୍‌କ୍ଷେପଣ କରାଯାଇଛି। ଏହି ରକେଟ୍ ଭାରତର ଅତ୍ୟାଧୁନିକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ 'ଇଓଏସ୍-୦୫'କୁ ଉପଭୂସମକାଳୀନ ସ୍ଥାନାନ୍ତରଣ କକ୍ଷରେ ସ୍ଥାପିତ କରିଛି। ▶ପୃଷ୍ଠା-୭

## ଓଲଟ ପାଲଟ



ଅଢେଇ ବରଷ କାଳ ବିତି ଗଲା
ଉଡ଼ା ଜାହାଜରେ ବୁଲି
ଚବିଶ ବରଷ ବିଜେଡି ଶାସନ
ଏତେ ଶୀଘ୍ର ଗଲ ଭୁଲି
ଉଡ଼ା ଜାହାଜରେ ଟଙ୍କା ଉଡ଼ାଇଲେ
ମାମଲାଟେ ଦେଲ ଠେଲି
ସତ୍ୟରେ ଥିଲେ ବୋଲି
ମାନ୍ୟବର କୋର୍ଟ ଖାରଜ କରିଲେ
ଫୁସୁକି ଗଲାଟି ଗୁଳି
-ଯାଯାବର

# ବର୍ଷାରେ ବୁଡ଼ିଲା ଦିଲ୍ଲୀ ବିମାନବନ୍ଦର

### ୯ଟି ବିମାନର ଗତିପଥ ପରିବର୍ତ୍ତନ

### ଦିଲ୍ଲୀରେ ରେଡ୍ ଆଲର୍ଟ ଜାରି



■ ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀରେ ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ) ଭିତର ପରିସର ବର୍ଷା ପାଣିରେ ବୁଡ଼ିଛି। ଅତ୍ୟଧିକ ବର୍ଷା ହେତୁ ବିମାନବନ୍ଦରର ଟର୍ମିନାଲ୍-୨ ଏବଂ ଟର୍ମିନାଲ୍-୩ ର ପ୍ରବେଶ ପଥ ଏବଂ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ରୂପେ ଜଳମଗ୍ନ ହୋଇଛି। ଫଳରେ ଦିଲ୍ଲୀ ଆସୁଥିବା ୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ଅନ୍ୟପଟେ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ପ୍ରବଳ ବର୍ଷା, ଘଡ଼ଘଡ଼ି ନେଇ ରେଡ୍ ଆଲର୍ଟ'ଜାରି କରିଛି। ସୂଚନା ଅନୁଯାୟୀ, ଆଜି ସକାଳୁ ପ୍ରବଳ ବର୍ଷା ହୋଇଥିଲା। ▶ପୃଷ୍ଠା-୭

### ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ପ୍ରଦାନକଲେ ମୁଖ୍ୟମନ୍ତ୍ରୀ

# କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶା ପ୍ରଗତିର ମୂଳଦୁଆ

### ୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟି



■ ଭୁବନେଶ୍ୱର, ୪।୯ (ସମିସ): ନୂଆଖାଇ ପୂର୍ବରୁ ଜନ୍ମାଷ୍ଟମୀରେ ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଓ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ▶ପୃଷ୍ଠା-୭


10001/513/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୋଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

OIPR-10001/10003/2/26-27/0048

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/



ପାଆନ୍ତୁ ନିଜର CKYC ନମ୍ବର,
ଏହା ଆକାଉଣ୍ଟ ଖୋଲିବା
ଏବଂ ପୁନଃ-KYC କରିବାରେ
ସାହାଯ୍ୟ କରେ



ଏହା କିପରି କାମ କରେ:

- ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କର KYC ସୂଚନାକୁ ସେଣ୍ଟ୍ରାଲ KYC ରେକର୍ଡ ରେଜିଷ୍ଟ୍ରି (CKYCR)ରେ ଗ୍ରହଣ କରନ୍ତି ଏବଂ ଅପଲୋଡ୍ କରନ୍ତି
- ଗ୍ରାହକଙ୍କୁ ଏକ 14-ଅଙ୍କ ବିଶିଷ୍ଟ ନମ୍ବର ଦିଆଯାଇଛି
- ଏହି 14-ଅଙ୍କ ବିଶିଷ୍ଟ ନମ୍ବରକୁ ଅନ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଆକାଉଣ୍ଟ ଖୋଲିବା ପାଇଁ ଗ୍ରାହକଙ୍କ ପୂର୍ବରୁ ଥିବା KYC ରେକର୍ଡକୁ ପୁନରୁଦ୍ଧାର ଏବଂ ପୁନଃ-KYC କରିବା ପାଇଁ ବ୍ୟବହାର କରିପାରିବେ




ଆପଣଙ୍କ CKYC ନମ୍ବର ପାଇବା ପାଇଁ:
ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ **କିମ୍ବା** 7799022129 ରେ ମିସ୍‌ଡ କଲ ଦିଅନ୍ତୁ **କିମ୍ବା** https://ckycindia.in ଭିଜିଟ୍ କରନ୍ତୁ

ଅଧିକ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://rbikehtahai.rbi.org.in/CKYCR
ଅଫିସିଆଲ୍ ହ୍ୱାଟ୍ସଆପ୍ ନମ୍ବର 99990 41935 / 99309 91935

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

# ସିକିମ୍‌ରେ ୪୦ଟି ବରଫ ହ୍ରଦ ଚିହ୍ନଟ

● ୧୯ଟି ଅତି ବିପଦଜନକ ସ୍ଥିତିରେ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ହିମାଳୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନ ଓ ବରଫ ତରଳିବା ପ୍ରକ୍ରିୟା ବୃଦ୍ଧି ପାଉଥିବାବେଳେ ସିକିମ୍ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିଛି। ସିକିମ୍‌ରେ ମୋଟ ୪୦ଟି ବରଫ ହ୍ରଦ (ଗ୍ଲାସିଆଲ୍ ଲେକ୍)କୁ ବନ୍ୟା ଆଶଙ୍କା ଥିବା ବିପଦପୂର୍ଣ୍ଣ ହ୍ରଦ ଭାବେ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୯ଟି ହ୍ରଦକୁ ସର୍ବାଧିକ ବିପଦଜନକ ବା କାଟାଗୋରି-ଏ ତାଲିକାରେ ରଖାଯାଇଛି। ସମ୍ଭାବ୍ୟ ବିପର୍ଯ୍ୟୟକୁ ରୋକିବା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସାଟେଲାଇଟ୍ ମନିଟରିଂ, ପ୍ରାଥମିକ ଚେତାବନୀ ବ୍ୟବସ୍ଥା ଏବଂ ହ୍ରଦ-ଭିତ୍ତିକ ସ୍ୱତନ୍ତ୍ର ଯୋଜନା ଆପଣାଇଛନ୍ତି। ଗତ ଅଗଷ୍ଟ ୨୬ ରେ ନେପାଳ-ତିବ୍ବତ ସୀମାରେ ବରଫ ପାହାଡ଼ ଭୁଶୁଡ଼ିବା ଫଳରେ ହଠାତ୍ ଆସିଥିବା ବନ୍ୟାରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ନିଖୋଜ ହୋଇଯାଇଥିଲେ। ଏହା ସମଗ୍ର ହିମାଳୟ ଅଞ୍ଚଳ ପାଇଁ ବିପଦର କାରଣ ପାଲଟିଛି। ବରଫ ତରଳିବା କାରଣରୁ ନୂତନ ହ୍ରଦ ସୃଷ୍ଟି ହେଉଛି ଏବଂ ପୁରୁଣା ହ୍ରଦଗୁଡ଼ିକର ଆକାର ବଢ଼ୁଛି, ଯାହାଫଳରେ ନଦୀର ନିମ୍ନପ୍ରବାହରେ ବଡ଼ଧରଣର ବନ୍ୟା ଆସିବାର ଆଶଙ୍କା ରହିଛି। ସିକିମ୍ ପୂର୍ବରୁ ମଧ୍ୟ ଏପରି ପ୍ରଳୟଙ୍କରୀ ବନ୍ୟାର ସମ୍ମୁଖୀନ ହୋଇସାରିଛି। ୨୦୨୩ ଅକ୍ଟୋବରରେ ବନ୍ୟାରେ ୬୦ ଜଣଙ୍କର ଜୀବନ ଯାଇଥିଲା। ମଙ୍ଗନ, ଗ୍ୟାଙ୍ଗଟକ, ପାକ୍ୟୋଙ୍ଗ ଏବଂ ନାମଚି ଜିଲ୍ଲାରେ ବ୍ୟାପକ ଭିତ୍ତିଭୂମି ନଷ୍ଟ ହେବା ସହ ଏକ ପ୍ରମୁଖ ଜଳବିଦ୍ୟୁତ୍ ପ୍ରକଳ୍ପର ଡ୍ୟାମ ତାମ୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସମସ୍ତ ହ୍ରଦ ପାଇଁ ଏକା ପ୍ରକାରର ସମାଧାନ ପ୍ରଯୁଜ୍ୟ ନୁହେଁ ବୋଲି ଅଧିକାରୀମାନେ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶାକୋ ଛୋ, ଲୋନାକ କମ୍ପ୍ଲେକ୍ସ ଏବଂ ଗୁରୁଡୋଙ୍ଗମାର କମ୍ପ୍ଲେକ୍ସ ପାଇଁ ପୃଥକ୍ ଯୋଜନା ପ୍ରସ୍ତୁତ କରାଯାଉଛି। ସିକିମ୍‌ର ସବୁଠାରୁ ସମ୍ବେଦନଶୀଳ ହ୍ରଦ ଭାବେ ଚିହ୍ନଟ ହୋଇଥିବା 'ଶାକୋ ଛୋ' ନେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମ୍ଏ) ନିକଟକୁ ଦାଖଲ କରାଯାଇଛି। ସେହିପରି ଲୋନାକ ଏବଂ ଗୁରୁଡୋଙ୍ଗମାର ପାଇଁ ମଧ୍ୟ ସୁରକ୍ଷା କାର୍ଯ୍ୟ ଓ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ରାଜ୍ୟର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗକୁ ଏହି ବିପଦ ଆକଳନ ଓ ହ୍ରାସ କରିବା ପାଇଁ ନୋଡାଲ୍ ବିଭାଗ ଭାବେ ଘୋଷଣା କରାଯାଇଛି।

# ଶ୍ରୀନଗର ବିମାନବନ୍ଦରରେ ପାର୍କିଂବେଳେ ଖୁଣ୍ଟିରେ ପିଟିହେଲା ଇଣ୍ଡିଗୋ ବିମାନ



୨୦୦ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ

ଶ୍ରୀନଗର, ୪।୯(ଏଜେନ୍ସି): ଶ୍ରୀନଗର ବିମାନବନ୍ଦରରେ ପାର୍କିଂ କରାଯାଉଥିବା ସମୟରେ ଇଣ୍ଡିଗୋର ଏକ ବିମାନ ଖୁଣ୍ଟିରେ ଧକ୍କା ଖାଇଛି। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ବେ-୬ରେ ଏହି ଘଟଣା ଘଟିଥିଲା। ବିମାନର ସାମ୍ନା ଅଂଶ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଥିରେ ଥିବା ପ୍ରାୟ ୨୦୦ ଯାତ୍ରୀ ଓ କର୍ମଚାରୀ ସୁରକ୍ଷିତ ଅଛନ୍ତି। କାହାରି ଆହତ ହେବାର ଖବର ନାହିଁ। ଇଣ୍ଡିଗୋର ୬ଇ ୨୨୫ ବିମାନଟି ନଭି ମୁମ୍ବାଇରୁ ଶ୍ରୀନଗରରେ ପହଞ୍ଚିଥିଲା। ପାର୍କିଂ ସମୟରେ ବିମାନଟି ବିମାନକୁ ସଠିକ୍ ସ୍ଥାନରେ ପାର୍କ କରିବାରେ ସହାୟତା କରୁଥିବା ଭିଜିଏସ୍ ଖୁଣ୍ଟିରେ ଧକ୍କା ଦେଇଥିଲା। ଧକ୍କା ପରେ ବିମାନର ସାମ୍ନା ଅଂଶ ପ୍ରାୟ ଏକ ଫୁଟ୍ ଭିତରକୁ ଦବିଯାଇଥିବା ଜଣାପଡ଼ିଛି। ଘଟଣା ପରେ ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ହାତଚାଳିତ ସିଡ଼ି ସାହାଯ୍ୟରେ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ବିମାନବନ୍ଦରରେ ଅନ୍ୟ ବିମାନ ଚଳାଚଳ ସ୍ୱାଭାବିକ ରହିଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି। ପାର୍କିଂ ସମୟରେ ବିମାନର ଦିଗରେ ସାମାନ୍ୟ ତ୍ରୁଟି, ନିର୍ଦ୍ଦେଶନ ପ୍ରଣାଳୀରେ ସମସ୍ୟା କିମ୍ବା ଅନ୍ୟ କୌଣସି ଯାନ୍ତ୍ରିକ କାରଣ ଥିଲା କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

● ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ

# ନିଶା ଖାଇ ଚାକିରିରୁ ବିଦା ହେଲେ ପାଇଲଟ୍

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର ମୁଖ୍ୟ ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ପଜିଟିଭ୍ ହୋଇଥିବା ଜଣାପଡ଼ିଛି। ଏହାପରେ ସମ୍ପୃକ୍ତ ପାଇଲଟ୍‌ଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ପ୍ରାଥମିକ ତଦନ୍ତରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଅଗଷ୍ଟ ୪ ତାରିଖରେ ଘଟିଥିବା ଏହି ଘଟଣା ସମୟରେ ବିମାନଟିର ତିନୋଟି ଯାକ ହାଇଡ୍ରୋଲିକ୍ ସିଷ୍ଟମରେ ତ୍ରୁଟି ଦେଖାଦେଇଥିଲା ଏବଂ ଭୁବନେଶ୍ୱର ନିକଟରେ ବିମାନଟି ହଠାତ୍ ପ୍ରାୟ ୩୦୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଜାହାଜରେ ଥିବା ଯାତ୍ରୀ ଏବଂ କ୍ରୁ ସଦସ୍ୟମାନେ ଆହତ ହୋଇଥିଲେ। ପ୍ରାରମ୍ଭିକ ଅବସ୍ଥାରେ ଏହାକୁ ଖରାପ ପାଗ ବା ଟର୍ବୁଲାନ୍ସ ବୋଲି କୁହାଯାଉଥିବାବେଳେ ବର୍ତ୍ତମାନ ଏହାକୁ ଏକ 'ଦୁର୍ଘଟଣା' ଭାବେ ବର୍ଗୀକରଣ କରାଯାଇଛି। ରିପୋର୍ଟ ଅନୁଯାୟୀ, ଅବତରଣ ପରେ କରାଯାଇଥିବା ପରୀକ୍ଷାରୁ କ୍ୟାପ୍ଟେନଙ୍କ ଶରୀରରେ ନିଶାଦ୍ରବ୍ୟ ଥିବା ଜଣାପଡ଼ିଛି। ଘଟଣା ଘଟିବା ସମୟରେ ପ୍ରଥମେ କୋ-ପାଇଲଟ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ପରେ କ୍ୟାପ୍ଟେନ୍ ନିୟନ୍ତ୍ରଣ ନିଜ ହାତକୁ ନେଇଥିଲେ। କିଛି ସମୟ ପାଇଁ ହାଇଡ୍ରୋଲିକ୍ ସିଷ୍ଟମ ଫେଲ୍ ହୋଇଥିଲେ ମଧ୍ୟ ପରେ ଚାପ ପୁନଃସ୍ଥାପିତ ହୋଇଥିଲା ଏବଂ ବିମାନଟି ସୁରକ୍ଷିତ ଭାବେ ଦିଲ୍ଲୀରେ ଅବତରଣ କରିଥିଲା। ଏବେ ଏୟାର ଇଣ୍ଡିଆ ଏହାର ସମସ୍ତ ପାଇଲଟମାନଙ୍କର ଶତକଡ଼ା ଶହେ ଭାଗ ସ୍ୱେଚ୍ଛାକୃତ ଯାଞ୍ଚ ଆରମ୍ଭ କରିଥିବା କହିଛି।

ନେପାଳ ଜଳ ପ୍ରଳୟ

# ୯ ଦିନ ପରେ ସୁଡ଼ଙ୍ଗରୁ ଦୁଇ ଶ୍ରମିକ ଉଦ୍ଧାର

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ନେପାଳର ତ୍ରିଶୂଳୀ ୩ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଜଳ ପ୍ରଳୟର ନଅ ଦିନ ପରେ ଏକ ସୁଡଙ୍ଗ ଭିତରୁ ଦୁଇ ଜଣ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ଉଦ୍ଧାରକାରୀ ଦଳ ସୁଡଙ୍ଗ ଭିତରୁ ଆହୁରି ଅଧିକ ଲୋକଙ୍କ ସ୍ୱର ଶୁଣିବାକୁ ପାଇଛନ୍ତି, ଯାହାକି ଅଧିକ ଜୀବିତ ଲୋକଙ୍କୁ ଉଦ୍ଧାର କରିବାର ଆଶାକୁ ଦ୍ୱିଗୁଣିତ କରିଛି। ଉଦ୍ଧାର ହୋଇଥିବା ଦୁଇ ଜଣ କର୍ମଚାରୀ ହେଲେ ମେକାନିକାଲ୍ ଫୋରମ୍ୟାନ୍ ସଞ୍ଜୟ ସାହା ଏବଂ ମେକାନିକାଲ୍ ସୁପରଭାଇଜର କବୀର ମହାରଜନ। ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସାଂସଦ ତଥା ଇଞ୍ଜିନିୟର୍ ଶ୍ରୀରାମ ନେଉପାନେ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ନେପାଳ ସେନା ପକ୍ଷରୁ ସେମାନଙ୍କୁ ସୁଡଙ୍ଗରୁ ବାହାର କରାଯାଉଥିବାର ଏକ ଭିଡିଓ ମଧ୍ୟ ଜାରି କରାଯାଇଛି। ଉଦ୍ଧାର ପରେ ସଞ୍ଜୟ ସାହା କହିଛନ୍ତି ଯେ ଯେତେବେଳେ ବନ୍ୟା ଆସିଲା, ସେତେବେଳେ ସେ କଣ୍ଟ୍ରୋଲ ରୁମ୍‌ରେ ଥିଲେ। ଅନ୍ୟମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଚେତାବନୀ ଦେବାରେ ବ୍ୟସ୍ତ ରହି ଶେଷରେ ସୁଡଙ୍ଗ ଭିତରେ ଫସି ରହିଥିଲେ। ସେ ସେହି ଦିନଗୁଡ଼ିକରେ କେବଳ ଭଗବାନଙ୍କ ମନ୍ତ୍ର ଜପ କରି ସମୟ କାଟିଥିଲେ ବୋଲି ପ୍ରକାଶ କରିଛନ୍ତି। ସୁଡଙ୍ଗର ଗଭୀର ଅଞ୍ଚଳରେ ଏବେ ବି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ, ରାସୁଆ ଲାଙ୍ଗଟାଙ୍ଗ ଖୋଲା ଜଳବିଦ୍ୟୁତ୍ ପ୍ରକଳ୍ପରୁ ସେନା ଦୁଇଟି ମୃତଦେହ ଉଦ୍ଧାର କରିଛି। ଏହି ପ୍ରକଳ୍ପରେ ଏବେ ବି ୪୧ ଜଣ କର୍ମଚାରୀ



ନିଖୋଜ ଅଛନ୍ତି। ନେପାଳରେ ବନ୍ୟା ଏବଂ ଭୂସ୍ଖଳନ କାରଣରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବାବେଳେ ହଜାର ହଜାର ଲୋକ ନିଖୋଜ ରହିଛନ୍ତି। ଶେଷରେ, ଖରାପ ପାଗ ଏବଂ ଭଙ୍ଗା ପରିବହନ ବ୍ୟବସ୍ଥା ସତ୍ତ୍ୱେ ନେପାଳ ସେନା ଏବଂ ସଶସ୍ତ୍ର ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଛି। ସୁଡଙ୍ଗ ଭିତରୁ ଆସୁଥିବା ସ୍ୱର ଉଦ୍ଧାରକାରୀ ଦଳଙ୍କ ମନୋବଳକୁ ବଢ଼ାଇ ଦେଇଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ ଜୀବିତ ଲୋକଙ୍କୁ ଉଦ୍ଧାର କରାଯିବ ବୋଲି ଆଶା କରାଯାଉଛି।

## ମୃତ୍ୟୁସଂଖ୍ୟା ୧୨୮୭କୁ ବୃଦ୍ଧି, ୫ ହଜାରରୁ ଅଧିକ ନିଖୋଜ

ନେପାଳରେ ଭୟଙ୍କର ବନ୍ୟା ଯୋଗୁଁ ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ରିପୋର୍ଟ ପ୍ରକାଶ ପାଇବା ବେଳକୁ ମୃତ୍ୟୁସଂଖ୍ୟା ୧୨୮୭ କୁ ବୃଦ୍ଧି ପାଇଛି ଏବଂ ୫ ହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଦଶମ ଦିନରେ ପହଞ୍ଚିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୩ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ସଙ୍କଟଜନକ ପରିସ୍ଥିତିର ମୁକାବିଲା ପାଇଁ ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍, ନେପାଳୀ ସେନା, ନେପାଳ ପୁଲିସ ସମେତ ଚୀନ୍ ଏବଂ ଅଷ୍ଟ୍ରେଲିଆର ବିଶେଷଜ୍ଞ ଦଳ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ତ୍ରିଶୂଳୀ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ଭିତରୁ ପ୍ରାୟ ୭୦ ରୁ ୮୦ ମିଟର ଖୋଳି ଦୁଇ ଜଣ ଜୀବିତ ଶ୍ରମିକଙ୍କୁ ଉଦ୍ଧାର କରାଯିବା ଏକ ବଡ଼ ସଫଳତା ସାଜିଛି। ବନ୍ୟା କାରଣରୁ ରାସ୍ତାଘାଟ ଏବଂ ପୋଲ ଭାଙ୍ଗି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରଶାସନ ପକ୍ଷରୁ ହେଲିକପ୍ଟର ଏବଂ ଦଉଡି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ତିରୁପତି ମନ୍ଦିର ଅଧିକାରୀଙ୍କ ଘରୁ ୫ କୋଟିର ସମ୍ପତ୍ତି ଠାବ

ତିରୁପତି, ୪।୯(ଏଜେନ୍ସି): ଆୟଠାରୁ ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗରେ ତିରୁମାଳା ତିରୁପତି ଦେବସ୍ଥାନମ୍‌ର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ମେଣ୍ଟୁ ଲୋକନାଧମଙ୍କ ବିରୋଧରେ ଆନ୍ଧ୍ରପ୍ରଦେଶ ଦୁର୍ନୀତି ନିରୋଧକ ବ୍ୟୁରୋ (ଏସିବି) ମାମଲା ରୁଜୁ କରିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ପ୍ରାୟ ୫ କୋଟି ଟଙ୍କାର ସମ୍ପତ୍ତି ଓ ମୂଲ୍ୟବାନ ସାମଗ୍ରୀ ଠାବ ହୋଇଛି। ଏସିବିର ୭ଟି ଦଳ ଏକାସାଙ୍ଗରେ ତାଙ୍କ ଘର, ତିରୁମାଳା କାର୍ଯ୍ୟାଳୟ, ଅତିଥିଗୃହ ଓ ସମ୍ପର୍କୀୟଙ୍କ ସ୍ଥାନରେ ତଲାସୀ କରିଥିଲେ। ତାଙ୍କ ବ୍ୟାଙ୍କ ଲକର ମଧ୍ୟ ଯାଞ୍ଚ କରାଯାଇଛି। ତଲାସୀରେ ଜମି ଓ ଘରର ଦଲିଲ, ନଗଦ, ସୁନା-ରୁପା ଓ ଅନ୍ୟାନ୍ୟ ଆର୍ଥିକ ଦଲିଲ ମିଳିଥିବା ଏସିବି କହିଛି। ସମ୍ପର୍କୀୟଙ୍କ ଘରୁ ପ୍ରାୟ ୨ କିଲୋଗ୍ରାମ ସୁନା, ୧୨.୫ ଲକ୍ଷ ଟଙ୍କା ନଗଦ ଓ ୬.୫ କିଲୋଗ୍ରାମ ରୁପା ମିଳିଥିବା ଜଣାପଡ଼ିଛି। ତେବେ ଠାବ ସମ୍ପତ୍ତିର ବଜାରମୂଲ୍ୟ ପ୍ରାଥମିକ ଆକଳନଠାରୁ କେତେକ ଗୁଣ ଅଧିକ ହୋଇପାରେ ବୋଲି ଅଧିକାରୀମାନେ କହିଛନ୍ତି। ସମ୍ପତ୍ତିର ପ୍ରକୃତ ମୂଲ୍ୟ ଓ ତାହାର ଉତ୍ସ ଯାଞ୍ଚ ପରେ ସ୍ପଷ୍ଟ ହେବ। ସିବିଆଇ ପକ୍ଷରୁ ମିଳିଥିବା ସୂଚନା ଆଧାରରେ ଏହି ତଦନ୍ତ ଆରମ୍ଭ ହୋଇଥିବା ଏସିବି ସୂଚନା ଦେଇଛି। ମାମଲାର ତଦନ୍ତ ଜାରି ରହିଛି ଏବଂ ଅଭିଯୋଗଗୁଡ଼ିକ ଆଇନଗତ ପ୍ରକ୍ରିୟାରେ ପ୍ରମାଣିତ ହେବାକୁ ବାକି ଅଛି।



● ଆନ୍ଦୋଳନକାରୀଙ୍କ ବାପାଙ୍କୁ ଆକ୍ରମଣ ଅଭିଯୋଗ

# ସ୍ୱତନ୍ତ୍ର ଭରଦ୍ୱାଜ ଗିରଫ

ବୁଲନ୍ଦସହର, ୪।୯(ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରରେ ପରୀକ୍ଷା ପ୍ରଶ୍ନପତ୍ରଲିକ୍ ଆନ୍‌ଦୋଳନ ସମୟରେ ଛାତ୍ର ପ୍ରତିବାଦକାରୀଙ୍କ ପିତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସୋସିଆଲ ମିଡିଆ ପ୍ରଭାବୀ ତଥା କର୍ମୀ ସ୍ୱତନ୍ତ୍ର ଭରଦ୍ୱାଜକୁ ଉତ୍ତରପ୍ରଦେଶର ବୁଲନ୍ଦସହରରୁ ପୁଲିସ ହେପାଜତକୁ ନେଇଛି। ଧାମରା ନାରା ଗ୍ରାମ ନିକଟରୁ ତାଙ୍କୁ ଅଟକ ରଖାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ ପାଇଛି। ଜୁନ୍ ୨୩ ତାରିଖରେ ହୋଇଥିବା ଏହି ଆନ୍ଦୋଳନ ସମୟରେ ସଞ୍ଜୟ କୁମାର ନାମକ ବ୍ୟକ୍ତିଙ୍କ ମୁଣ୍ଡରେ ଆକ୍ରମଣ ହୋଇଥିବା ଏଫ୍‌ଆଇଆର୍ ରେ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଭାରଦ୍ୱାଜ ଏକ ପଡକାଷ୍ଟରେ ଗର୍ବର ସହ ମୁଣ୍ଡ ଫଟାଇ ଦେଇଥିବା ଏବଂ ରାଜନୈତିକ ସୁରକ୍ଷା ଯୋଗୁଁ ଜେଲ୍ ଯାଇନଥିବା ନେଇ ଦାବି କରିବା ପରେ ମାମଲା ପୁଣି ଥରେ ଚର୍ଚ୍ଚାକୁ ଆସିଥିଲା। ଏହି ଭିଡିଓ ଭାଇରାଲ ହେବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ବିଭିନ୍ନ ଦଳର ନେତାମାନେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଚାପ ବୃଦ୍ଧି ପାଇବା ପରେ ପୁଲିସ ମାମଲାରେ ଏସସି/ଏସଟି ଆଇନର ବିଭାଗଗୁଡ଼ିକୁ ଯୋଡ଼ିଥିଲା। ଅନ୍ୟପକ୍ଷରେ, ଭାରଦ୍ୱାଜ ଏହାକୁ ଆତ୍ମରକ୍ଷା ପାଇଁ କରାଯାଇଥିବା କାର୍ଯ୍ୟ ବୋଲି ଦାବି କରିଥିଲେ ଏବଂ ଭାଇରାଲ ପଡକାଷ୍ଟକୁ ମିଥ୍ୟା ବୋଲି କହିଥିଲେ। ବର୍ତ୍ତମାନ ପୁଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି।

● ୨୦୦୮ ମାଦକଦ୍ରବ୍ୟ ଜବତ ମାମଲା

# ୮୦ ବର୍ଷୀୟ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ୩ ବର୍ଷ ଜେଲ୍

ଚଣ୍ଡୀଗଡ଼, ୪।୯(ଏଜେନ୍ସି):୨୦୦୮ ମସିହାର କୋକେନ୍ ଜବତ ମାମଲା ସହ ଜଡ଼ିତ ଅର୍ଥ ହେରଫେର ମାମଲାରେ ମୋହାଲିର ସ୍ୱତନ୍ତ୍ର ଅଦାଲତ ୮୦ ବର୍ଷୀୟ ପୂର୍ବତନ ବାୟୁସେନା କର୍ମଚାରୀ ଦାରା ସିଂହ ଏବଂ ତାଙ୍କ ସହଯୋଗୀ ୭୭ ବର୍ଷୀୟ ଗୁରଦର୍ଶନ ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ଅର୍ଥ ହେରଫେର ନିରୋଧୀ ଆଇନ ଅନୁସାରେ ୩ ବର୍ଷ କଠୋର କାରାଦଣ୍ଡ ଓ ୫ ହଜାର ଟଙ୍କା ଲେଖାଏଁ ଜରିମାନା ହୋଇଛି। ମାମଲାରେ ଜବତ ହୋଇଥିବା ଦୁଇଟି ବ୍ୟାଙ୍କ ଚେକ୍‌କୁ ଅଦାଲତ 'ଅପରାଧରୁ ମିଳିଥିବା ସମ୍ପତ୍ତି' ବୋଲି ବିବେଚନା କରିଛନ୍ତି। ୨୦୦୮ ରେ ପୁଲିସ ଉଭୟଙ୍କଠାରୁ ୧.୨୩ କିଲୋଗ୍ରାମ କୋକେନ୍ ଜବତ କରିଥିଲା, ଯାହାର ସେତେବେଳେ ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ଥିଲା। ଏହାସହ ୧୦ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ବ୍ୟାଙ୍କ ଚେକ୍ ମଧ୍ୟ ଜବତ ହୋଇଥିଲା। ଦାରା ସିଂହ ୨୯ ବର୍ଷ ଭାରତୀୟ ବାୟୁସେନାରେ ସେବା କରି ଜୁନିୟର ୱାରେଣ୍ଟ ଅଫିସର ଭାବେ ଅବସର ନେଇଥିଲେ।

# ବଡ଼ଗାମ ଜଙ୍ଗଲରେ ଆତଙ୍କବାଦୀ ନିହତ

ଶ୍ରୀନଗର, ୪।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ବଡଗାମ ଜିଲ୍ଲା ଜଙ୍ଗଲରେ ଶୁକ୍ରବାର ସେନା, ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ୍‌ର ମିଳିତ ଅଭିଯାନରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଘଟଣାସ୍ଥଳରୁ ଏକ ଏକେ ରାଇଫଲ୍ ଜବତ କରାଯାଇଛି। ସୁରକ୍ଷାବାହିନୀକୁ ଆଉ ଜଣେ ଆତଙ୍କବାଦୀ ସେହି ଅଞ୍ଚଳରେ ଲୁଚିଥିବା ସନ୍ଦେହ ରହିଛି। ତେଣୁ ଆଶଦର ଗଲି ଜଙ୍ଗଲରେ ତଲାସୀ ଅଭିଯାନ ଜାରି ରହିଛି। ନିହତ ଆତଙ୍କବାଦୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅଧିକାରୀଙ୍କ ସୂଚନା ଅନୁସାରେ, ପୁଲୱାମା ଜିଲ୍ଲାର ପାଖେରପୋରା ଅଞ୍ଚଳରୁ କିଛି ସନ୍ଦିଗ୍ଧ ଆତଙ୍କବାଦୀ ବଡଗାମର ୟୁସମାର୍ଗ ଅଭିମୁଖେ ଯାଉଥିବା ଖବର ମିଳିଥିଲା। ଦ୍ୱିତୀୟ ଆତଙ୍କବାଦୀକୁ ଧରିବା ପାଇଁ ଜଙ୍ଗଲରେ ତଲାସୀ ଜାରି ରହିଛି।

● ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ

# ୱାଇ ୱାଇ ଭୁଜିଆକୁ ନେଇ ବଡ଼ ଅଭିଯୋଗ, ଉତ୍ପାଦନ ବନ୍ଦ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): ପ୍ରସିଦ୍ଧ ୱାଇ ୱାଇ ନୁଡୁଲ୍ସ ନିର୍ମାତା କମ୍ପାନୀର ରାଜସ୍ଥାନସ୍ଥିତ କାରଖାନାରେ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ ଆସିଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ଯାଞ୍ଚ ବେଳେ କାରଖାନା ଚଟାଣରେ ପଡ଼ିଥିବା ଭଙ୍ଗା ନୁଡୁଲ୍ସ ସଂଗ୍ରହ କରି ତାହାରୁ ଭୁଜିଆ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଯାଞ୍ଚରେ ଭଙ୍ଗା ନୁଡୁଲ୍ସକୁ ତାପ ଦେଇ ପ୍ରକ୍ରିୟାକରଣ ନ କରି ଭୁଜିଆ ତିଆରିରେ ବ୍ୟବହାର କରାଯାଉଥିବା ଅଧିକାରୀମାନେ ଦେଖିଥିଲେ। ଏହାପରେ ନିର୍ଦ୍ଦିଷ୍ଟ ୱାଇ ୱାଇ ଭୁଜିଆ ଉତ୍ପାଦର ନିର୍ମାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯାନ ସମୟରେ କାରଖାନାରୁ ପ୍ରାୟ ୩୨ ହଜାର କିଲୋଗ୍ରାମ ମାଲ ଜବତ କରାଯାଇଥିବା ବେଳେ ୧, ୯୨୫ ବାକ୍ସ ମିଆଦ ପୂର୍ଣ୍ଣ ଉତ୍ପାଦ ମଧ୍ୟ ମିଳିଥିଲା। ଅଧିକାରୀମାନେ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି ଏବଂ କମ୍ପାନୀ ବିରୋଧରେ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାରଖାନା ସିଜି ଫୁଡ୍ସ ଇଣ୍ଡିଆର ହୋଇଥିବା ବେଳେ ଏହା ନେପାଳର କୋଟିପତି ବ୍ୟବସାୟୀ ବିନୋଦ ଚୌଧୁରୀଙ୍କ ନେତୃତ୍ୱାଧୀନ ସିଜି କର୍ପ ଗ୍ଲୋବାଲ୍‌ର ଅଂଶ। ଦେଶବ୍ୟାପୀ ଖାଦ୍ୟ ଗୁଣବତ୍ତା ଓ ସ୍ୱଚ୍ଛତା ଯାଞ୍ଚ ଅଭିଯାନ ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଚର୍ଚ୍ଚାକୁ ଆସିଛି। କାରଖାନାରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗ ପରେ ଭୁଜିଆ ଉତ୍ପାଦନ ଉପରେ କଟକଣା ଲାଗିଛି ଏବଂ ବହୁ ପରିମାଣର ଖାଦ୍ୟ ଜବତ ହୋଇଛି।

ଏୟାରବସ୍ କିଣା ଦୁର୍ନୀତି

# ମହିନ୍ଦା ରାଜପାକ୍ଷେଙ୍କ ପୁଅ ଗିରଫ

କଲମ୍ବୋ, ୪।୯(ଏଜେନ୍ସି): ଶ୍ରୀଲଙ୍କାର ଦୁର୍ନୀତି ନିବାରଣ ସଂସ୍ଥା (ସିଆଇଏବିଓସି) ଶୁକ୍ରବାର ଦେଶର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ଷେଙ୍କ ସାଂସଦ ପୁଅ ନାମଲ ରାଜପାକ୍ଷେଙ୍କୁ ଗିରଫ କରିଛି। ୨୦୧୩ର ବିବାଦୀୟ ୨.୩ ବିଲିୟନ ଡଲାର ଏୟାରବସ ବିମାନ କ୍ରୟ ମାମଲାରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ୪୦ ବର୍ଷୀୟ ନାମଲଙ୍କୁ ପଚରାଉଚରା ପାଇଁ ଡକାଯିବା ପରେ ଗିରଫ କରାଯାଇଛି। ଶ୍ରୀଲଙ୍କା ଏୟାରଲାଇନ୍ସର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ କପିଳ ଚନ୍ଦ୍ରସେନା ତଦନ୍ତକାରୀଙ୍କ ନିକଟରେ ସ୍ୱୀକାର କରିଥିଲେ ଯେ ସେ ନାମଲ ରାଜପାକ୍ଷେଙ୍କୁ ପ୍ରାୟ ୫ ଲକ୍ଷ ଡଲାର ଲାଞ୍ଚ ଦେଇଥିଲେ। କିନ୍ତୁ ପରେ ଚନ୍ଦ୍ରସେନା ନିଜ ବୟାନରୁ ଓହରି ଯାଇଥିଲେ। ଏହାପରେ ଗତ ମେ ମାସରେ ତାଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ଏକ ମିଳିତ ତଦନ୍ତରୁ ଜଣାପଡ଼ିଛି ଯେ ଏୟାରବସ ଶ୍ରୀଲଙ୍କାରେ ପ୍ରାୟ ୧୬ ନିୟୁତ ଡଲାର ଲାଞ୍ଚ ପ୍ରଦାନ କରିବାକୁ ସହମତି ପ୍ରକାଶ କରିଥିଲା।

● ଭାରତୀୟ କମ୍ପାନୀ ସହ ୭୬୯ କୋଟିର ଗୋଳାବାରୁଦ ଚୁକ୍ତି ବିବାଦ

# ଇଷ୍ଟୋନିଆ ପ୍ରତିରକ୍ଷାମନ୍ତ୍ରୀଙ୍କ ଇସ୍ତଫା

ଟାଲିନ, ୪।୯(ଏଜେନ୍ସି): ୟୁକ୍ରେନ ପାଇଁ ଗୋଳାବାରୁଦ କିଣିବାକୁ ଭାରତୀୟ ମାଲିକାନାର କମ୍ପାନୀ ସହ ହୋଇଥିବା ପ୍ରାୟ ୭୦ ନିୟୁତ ୟୁରୋ (ପ୍ରାୟ ୭୬୯ କୋଟି ଟଙ୍କା)ର ଚୁକ୍ତିକୁ ନେଇ ବିବାଦ ତୀବ୍ର ହେବା ପରେ ଇଷ୍ଟୋନିଆର ପ୍ରତିରକ୍ଷାମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୨୦୨୪ରେ ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଇଟାଲୀରେ ପଞ୍ଜୀକୃତ ଡାଟାସେଲ୍‌ଫ ଏସ୍‌ଆର୍‌ଏଲ୍ ସହ ଚୁକ୍ତି କରିଥିଲା। ଏହି କମ୍ପାନୀକୁ ସେହି ବର୍ଷ ଭାରତର ନେକୋ ଡିଫେନ୍ସ ମ୍ୟୁନିସନ୍ସ ଅଧିଗ୍ରହଣ କରିଥିଲା। ଚୁକ୍ତି ଅନୁସାରେ ବିପୁଳ ପରିମାଣର ଅର୍ଥ ଅଗ୍ରିମ ଦିଆଯାଇଥିଲେ ମଧ୍ୟ ଗୋଳାବାରୁଦ ଯୋଗାଣରେ ବାରମ୍ବାର ବିଳମ୍ବ ହୋଇଥିଲା। ପରେ ଯୋଗାଣ ହୋଇଥିବା କିଛି ଗୋଳାବାରୁଦ ଗୁଣବତ୍ତା ମାନଦଣ୍ଡ ପୂରଣ କରି ନ ଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଇଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ପ୍ରତିରକ୍ଷା ଅର୍ଥ ଓ କ୍ରୟ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇବା ପରେ ମନ୍ତ୍ରୀ ପେଭକୁର ରାଜନୈତିକ ଦାୟିତ୍ୱ ଗ୍ରହଣ କରି ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ, ଡାଟାସେଲ୍‌ଫ ଚୁକ୍ତି ବାତିଲକୁ ଚ୍ୟାଲେଞ୍ଜ କରି ଏଷ୍ଟୋନିଆ ବିରୋଧରେ ଆଇନଗତ ପଦକ୍ଷେପ ନେଇଛି। କମ୍ପାନୀର ଦାବି, ସେ ପ୍ରାୟ ୫୯ ନିୟୁତ ୟୁରୋର ଗୋଳାବାରୁଦ ଯୋଗାଇଛି ଏବଂ ଗୁଣବତ୍ତା ସମ୍ପର୍କିତ ଅଭିଯୋଗକୁ ଅସ୍ୱୀକାର କରିଛି। ଅଡିଟ୍ ରିପୋର୍ଟ ଅନୁଯାୟୀ, ଯଦି ଦିଆଯାଇଥିବା ୟୁରୋପୀୟ ପାଣ୍ଠି ଫେରାଇ ଆଣିବା ସମ୍ଭବ ନହୁଏ, ତେବେ ପ୍ରାୟ ୭୦ ନିୟୁତ ୟୁରୋ ଇଷ୍ଟୋନିଆକୁ ନିଜ ରାଜକୋଷରୁ ଭରଣା କରିବାକୁ ପଡ଼ିପାରେ।

# ପଞ୍ଜାବୀ ଗାୟକ ବଲ୍‌ଜିତଙ୍କ ମୃତଦେହ ଉଦ୍ଧାର




ଲୁଧିଆନା, ୪।୯(ଏଜେନ୍ସି): ପଞ୍ଜାବୀ ଗାୟକ ଓ ଗୀତିକାର ବଲଜିତ ସିଂହଙ୍କ ମୃତଦେହ ଲୁଧିଆନାର ସୁଧାର ପଟ୍ଟି ଧଲିୱାଲ ଗାଁସ୍ଥିତ ତାଙ୍କ ଘରୁ ଉଦ୍ଧାର ହୋଇଛି। ୩୫ ବର୍ଷୀୟ ବଲଜିତଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପଡ଼ୋଶୀମାନେ ତାଙ୍କ ଘରୁ ଦୁର୍ଗନ୍ଧ ଆସୁଥିବା ଜାଣି ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ଘରର କବାଟ ଖୋଲି ବିଛଣା ଉପରେ ବଲଜିତଙ୍କ ମୃତଦେହ ପଡ଼ିଥିବା ଦେଖିଥିଲା। ମୃତଦେହ ସଢ଼ିବା ଆରମ୍ଭ ହୋଇଥିବାରୁ ତାଙ୍କର ପ୍ରାୟ ୪ରୁ ୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ମୃତଦେହ ନିକଟରେ ଶୁଖିଯାଇଥିବା ରକ୍ତ ମଧ୍ୟ ପୁଲିସ ଦେଖିଛି। ତେବେ ରକ୍ତସ୍ରାବ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି କି ନାହିଁ, ତାହା ଏବେ ତଦନ୍ତାଧୀନ। ଘଟଣାର ସତ୍ୟତା ଜାଣିବା ପାଇଁ ପୁଲିସ ଆଖପାଖ ଅଞ୍ଚଳର ନିରୀକ୍ଷଣ କ୍ୟାମେରା ଦୃଶ୍ୟ ଯାଞ୍ଚ କରୁଛି। ବଲଜିତଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ଘରକୁ କେହି ଆସିଥିଲେ କିମ୍ବା ସନ୍ଦେହଜନକ ଭାବେ କେହି ଯାତାୟାତ କରିଥିଲେ କି ନାହିଁ, ସେନେଇ ତଦନ୍ତ ଚାଲିଛି।

# ସୋନିଆଙ୍କ ସ୍ମୃତିକଥା ପ୍ରକାଶ କରିବ ହାର୍ପରକଲିନ୍ସ

ନୂଆଦିଲ୍ଲୀ, ୪।୯(ଏଜେନ୍ସି): କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବହୁଚର୍ଚ୍ଚିତ ସ୍ମୃତିକଥା 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍' ଏବେ ହାର୍ପରକଲିନ୍ସ ଇଣ୍ଡିଆ ପ୍ରକାଶ କରିବ। ପୂର୍ବରୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଏହି ପୁସ୍ତକ ପ୍ରକାଶ ନ କରିବା ନିଷ୍ପତ୍ତି ନେବା ପରେ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ହାର୍ପରକଲିନ୍ସର ଏହି ଘୋଷଣା ଆସିଛି। ପୁସ୍ତକଟି ନଭେମ୍ବର ୧୦ରେ ବିଶ୍ୱବ୍ୟାପୀ ଭାବେ ପ୍ରକାଶ ପାଇବ। ଏହି ସ୍ମୃତିକଥାରେ ସୋନିଆ ଗାନ୍ଧୀଙ୍କ ଜୀବନର ବିଭିନ୍ନ ଅଧ୍ୟାୟ ସ୍ଥାନ ପାଇବ। ଯୁଦ୍ଧୋତ୍ତର ଇଟାଲୀରେ ତାଙ୍କ ଶୈଶବରୁ ଆରମ୍ଭ କରି ଭାରତରେ ତାଙ୍କ ଜୀବନ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ବିବାହ ଏବଂ ଦଶନ୍ଧି ଧରି ଭାରତୀୟ ରାଜନୀତିର କେନ୍ଦ୍ରରେ ତାଙ୍କ ଭୂମିକା ସମ୍ପର୍କରେ ବିବରଣୀ ରହିବ। ହାର୍ପରକଲିନ୍ସ ଏହି ପୁସ୍ତକକୁ ଅତ୍ୟନ୍ତ ପ୍ରତୀକ୍ଷିତ ରାଜନୈତିକ ସ୍ମୃତିକଥାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଛି। ପୁସ୍ତକରେ ଭାରତର ଯାତ୍ରା ସମ୍ପର୍କରେ ଜଣେ ଭିତରୁ ଦେଖିଥିବା ବ୍ୟକ୍ତିଙ୍କ ଦୁର୍ଲଭ ଦୃଷ୍ଟିକୋଣ ମିଳିବ ବୋଲି ପ୍ରକାଶକ କହିଛନ୍ତି। ପୁସ୍ତକ ପ୍ରକାଶନକୁ ନେଇ ବିବାଦର ଆରମ୍ଭ ହୋଇଥିଲା ପେଙ୍ଗୁଇନ୍ ଇଣ୍ଡିଆ ଭାରତରେ ଏହାକୁ ପ୍ରକାଶ ଓ ବିତରଣ ନକରିବାର ନିଷ୍ପତ୍ତି ପରେ। ରିପୋର୍ଟ ଅନୁସାରେ, ପୁସ୍ତକର କିଛି ଅଂଶରେ ସମ୍ପାଦକୀୟ ପରିବର୍ତ୍ତନ ଓ କିଛି ଅଂଶ ବାଦ ଦେବାକୁ ପ୍ରକାଶକ ପକ୍ଷରୁ କୁହାଯାଇଥିଲା। ସୋନିଆ ଗାନ୍ଧୀଙ୍କ ଟିମ୍ ଏଥିରେ ସହମତ ହୋଇ ନ ଥିବା ଜଣାପଡ଼ିଛି। ଏହା ପରେ କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏବଂ ଭାରତ-ଚୀନ୍ ସମ୍ପର୍କ ସମ୍ବନ୍ଧୀୟ କିଛି ଅଂଶ ବାଦ ଦେବାକୁ ପେଙ୍ଗୁଇନ୍ ଚାହୁଁଥିଲା। କିଛି କଂଗ୍ରେସ ନେତା ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଆଘାତ ବୋଲି ମଧ୍ୟ କହିଥିଲେ। ଅନ୍ୟପକ୍ଷରେ, ପେଙ୍ଗୁଇନ୍ ଇଣ୍ଡିଆ ବାହ୍ୟ ଚାପ ଯୋଗୁଁ ପୁସ୍ତକ ପ୍ରକାଶନରୁ ଓହରିଥିବା ଅଭିଯୋଗକୁ ଖଣ୍ଡନ କରିଛି। ପ୍ରକାଶକ ପକ୍ଷରୁ କୁହାଯାଇଛି ଯେ ପୁସ୍ତକଟି ପ୍ରକାଶ କରିବାକୁ ସେମାନେ ବେଶ୍ ଆଗ୍ରହୀ ଥିଲେ ଏବଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ ଅଧିକାର ଥିଲା। ପ୍ରକାଶକଙ୍କ ମତରେ, ପୁସ୍ତକର ବିଷୟବସ୍ତୁ ଗୋପନୀୟ ଥିବାରୁ ବାହ୍ୟ ଚାପର ପ୍ରଶ୍ନ ଉଠୁନାହିଁ। ତେବେ ଆଲୋଚନା ସମୟରେ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଦୁଇ ପକ୍ଷ ମଧ୍ୟରେ ସହମତି ହୋଇପାରିନଥିଲା।

■ ପେଙ୍ଗୁଇନ୍‌ର ପଛଘୁଞ୍ଚିବାକୁ ନେଇ ବିବାଦ ତୀବ୍ର
■ ନଭେମ୍ବର ୧୦ରେ ପ୍ରକାଶ ପାଇବ 'ବିଲଙ୍ଗିଙ୍ଗ୍: ଏ ଜର୍ନି ଅଫ୍ ଲଭ୍'
■ ସୋନିଆଙ୍କ ଜୀବନ ଓ ରାଜନୈତିକ ଯାତ୍ରାର କାହାଣୀ




# ଅଭିଷେକଙ୍କ କାର୍ଯ୍ୟାଳୟ ଖାଲି କରିବାକୁ ନିର୍ଦ୍ଦେଶ

କୋଲକାତା, ୪।୯(ଏଜେନ୍ସି): ପଶ୍ଚିମବଙ୍ଗର କେନ୍ଦ୍ରୀୟ କୋଲକାତାରେ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଥିବା ଏକ ବହୁତଳ କୋଠାର ତଳ ମହଲା ସମେତ ତିନୋଟି ମହଲା ଖାଲି କରିବାକୁ ରାଜ୍ୟ ଅଗ୍ନିଶମ ବିଭାଗ ନିର୍ଦ୍ଦେଶ ଦେଇଛି। ଅଗ୍ନିନିରାପତ୍ତା ବ୍ୟବସ୍ଥାରେ ଗୁରୁତର ଅଭାବ ଥିବା ଯାଞ୍ଚରେ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଅଗ୍ନିଶମ ବିଭାଗର ଅଧିକାରୀଙ୍କ ଅନୁସାରେ, କୋଠାର ତଳ ମହଲାରେ କୌଣସି ପ୍ରଭାବୀ ଅଗ୍ନିନିରାପତ୍ତା ବ୍ୟବସ୍ଥା ମିଳିନଥିଲା। ଏହାକୁ ନେଇ କୋଠା ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇ ୪୮ ଘଣ୍ଟା ମଧ୍ୟରେ ଜବାବ ଦେବାକୁ କୁହାଯାଇଥିଲା। ନିର୍ଦ୍ଧାରିତ ସମୟରେ ଜବାବ ନମିଳିବା ପରେ ତଳ ମହଲା, ଷଷ୍ଠ ଓ ସପ୍ତମ ମହଲା ଖାଲି କରିବାକୁ ନିର୍ଦ୍ଦେଶ ଜାରି ହୋଇଛି।

ସକାଳ THE SAKALA
ଶନିବାର
୫ ସେପ୍ଟେମ୍ବର ୨୦୨୬



## ଓଡ଼ିଶାରୁ ଏଫ୍‌ସିଆଇ ଚାଉଳ ନ ଉଠାଇବା ପ୍ରସଙ୍ଗ

# ସରକାରଙ୍କ ଅପାରଗତା ପାଇଁ ଯୋଗାଣ ବ୍ୟବସ୍ଥା ଫେଲ୍ ମାରିଛି: ବିଜେଡି

ଭୁବନେଶ୍ୱର,୪।୯ (ସମିସ): ଓଡ଼ିଶାରେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଓଡ଼ିଶାକୁ ହତାଦର କରି ଅନ୍ୟ ରାଜ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି ଏଫସିଆଇ। ଓଡ଼ିଶାରୁ ଚାଉଳ ଉଠୁନଥିବାରୁ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱୀକାର କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା ବିଜେପି ସରକାର ଉପରେ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ ଯେ, ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ, କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କୁ ବିଶେଷ ପ୍ରୋତ୍ସାହନ ଦେଉଛି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରଗତି ଦୁଇ ଗୁଣିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା, ତାହା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଚାଷ ଆରମ୍ଭରୁ ଚାଷୀମାନେ ସାର ପାଇଁ ନାହିଁ ନଥିବା ଅସୁବିଧାର



ସମ୍ମୁଖୀନ ହେଉଛନ୍ତି। ଧାନ ପଞ୍ଜୀକରଣରେ ଅବ୍ୟବସ୍ଥା, ମଣ୍ଡିରେ କଟନି ଛଟନିର ଶିକାର, ମଣ୍ଡିରେ ମିଲର୍ ମାନଙ୍କ ଅରାଜକତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀକୂଳ। ବର୍ତ୍ତମାନ ଏଫସିଆଇ ଓଡ଼ିଶାରୁ ଚାଉଳ ନ ଉଠାଇବା ଯୋଗୁଁ ରାଜ୍ୟବ୍ୟାପୀ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାକୁ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟ ସମୟରେ ଗୁରୁତର ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସମାଧାନ କରିବା ବଦଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କର ଅସହାୟତାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଅସହାୟତା ପରେ ଓଡ଼ିଶାବାସୀଙ୍କ ନିକଟରେ

- ଚାଉଳ ନ ଉଠିବାରୁ ରାଜ୍ୟରେ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି
- ଓଡ଼ିଶାକୁ ଅଣଦେଖା କରି ଅନ୍ୟ ରାଜ୍ୟଙ୍କୁ ପ୍ରୋତ୍ସାହନ ଦେଉଛନ୍ତି କେନ୍ଦ୍ର ସରକାର
- ଏଫସିଆଇ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା ଯୋଗାଣ ମନ୍ତ୍ରୀ ସ୍ୱୀକାର କରିଛନ୍ତି

ଡବଲ ଇଞ୍ଜିନ ସରକାରଙ୍କ ମୁଖା ଖୋଲିଯାଇଛି। ଓଡ଼ିଶା ପ୍ରତି ବିଜେପି ସରକାର ଯେଉଁ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ମନ୍ତ୍ରୀଙ୍କ କଥା ଶୁଣି ଚାଷୀ କୂଳ ହତାସ ହୋଇଛି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାବେଳେ ଏଫସିଆଇ ସରକାରଙ୍କ ଏକ ଅଂଶବିଶେଷ। କିନ୍ତୁ ଏଫସିଆଇ ଓଡ଼ିଶା ସରକାରଙ୍କ କଥା ଶୁଣୁନଥିବା ମନ୍ତ୍ରୀ କହିଛନ୍ତି। ଜଣେ ବିଭାଗୀୟ ମନ୍ତ୍ରୀ ଏପରି କହିବା ଛୋଟ କଥା ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରୁ ସର୍ବାଧିକ ପରିମାଣର ଚାଉଳ ଉଠାଯାଇଥିଲା। ଓଡ଼ିଶା ୫ ଥର କୃଷି କର୍ମଣ ପୁରସ୍କାର ପାଇଥିଲା। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳି ଯାଇଛି। ଓଡ଼ିଶାରୁ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଥାଇ ଓଡ଼ିଆ ଅବହେଳିତ ହେବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ନିକଟରେ ଓଡିଶାର ସ୍ୱାର୍ଥ ପାଇଁ ମୁହଁ ନ ଖୋଲି ସାଂସଦମାନେ ଚୁପ ରହିବା ଅତ୍ୟନ୍ତ ନିନ୍ଦନୀୟ। ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ବାରମ୍ବାର ଉପେକ୍ଷିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରି ଓଡ଼ିଶାରୁ ଚାଉଳ ଉଠାନ୍ତୁ, ନଚେତ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଛନ୍ତି।

# ଦିଲ୍ଲୀ ଇଞ୍ଜିନ୍ ଓଡ଼ିଶା ଇଞ୍ଜିନ୍ କଥା ଶୁଣିବାରେ ବିଫଳ: କଂଗ୍ରେସ

## ଚାଉଳ ନ ଉଠିଲେ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଭୋଗିବେ କଷ୍ଟ

ଭୁବନେଶ୍ୱର,୪।୯ (ସମିସ): ଚାଷୀଙ୍କ ରୋଷରୁ ମୁକୁଳିବା ପାଇଁ ଡବଲ ଇଞ୍ଜିନ୍ ବିଜେପି ସରକାର ନୂଆ ସୂତ୍ର। କେନ୍ଦ୍ର ଓ ରାଜ୍ୟର କଳି ମଧ୍ୟରେ ରାଜ୍ୟର ଚାଷୀ ବଳି ପଡ଼ିବାକୁ ଯାଉଛନ୍ତି। ଧାନ ଉଠାଇବା କେନ୍ଦ୍ର ଦାୟିତ୍ୱ। ଏବେ ଡବଲ ଇଞ୍ଜିନ ସରକାରରେ ରାଜ୍ୟରୁ କାହିଁକି ଚାଉଳ ଉଠୁନାହିଁ ସରକାର ଓ ଦଳୀୟ ନେତାଙ୍କ ପାଟି ବନ୍ଦ ରହିଛି। ପୂର୍ବ ଘୋଷଣା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେଲେ ଓଡ଼ିଶାର ଚାଷୀ ହେବେ ଖୁସି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏବେ ଚାଷୀ ସବୁଠାରୁ ଦୁଃଖି ବୋଲି ରାଜ୍ୟ କଂଗ୍ରେସ କହିଛି। ରାଜ୍ୟରୁ ଏଫ୍‌ସିଆଇ ଚାଉଳ ଉଠାଉ ନ ଥିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୟାନ ଦେବା ପରେ ଏହାକୁ କଡ଼ା ସମାଲୋଚନା କରି ଏଆଇସିସି କିଷାନ୍ କଂଗ୍ରେସ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ଧାନ ସଂଗ୍ରହ ବେଳେ ପ୍ରତି କ୍ୱିଣ୍ଟାଲରେ ଜବରଦସ୍ତ ୫ ରୁ ୧୫ କେଜି କଟନୀ ଛଟନୀ। ଧାର୍ଯ୍ୟ ମୁତାବକ ୫୦ କ୍ୱିଣ୍ଟାଲ ଟୋକନ ପାଇଥିବା ଚାଷୀଙ୍କଠାରୁ ୨୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଉଛି। ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନାହିଁ। ଭାରତୀୟ ଖାଦ୍ୟ ନିଗମ ଜାଣିଶୁଣି ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏପରିକି ୩୦ ଲକ୍ଷ ଟନ୍ ଚାଉଳରୁ ଏବେ ମାତ୍ର ଏହାର ଏକ ଚତୁର୍ଥାଂଶ ଅର୍ଥାତ ୭.୨୮ ଲକ୍ଷ ଟନ୍ ଧାନ ଉଠିଛି। ଏଥିରୁ ଡବଲ ଇଞ୍ଜିନ ସରକାର ଚାଷୀଙ୍କ ପ୍ରତି କେତେ ଦରଦ ଓ ପାରିବାପଣିଆ କଥା ପଦାକୁ ଆସିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ଖୋଦ୍ ଯୋଗାଣ ମନ୍ତ୍ରୀ ଅସହାୟ ପ୍ରକାଶ କରିବା ଓ ଓଡ଼ିଶାରୁ ବିଜେପି ଦଳର ୨୦ଜଣ ସାଂସଦ ଦିଲ୍ଲୀକୁ ଯାଇଥିବା ବେଳେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଆଗରେ ପାଟି ଫିଟାଇବାରେ ଚୁପ୍ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ଏଫ୍‌ସିଆଇ ଚାଉଳ ନ ଉଠାଇଲେ ଚଳିତ ବର୍ଷର ଖରିଫ୍ ଧାନ ଆଉ ଉଠାଇବେ ନାହିଁ ବୋଲି ମିଲର୍ ସଂଘ ରୋକ୍‌ଠୋକ୍ ମନା କଲେଣି। ଯାହାଫଳରେ ଆଗାମୀ ଖରିଫ୍ ଧାନ ବିକ୍ରି ପାଇଁ ଚାଷୀ ଯେଉଁ ଜଟିଳ ସମସ୍ୟାର ସମ୍ମୁଖୀନ ହେବେ, ତାହା ଏବେଠୁ ଜଳଜଳ ଜଣା ପଡ଼ୁଛି। ଏଣୁ ଏହି ସମସ୍ୟାର ସମାଧାନ ପାଇଁ ସରକାର ଚାଷୀଙ୍କୁ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରନ୍ତୁ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ୨୦ଜଣ ବିଜେପି ସାଂସଦ ଚାଷୀଙ୍କ ସହିତ ଆଉ ଖେଳ ନ ଖେଳି ଏଫ୍‌ସିଆଇ ରାଜ୍ୟରୁ ତୁରନ୍ତ ଚାଉଳ ଉଠାଇବା ସହ ଆଗାମୀ ଦିନର ଚାଉଳକୁ ଉଠାଇବା ପାଇଁ ପ୍ରସ୍ତୁତ ହେବାକୁ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ନଚେତ୍ ରାଜ୍ୟର ଚାଷୀଙ୍କ କ୍ଷୋଭ ପାଇଁ ଆଗାମୀ ଦିନରେ ଡବଲ ଇଞ୍ଜିନ୍ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ଯୁବକଙ୍କ ଗଳାକାଟି ଗଛରେ ଟାଙ୍ଗିଦେଲେ

ନୟାଗଡ଼,୪।୯ (ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଗୋପୀନାଥପୁର ନିକଟ କାଜୁ ଜଙ୍ଗଲରୁ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଇଟାମାଟି ଥାନା କୋଡ଼ିଏକାହାଣିଆଁର ଭରତ ବେହେରାଙ୍କ ପୁଅ ମାନସ ବେହେରା। ସେଠାରେ ଛୁରି, ମାନସଙ୍କ ବାଇକ୍ ଓ ମୋବାଇଲ ମିଳିଛି। ବେକରେ ଛୁରି ଭୁସି ହତ୍ୟା ପରେ ଗଛରେ ଝୁଲାଇ ଦିଆଯାଇଥିବା



ସନ୍ଦେହ କରାଯାଉଛି। ମାନସ ଭୁବନେଶ୍ୱରରେ ରହି କାମ କରନ୍ତି। ଜନ୍ମାଷ୍ଟମୀ ପାଇଁ ଗତକାଲି ଅପରାହ୍ନରେ ସେ ବାଇକ୍ ଯୋଗେ ଗାଁକୁ ଆସୁଥିଲେ। ରାତି ପ୍ରାୟ ୭ଟାରେ ମା'ଙ୍କୁ ଫୋନ୍ କରି କଥା ହୋଇଥିଲେ। ରାତି ୧୦ଟା ସୁଦ୍ଧା ଘରେ ନ ପହଞ୍ଚିବାରୁ ପରିବାର ଲୋକେ ଫୋନ୍ କରିଥିଲେ ମଧ୍ୟ ସେ ଆଉ ଫୋନ୍ ଉଠାଇ ନ ଥିଲେ। ଘର ଲୋକେ ବହୁ ଖୋଜାଖୋଜି କରି ଭୋରରୁ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ସକାଳେ ଖୋଜାଖୋଜି ପରେ ଗାଁଠାରୁ ୫ କିମି ଦୂର ରାସ୍ତା ପାର୍ଶ୍ୱ କାଜୁ ଜଙ୍ଗଲରୁ ତାଙ୍କ ଗାଡ଼ି ଏବଂ ମୃତଦେହ ଠାବ କରାଯାଇଛି। ମାନସଙ୍କ ବେକରେ ଛୁରି ଆଘାତ ଥିବା ବେଳେ ମୁହଁରେ କଳା ସେଲୋ ଟେପ୍ ମରାଯାଇ ମୃତଦେହକୁ କାଜୁ ଗଛରେ ଓହଳାଇ ଦିଆଯାଇଛି। ମାନସଙ୍କର କାହା ସହିତ ଶତ୍ରୁତା ନ ଥିବା ପରିବାର ଲୋକେ କହିଛନ୍ତି। ଘଟଣାସ୍ଥଳରେ ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଦୁର୍ଦ୍ଦାନ୍ତ ଅପରାଧୀକୁ ସିମୁଳିଆ ପୁଲିସର ଏନ୍‌କାଉଣ୍ଟର

ବାଲେଶ୍ୱର/ସିମୁଳିଆ, ୪।୯ (ସମିସ): ଏକ ଡକାୟତି ଯୋଜନା ପଣ୍ଡ କରିବାକୁ ଯାଇ ସିମୁଳିଆ ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ ବିହାରର ଲୋକେଶ ସିଂହକୁ ଏନ୍‌କାଉଣ୍ଟ କରିଛି। ଆହତ ଅବସ୍ଥାରେ ତାକୁ କାବୁ କରି ପୁଲିସ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକଲ ଜବତ ହୋଇଛି। ଫେରାର୍ ହୋଇଯାଇଥିବା ଲୋକେଶର ସହଯୋଗୀମାନଙ୍କୁ ଧରିବା ପାଇଁ ୩ ଜିଲ୍ଲାରେ ହାଇ ଆଲର୍ଟ ସହ ପୁଲିସ ପକ୍ଷରୁ ଚଢ଼ଉ ଓ ତଦନ୍ତ ଜାରି ରହିଥିବା ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିୱାକର ସୂଚନା ଦେଇଛନ୍ତି।



- ଗୁଳିବିଦ୍ଧ ଲୋକେଶ ମେଡିକାଲରେ ଭର୍ତ୍ତି
- ବନ୍ଧୁକ, ଅଫୁଟା ଗୁଳି ଓ ବାଇକ୍ ଜବତ
- ବିହାରରୁ ଆସି ବାଲେଶ୍ୱର ଜିଲ୍ଲାରେ ଚଳାଇଥିଲା ଅପରାଧିକ ସିଣ୍ଡିକେଟ୍

ସିମୁଳିଆ ଥାନା ପୁଲିସ ଗୁରୁବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ରାଣୀତାଲ କୁପାରୀ ରାସ୍ତାର ଅଡ଼ା ଛକରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଡକାୟତି ଉଦ୍ଦେଶ୍ୟରେ ଏକତ୍ରିତ ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ସିମୁଳିଆ ପୁଲିସର ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଦୁଇଟି ମୋଟରସାଇକଲ ନିକଟରେ ୫ ଜଣ ସନ୍ଦିଗ୍ଧଙ୍କୁ ଦେଖି ସେମାନଙ୍କୁ ଅଟକାଇ ପଚରାଉଚରା କରିବାକୁ ଉଦ୍ୟମ କରିଥିଲା। ହେଲେ ପୁଲିସକୁ ଦେଖି ସେମାନେ ବାଇକ୍ ଯୋଗେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। କିଛି ଦୂର ଯିବା ପରେ ଗୋଟିଏ ବାଇକ୍‌ରେ ଥିବା ଲୋକେଶ ସିଂହ ଓ ତା'ର ଜଣେ ସହଯୋଗୀ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଏହି ସୁଯୋଗରେ ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଲୋକେଶ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଜବାବରେ ଲୋକେଶର ବାମ ଗୋଡ଼ରେ ଗୁଳି ବାଜିଥିଲା। ଲୋକେଶ ସହ ଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଖସି ପଳାଇବାରେ ସକ୍ଷମ ହୋଇଛି।

ଲୋକେଶ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ତା' ନାମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରେ ଚୋରି, ଡକାୟତି ସହ ପ୍ରାୟ ୧୦ଟି ମାମଲା ରହିଛି। ବିହାରରୁ ଆସି ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ଚଳାଇଥିବା ଲୋକେଶ ପ୍ରାୟ ମାସେ ତଳେ ସୋର ଜେଲ୍‌ରୁ ମୁକୁଳିଥିଲା। ଜେଲ୍‌ରୁ ବାହାରିବା ପରେ ପୁଣି ଡକାୟତି ଯୋଜନା ଚଳାଇଥିଲା।



## କାନ୍ଥ ଭୁଶୁଡ଼ି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ମହାକାଳପଡ଼ା/ମାର୍ଶାଘାଇ, ୪।୯ (ସମିସ): ଗତକାଲି ବିଳମ୍ବିତ ରାତିରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଦଳିତ ସାହିରେ ଘଟିଛି। ମୃତକ ହୃଷିକେଶ ଜେନା। ତାଙ୍କ ସ୍ତ୍ରୀ ରେଣୁବାଳା ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ଲଗାଣ ବର୍ଷା ଯୋଗୁଁ ଘରର ମାଟିକାନ୍ଥ ଦୁର୍ବଳ ହୋଇଯାଇଥିଲା। ହୃଷିକେଶ ଓ ତାଙ୍କ ସ୍ତ୍ରୀ ରେଣୁବାଳା ଶୋଇଥିବା ସମୟରେ ହଠାତ୍ କାନ୍ଥଟି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। କାନ୍ଥ ଭୁଶୁଡ଼ିବା ଶବ୍ଦ ଓ ଚିତ୍କାର ଶୁଣି ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ମାଟି ତଳୁ ସ୍ୱାମୀ-ସ୍ତ୍ରୀଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ହୃଷିକେଶ ଜେନାଙ୍କୁ ମୃତ ଘୋଷଣା କରିଥିଲେ। ରେଣୁବାଳା ଜେନା ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏ ଘଟଣା ପରେ ତୁଳସୀପୁର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗୋବରୀ ନଦୀ ଘେରିବନ୍ଧ ୨୦୦ ଫୁଟ ଧସିଲା

## ଗ୍ରାମବାସୀ ଆତଙ୍କିତ, ବିଭାଗୀୟ ଅବହେଳା ଅଭିଯୋଗ

ମହାକାଳପଡ଼ା, ୪।୯ (ସମିସ): ମହାକାଳପଡ଼ା ବ୍ଲକ୍ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ କଂସାର ନିକଟରେ ଗୋବରୀ ନଦୀର ତଟବନ୍ଧ ବିଭାଗ ଘେରିବନ୍ଧର ପ୍ରାୟ ୨୦୦ ଫୁଟ ଧସିଯାଇଛି। ଫଳରେ ନଦୀକୂଳିଆ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବାବେଳେ ବିଭାଗୀୟ ଅବହେଳାକୁ ନେଇ



ସ୍ଥାନୀୟ ଲୋକ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବିଜୟନଗର ସେକ୍ସନ ପକ୍ଷରୁ ଏହି ସ୍ଥାନରେ ପୂର୍ବରୁ କରାଯାଇଥିବା ପଥର ପ୍ୟାକିଂ ନିମ୍ନମାନର ଥିଲା। ଘେରିବନ୍ଧରେ ନାମକୁ ମାତ୍ର ପଥର ପ୍ୟାକିଂ କରାଯାଇଥିବାରୁ ନଦୀର ପ୍ରବଳ ସ୍ରୋତକୁ ଏହା ପ୍ରତିରୋଧ କରିପାରି ନ ଥିଲା। ପଥର ଧସିଯିବା ସହ ଘେରିବନ୍ଧର ଏକ ବଡ଼ ଅଂଶ ନଦୀଗର୍ଭକୁ ଚାଲିଯାଇଛି। ଅନ୍ୟପକ୍ଷରେ ନଦୀର ଅପର ପାଶ୍ୱର୍ରେ ଚିଙ୍ଗୁଡ଼ି ଘେରି ରହିଥିବାରୁ ଘେରିବନ୍ଧ ଧସିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରା ନ ଗଲେ, ଆଗାମୀ ଦିନରେ ବଡ଼ ବିପଦ ସୃଷ୍ଟି ହେବା ନେଇ ଗ୍ରାମବାସୀ ଆଶଙ୍କା କରୁଛନ୍ତି। ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଘେରିବନ୍ଧର ସ୍ଥାୟୀ ସୁରକ୍ଷା ପାଇଁ ଉଚ୍ଚମାନର ପଥର ପ୍ୟାକିଂ ସହ ଆବଶ୍ୟକ ପ୍ରତିରୋଧକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗୁରୁ ଦିବସରେ ଶିକ୍ଷକଙ୍କୁ ମିଳିବନି ସମ୍ମାନ

ଭୁବନେଶ୍ୱର, ୪।୯ (ସମିସ): ଆସନ୍ତାକାଲି ଅର୍ଥାତ୍ ଗୁରୁ ଦିବସରେ ଶିକ୍ଷକଙ୍କୁ ମିଳିବନି ସମ୍ମାନ। ଶିକ୍ଷା ଓ ଶିକ୍ଷାନୁଷ୍ଠାନରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମିଳୁଥିବା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହକୁ ଘୁଞ୍ଚାଇ ଦିଆଯାଇଛି। ସମସ୍ତ ପ୍ରସ୍ତୁତି ସରିବା ପରେ କାର୍ଯ୍ୟକ୍ରମର ମାତ୍ର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଜରୁରୀ ସରକାରୀ କାର୍ଯ୍ୟ ଥିବାରୁ ଏହାକୁ ବାତିଲ କରାଯାଇଥିବା ନେଇ ପଞ୍ଚସଖା ଶିକ୍ଷାସେତୁ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏପରି ନିଷ୍ପତ୍ତି ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

- ଅନିର୍ଦ୍ଦିଷ୍ଟ କାଳ ଘୁଞ୍ଚିଲା 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହ
- ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଢ଼ିଲା ଅସନ୍ତୋଷ

ଗୁରୁ ଦିବସରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହ ପାଇଁ ଅଡିଟୋରିଅମ୍ ବୁକ୍ କରିବା ସହ ସମସ୍ତ ପ୍ରସ୍ତୁତି ସରିଥିଲା। ପୁରସ୍କାର ପାଇବାକୁ ଥିବା ଶିକ୍ଷକଶିକ୍ଷୟତ୍ରୀଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇଥିଲା। ସେବା ପାଇଁ ସମ୍ମାନ ପାଇବାର ଦିନକ ପୂର୍ବରୁ କାର୍ଯ୍ୟକ୍ରମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କେବେ ସମ୍ମାନ ପ୍ରଦାନ କରାଯିବ, ସେନେଇ କୌଣସି ସ୍ୱଷ୍ଟତା ମଧ୍ୟ ନାହିଁ। ସରକାର ଓ ଗଣଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଗୁରୁ ଦିବସରେ ଶିକ୍ଷକଙ୍କୁ ଏକପ୍ରକାର ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷାର ମାନ ବୃଦ୍ଧି, ଶିକ୍ଷକଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି ଏବଂ ଉତ୍କୃଷ୍ଟ ଶିକ୍ଷାଦାନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ବ୍ୟବସ୍ଥା ଆରମ୍ଭ କରାଯାଇଛି। ପୂର୍ବ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ଏହି ପୁରସ୍କାର ତୃତୀୟ ବର୍ଷରେ ପହଞ୍ଚିଥିବାବେଳେ ମୋଟ ୧୨ଟି ବର୍ଗରେ ପୁରସ୍କାର ଦିଆଯାଉଛି। ଗତ ୧ ତାରିଖରେ ପୁରସ୍କାର ପାଇବାକୁ ଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ନାମ ଘୋଷଣା ହେବା ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିଲା। ମାତ୍ର ୨ ଦିନ ପରେ ବିଭାଗର ନିଷ୍ପତ୍ତି ବଦଳିଯିବା ପରେ ସମସ୍ତ ଆଶା ଓ ଉତ୍ସାହ ପାଣିରେ ପଡ଼ିଛି। ଅପରପକ୍ଷରେ ୨୦୨୩-୨୪ ଶିକ୍ଷାବର୍ଷରେ ୫ଟି ବର୍ଗର ପୁରସ୍କାର ଘୋଷଣା ହୋଇ ନଥିଲା। ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ, ପୁରାତନ ଛାତ୍ରଛାତ୍ରୀ କମିଟି, ବ୍ଲକ ଏବଂ ଗ୍ରାମପଞ୍ଚାୟତ ବର୍ଗରେ ପୁରସ୍କାର ଘୋଷଣା କରାଯାଇ ନ ଥିବା ବେଳେ ଚଳିତ ଥର ଅର୍ଥାତ୍ ୨୦୨୫-୨୬ ରେ ଏହାକୁ ଘୋଷଣା କରିବା ବିଭାଗର କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୨୦ ଦିନରେ ସମନ୍ୱୟ ସମିତିର ଧାରଣା

# ଆଜି ଶିକ୍ଷକ ଓ ଅଧ୍ୟାପକଙ୍କ ମହାସମାବେଶ

ଭୁବନେଶ୍ୱର, ୪।୯ (ସମିସ): ଶିକ୍ଷକ ଓ ଅଧ୍ୟାପକଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଉଛନ୍ତି। ପରବର୍ତ୍ତୀ ସମୟରେ ପ୍ରତାରଣା କରୁଛନ୍ତି। ସରକାରୀ ଉଦାସୀନତା ଓ କାଳକ୍ଷେପଣ ନୀତି ଯୋଗୁଁ ରାଜ୍ୟର ଲକ୍ଷାଧିକ ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧକାର ହୋଇ ପଡ଼ୁଛି। ଦାବି ପୂରଣ ପାଇଁ ଦୀର୍ଘ ୨୦ ଦିନ ଧରି ହଜାର ହଜାର ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଧାରଣାରେ ବସିଥିଲେ ମଧ୍ୟ ସରକାର ନୀରବ ଦର୍ଶକ ସାଜିଛନ୍ତି। ଏଣୁ ଆସନ୍ତା କାଲି ଗୁରୁଦିବସ ଅବସରରେ ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ମହାସମାବେଶ କରିବେ ବୋଲି 'ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି' ପକ୍ଷରୁ କୁହାଯାଇଛି।

ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ ରାଜ୍ୟର କୋଣଅନୁକୋଣରୁ ପ୍ରାୟ ୪୦ ହଜାର ଶିକ୍ଷକ ଶିକ୍ଷୟତ୍ରୀ ଆନ୍ଦୋଳନକୁ ଓହ୍ଲାଇବେ। ରାଜରାସ୍ତାରେ ଗୁରୁଦିବସ ପାଳିବେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହିତ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ, ପେନସନ୍, ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନ୍‌ସନ୍ ପ୍ରଦାନ, ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଗ୍ରେଡ୍‌ପେ ଅସଂଗତି ଦୂରୀକରଣ, ଅବସର ବୟସ ସୀମା ୬୨କୁ ବୃଦ୍ଧି, ବେସରକାରୀ ଶିକ୍ଷାନୁଷ୍ଠାନରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ, ଛାତ୍ରବୃତ୍ତି, ଶିକ୍ଷା ଉପକରଣ, ପୋଷାକ ଓ ସାଇକଲ୍ ପ୍ରଦାନ କରିବା ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇ କାହିଁକି ପ୍ରତାରଣା କରୁଛନ୍ତି ବୋଲି ପ୍ରଶ୍ନ କରିବେ। କାଳକ୍ଷେପଣ ନୀତି ସଦୃଶ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରି ୬ ମାସରେ ରିପୋର୍ଟ ଦେବାକୁ କହିଥିବାବେଳେ ଏହାର କାର୍ଯ୍ୟକାଳକୁ ପୁଣି ୬ ମାସ ବୃଦ୍ଧି କରିବା ପଛରେ କ'ଣ ରହସ୍ୟ ରହିଛି ବୋଲି ସରକାରଙ୍କୁ ପଚାରିବେ। ଗୁରୁ ଦିବସ ପରି ପବିତ୍ର ଦିନରେ ଓଡ଼ିଶାର ଶିକ୍ଷା ଓ ଶିକ୍ଷକ ସମାଜ ପାଇଁ ଆସନ୍ତାକାଲି ଏକ କଳା ଇତିହାସ ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ସେମାନଙ୍କ ଦାବି ତ୍ୱରିତ ପୂରଣ ନ କଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କୁ କଂଗ୍ରେସର ସମର୍ଥନ

# ଆବଶ୍ୟକ ହେଲେ ଏହି ପ୍ରସଙ୍ଗରେ ଆନ୍ଦୋଳନ କରିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୪।୯ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନ କ୍ରମେ ଭୁବନେଶ୍ୱର ସମେତ ସାରା ଓଡ଼ିଶାର ସହସ୍ରାଧିକ ସରକାରୀ ଓ ବେସରକାରୀ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କ ମଧ୍ୟରେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସରକାର ସଂପୃକ୍ତ ଶିକ୍ଷକ, କର୍ମଚାରୀଙ୍କ ନ୍ୟାୟୋଚିତ୍ତୋ ଦାବି ପୂରଣ ନେଇ କୌଣସି ମୁଣ୍ଡ ଖେଳାଉ ନ ଥିବାରୁ ଏ ନେଇ ରାଜ୍ୟ କଂଗ୍ରେସ ସଭାପତ ଭକ୍ତ ଚରଣ ଦାସ୍ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଆବଶ୍ୟକ ପଡ଼ିଲେ କଂଗ୍ରେସ ସେମାନଙ୍କର ଦାବି ପୂରଣ ନେଇ ରାଜ୍ୟ ବ୍ୟାପି ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ଦାସ ଏକ ପ୍ରେସ ବିବୃତିରେ ରାଜ୍ୟ ସରକାରଙ୍କ ଉପରେ ଜୋରଦାର ଆକ୍ରମଣ କରି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ଦାୟିତ୍ୱହିନତା ଯୋଗୁଁ ଆଜି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଚରମ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜୀବନଜୀବିକାର ପ୍ରମୁଖ ଦାବି ପୂରଣ ନେଇ ଶିକ୍ଷକ ଓ କର୍ମଚାରୀଙ୍କ ପରିବାର, ପିଲା ଛୁଆଙ୍କ ସହିତ ଆନ୍ଦୋଳନ ପରିସରକୁ ଆଜିକୁ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ହେବ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ। ଗୋଟିଏ ପଟରେ ରାଜ୍ୟ ସରକାର ନୂତନ ଶିକ୍ଷା ବ୍ୟବସ୍ଥାକୁ ନେଇ ଡିଣ୍ଡିମ ପିଟୁଥିଲାବେଳେ ସଂପୃକ୍ତ ଶିକ୍ଷକ, କର୍ମଚାରୀଙ୍କ ଦାବିଗୁଡିକ ପ୍ରତି ଦୃଷ୍ଟି ନ ଦେବା କଥାରୁ ସରକାରଙ୍କର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ ନେଇ ଦୋ-ମୁଁହା ନିତୀ ଆପଣେଇଥିବା ସ୍ୱଷ୍ଟ ପ୍ରତିପାଦିତ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି। ସଂପୃକ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ଅନୁଦାନ ପ୍ରଦାନ, ଷଷ୍ଠ ଓ ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ଦରମା ପ୍ରଦାନ, ସ୍ଥାୟୀକରଣ ଓ ପେନସନ ବ୍ୟବସ୍ଥା ଆଦି ଦାବି ରହିଛି। ଏହାକୁ ଭକ୍ତ ଯୁକ୍ତିଯୁକ୍ତ କହିବା ସହ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କୁ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରଦାନ ପାଇଁ ହକଦାର ବୋଲି ସେ କହିଛନ୍ତି। ସରକାର ଶିକ୍ଷକ ସମାଜର ମାନସମ୍ମାନ ଓ ପ୍ରତିଷ୍ଠା ରକ୍ଷା ପାଇଁ ସେମାନଙ୍କର ଦାବିଗୁଡିକୁ ତୁରନ୍ତ ମାନି ନେବା ଉଚିତ୍। ସରକାରଙ୍କ ଏଭଳି ମନୋଭାବ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ସହ ସମଗ୍ର ରାଜ୍ୟବାସୀଙ୍କୁ ଅତ୍ୟନ୍ତ ବ୍ୟଥିତ କରିଛି। ଶିକ୍ଷକ ଓ କର୍ମଚାରୀ ସମାଜ ନିଜର ଅଧିକାର ପାଇଁ ସେମାନଙ୍କ ସହିତ କଂଗ୍ରେସ ରହିଛି। ଯଦି ସରକାର ତୁରନ୍ତ ସେମାନଙ୍କର ନ୍ୟାୟୋଚିତ ଦାବି ପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

# ଆଦର୍ଶ ଷ୍ଟେସନ୍‌ରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

ରାଉରକେଲା,୪।୯ (ସମିସ): ରେଳ ଟିକଟ କନ୍‌ଫର୍ମ କରିଦେବାକୁ କହି ଜଣେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି। ଘଟଣାଟି ଘଟିଛି ମଡେଲ ଷ୍ଟେସନ ଭାବେ ପରିଚିତ ରାଉରକେଲା ରେଳ ଷ୍ଟେସନରେ। ପ୍ଲାଟଫର୍ମ ନମ୍ବର-୧ର ଅଫିସର୍ସ ରେଷ୍ଟ ହାଉସ୍ (ଓଆରଏଚ୍) ନିକଟରେ ଥିବା ଭାଲ୍‌ଭ ରୁମ୍‌ରେ ଯୁବତୀଙ୍କୁ ଉକ୍ତ ରେଳ କର୍ମଚାରୀ ଦୁଷ୍କର୍ମ କରିଥିବା ଏତଲାରୁ ଜଣାପଡ଼ିଛି। ଏନେଇ ମହିଳା ଯାତ୍ରୀ ଜଣକ ରାଉରକେଲା ଜିଆର୍‌ପି ଥାନାରେରେ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ରେଳ କର୍ମଚାରୀ ହେଲେ କପିଳେଶ୍ୱର ସିଂହ(୫୪)।

- ଅଭିଯୁକ୍ତ ରେଳ କର୍ମଚାରୀ ଗିରଫ
- ଟିକଟ କନ୍‌ଫର୍ମ ଆଳରେ ବଳାତ୍କାର

ସୂଚନା ଯେ, ନୂଆପଡ଼ା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁବାର ଭୋର୍‌ରେ ବେଙ୍ଗାଲୁରୁ ଯିବାକୁ ରାଉରକେଲା ରେଳ ଷ୍ଟେସନରେ ପହଞ୍ଚିଥିଲେ। ତାଙ୍କ ପାଖରେ କନଫର୍ମ ଟିକଟ୍ ନଥିଲା। ଏହି ସମୟରେ ଆଇଓଡବ୍ଲ୍ୟୁ ବିଭାଗରେ କାର୍ଯ୍ୟରତ ଭାଲ୍‌ଭ ମ୍ୟାନ୍ କପିଳେଶ୍ୱରଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେ କନଫର୍ମ ରେଳ ଟିକଟ୍ କରାଇଦେବାକୁ ପ୍ରତିଶ୍ରୁତି ଦେଇ ଓଆରଏଚ୍ ନିକଟସ୍ଥ ଭାଲ୍‌ଭ ରୁମ୍‌କୁ ନେଇ ଯାଇଥିଲେ। ସେଠାରେ ତାଙ୍କ ସହ ଦୁଷ୍କର୍ମ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଆର୍‌ପି ଟିମ୍ ଯୁବତୀଙ୍କୁ ଘଟଣା ଘଟିଥିବା ଭାଲ୍‌ଭ ରୁମ୍‌କୁ ନେଇ ତଦନ୍ତ କରିଥିଲା। ସେଠାରେ ସେ କପିଳେଶ୍ୱରଙ୍କୁ ଅଭିଯୁକ୍ତ ଭାବେ ଚିହ୍ନଟ କରିଥିବା ପୁଲିସ କହିଛି। ଏହାପରେ ଜିଆର୍‌ପି ତାଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ରାଉରକେଲା ସରକାରୀ ହସ୍ପିଟାଲରେ କରାଯାଇଛି। ଏନେଇ ଜିଆର୍‌ପି ଥାନାରେ ନଂ.୧୨୬/୨୦୨୬ରେ ବିଏନ୍‌ଏସ୍‌ର ଧାରା ୬୪(୨)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି।



## ମହିଳା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ

ରେଳ ଷ୍ଟେସନ ପରିସରରେ ଆର୍‌ପିଏଫ୍ ଓ ଜିଆର୍‌ପିର ଉପସ୍ଥିତି ସତ୍ତ୍ୱେ ଏଭଳି ଘଟଣା ରେଳ ଷ୍ଟେସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଏହି ଘଟଣାକୁ ନେଇ ଚକ୍ରଧରପୁର ରେଳ ମଣ୍ଡଳର ସିନିୟର ଡିସିଏମ୍ ଆଦିତ୍ୟ ଚୌଧୁରୀ କହିଛନ୍ତି ଯେ, ମାମଲା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଉଛି। ଅଭିଯୁକ୍ତ ରେଳ କର୍ମଚାରୀଙ୍କ ବିରୋଧରେ ରେଳବାଇ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନାଲକୋନଗରର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ଜାରି





## ଅସ୍ଥାୟୀ ଦୋକାନ ଆବଣ୍ଟନକୁ ଦଲାଲମୁକ୍ତ କରିବାକୁ ଦାବି

## ଷ୍ଟଲ ହିତାଧିକାରୀଙ୍କ ନାମ ଓ ବ୍ୟବସାୟ ଉଲ୍ଲେଖ କରାଯାଉ

ଅନୁଗୋଳ/ନାଲକୋନଗର, ୪।୯ (ସମିସ): ଚଳିତ ମାସ ୧୭ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ଅନୁଗୋଳ ନାଲକୋ ନଗରରେ ଠାରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେବ। ଏନେଇ ୧୯ଟି ପୂଜା କମିଟି ପକ୍ଷରୁ କଲୋନୀ ପରିସର ମଧ୍ୟରେ ଥିବା ପୂଜା ମଣ୍ଡପରେ ରାଜ୍ୟ ବାହାରୁ କାରିଗର ଆସି ମଣ୍ଡପ, ତୋରଣ ନିର୍ମାଣ କାର୍ଯ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି।ସପ୍ତାହ ବ୍ୟାପୀ ମେଳା ମହୋତ୍ସବ ଅବସରରେ ଓରମାସ ପକ୍ଷରୁ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଆୟୋଜନ ହେଉଥିବା ବେଳେ ମିନା ବଜାର, ଦୋଳି, ଫୁଡ଼ ବଜାର , ହ୍ୟାଣ୍ଡଲୁମ, ପ୍ରଜ୍ଞାପନ, ସ୍ୱାସ୍ଥ୍ୟଗତ ଓ ଧର୍ମୀୟ ସଚେତନତା ମୂଳକ ଷ୍ଟଲ, ବିଭିନ୍ନ ପ୍ରକାର ବିକ୍ରୟ ଓ ପ୍ରଦର୍ଶନୀ ମେଳାରେ ସମାବେଶ ପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ଲୋକ ସେମାନଙ୍କ ବିପଣି ନେଇ ଅସସିଥାନ୍ତି। ନାଲକୋ ପକ୍ଷରୁ ସେମାନଙ୍କୁ ଆଶ୍ରୟ ଓ ଶୌଚାଦି ,ପାନୀୟଜଳ, ବିଦ୍ୟୁତ ସଂଯୋଗ ନିଃଶୁଳ୍କ ପ୍ରଦାନ କରୁଥିବା ବେଳେ ନିର୍ଦ୍ଧାରିତ ମୂଲ୍ୟରେ ବର୍ଗଫୁଟ ପରିସୀମା ହିସାବରେ ଦୋକାନ ଗୃହ ପାଇଁ ଷ୍ଟଲ ଯୋଗାଇ ଦିଆଯାଇ ଥାଏ। ଏହି ଷ୍ଟଲ ଆବଣ୍ଟନ ପ୍ରକ୍ରିୟା ପଲ୍ଲୀଶ୍ରୀ ମେଳା ବ୍ୟତୀତ ଅନ୍ୟ ସମସ୍ତ ଅସ୍ଥାୟୀ ଦୋକାନ ବଜାର ନିମିତ୍ତ ନିର୍ଦ୍ଦିଷ୍ଟ ଫର୍ମାଟ ଓ ସମୟସୀମା ମଧ୍ୟରେ ଆବେଦନ କରିବାକୁ ପଡିଥାଏ। ଯାହା ଦ୍ୱାରା ବାହାର ଅଞ୍ଚଳରୁ ଆସି ଏହି ପ୍ରକ୍ରିୟାରେ ଅନେକ ସାମିଲ ହୋଇ ପାରନ୍ତି ନାହିଁ। ବାହାର ଅଞ୍ଚଳର ବ୍ୟବସାୟୀଙ୍କୁ ଫର୍ମ କିଣିବା ପାଇଁ ସ୍ଥାନୀୟ ଦଲାଲ ମାନେ ଧାଡ଼ିରେ ଠିଆ ହେବାକୁ ସୁଯୋଗ ଦିଅନ୍ତି ନାହିଁ। ଶୁକ୍ରବାର ଫର୍ମ ବିକ୍ରୟ କେନ୍ଦ୍ରରେ ଏ ନେଇ ଉତେଜନା ପ୍ରକାଶ ପାଇବାରୁ କିଛି ସମୟ ପାଇଁ କାଉଣ୍ଟର ବନ୍ଦ ରଖା ଯାଇଥିଲା।ନାମକୁ ମାତ୍ର ଲଟେରୀ ସିଷ୍ଟମ ଜରିଆରେ ସ୍ଥାନୀୟ ଅଞ୍ଚଳର କିଛି ଦଲାଲ ଜଣେ ଜଣେ ବ୍ୟକ୍ତି ଏକାଧିକ ଷ୍ଟଲ ହାତେଇବାରେ ସକ୍ଷମ ହେଉଛନ୍ତି। ବାହାର ଅଞ୍ଚଳରୁ ଆସିଥିବା ବ୍ୟବସାୟୀଙ୍କ ଠାରୁ ଉଚ୍ଚା ଦରରେ ଟଙ୍କା ଅସୁଲ କରିଥାନ୍ତି। ଦୁଇ ତିନି ଗୁଣା ଅଧିକ ରେଟରେ ଦଲାଲ ମାନେ ବେଆଇନ ଭାବେ ଟଙ୍କା ଆଦାୟ କରିଥାନ୍ତି। ନାଲକୋ ପୂଜା ପରିଚାଳନା କମିଟି ଦ୍ୱାରା ପ୍ରାୟ ୫୦୦ ଅସ୍ଥାୟୀ ଦୋକାନ ଷ୍ଟଲ ଆବଣ୍ଟନରେ ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ରକୃତ ବ୍ୟବସାୟୀ ମାନେ ଷ୍ଟଲ ଟିଏ ପାଇବାରୁ ବଞ୍ଚିତ ହୋଇ ଯେନତେନ ଉପାୟରେ ଦଲାଲଙ୍କ ଠାରୁ ଷ୍ଟଲ ଟିଏ ପାଇବାକୁ ଦୁଇ ତିନି ଗୁଣା ଅଧିକ ଟଙ୍କା ଦେଇ ଜଗାଟିଏ ପାଉଛନ୍ତି। ଯାହାଦ୍ୱାରା ବ୍ୟବସାୟୀ ମାନେ ଅଧିକ ରେଟରେ

ଦୋକାନ ଷ୍ଟଲର ମୁଲ୍ୟକୁ ଭରଣା କରିବାକୁ ଗ୍ରାହକ ଉପରେ ଲଦି ଦିଅନ୍ତି।ପଣ୍ୟ ସାମଗ୍ରୀରେ ଆକାଶ ଛୁଆଁ ରେଟ ଲଗାନ୍ତି।ବିଶେଷ କରି ଫୁଡ଼ ବଜାରରେ ମୁଲ୍ୟ ଆହେତୁକ ଭାବେ ବ୍ୟବସାୟୀ ମାନେ ବଢ଼ାଇ ଦିଅନ୍ତି। ପ୍ରତିବର୍ଷ ଦୁର୍ଗାପୂଜା ପାଇଁ ନାଲକୋ ପରିଚାଳନା ପକ୍ଷରୁ ସର୍ବଜନୀନ ଦୁର୍ଗାପୂଜା କମିଟିକୁ ଦୁର୍ଗାପୂଜା ଗ୍ରାଉଣ୍ଡ ଆବଣ୍ଟନ କରାଯାଇଥାଏ। ଏଠାରେ ଅସ୍ଥାୟୀ ଷ୍ଟଲ୍ ନିର୍ମାଣ ଓ ଆବଣ୍ଟନରୁ ମିଳୁଥିବା ରାଜସ୍ୱ ନାଲକୋ ନଗରରେ ଦୁର୍ଗାପୂଜା ଆୟୋଜନର ଖର୍ଚ୍ଚ ପୂରଣରେ ବ୍ୟବହାର କରାଯାଏ। ସେହିପରି, ଚଳିତ ବର୍ଷ ମାଉସୀ ମା' ମନ୍ଦିର ପଡ଼ିଆକୁ ମଧ ସମାନ ଉଦ୍ଦେଶ୍ୟରେ ଜଗନ୍ନାଥ ମନ୍ଦିର କମିଟିକୁ ଆବଣ୍ଟନ କରାଯାଇଛି।ଏହି ଦୁଇଟି ସ୍ଥାନର ଦୋକାନ ଷ୍ଟଲ ଆବଣ୍ଟନରେ ଚଳିତ ବର୍ଷ ଅନିୟମିତତା ହେଉଥିବା ଆଶଙ୍କା ହେଉଛି। ନାଲକୋ ପ୍ରଶାସନର ବିନା ଅନୁମତିରେ କୋ ଅପରେଟିଭ ମାର୍କେଟ ଠାରେ ଦୋକାନ ପାଇଁ ଷ୍ଟଲ ନିର୍ମାଣ ହେଉଛି। ଜାହାଦ୍ୱାର ଦୁର୍ଗାପୂଜା କମିଟି ରାଜସ୍ୱ ହରାଇବ ଏବଂ ଆସନ୍ତା ଦୁର୍ଗାପୂଜା ଅର୍ଥ ପାଇଁ ପ୍ରଭାବିତ ହେବ ବୋଲି ଆଶଙ୍କା ଦେଖାଯାଉଛି। କିଛି ଦଲାଲଙ୍କ ହାତ ବାରିସୀ ହୋଇ ପ୍ରଶାସନ ନିରବଦ୍ରଟା ପାଲଟିଛି।ସୂଚନା ଯୋଗ୍ୟ ଯେ ଗତବର୍ଷ ଷ୍ଟଲ ଆବଣ୍ଟନରେ ଅନିୟମିତତା ଦର୍ଶାଇ ମାମଲା ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚି ଥିଲା।ଯାହା ଦ୍ୱାରା ନାଲକୋ ପ୍ରଶାସନିକ ଅଧିକାରୀ ମାନେ ଏହି ଆବଣ୍ଟନ ପ୍ରକ୍ରିୟା ରୁ ଓହରି ଯାଇଥିଲେ। ଅପରପକ୍ଷରେ ପୂଜା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକର ନିଷ୍ପତି ଅନୁଯାୟୀ ରାସ୍ତା ପାଶ୍ୱର୍ରେ ଦୋକାନ ବସିବାକୁ ବାରଣ କରିବା ସ୍ତେ କୋଅପରେଟିଭ ମାର୍କେଟ ସମ୍ମୁଖ ରାସ୍ତାରେ ଦୋକାନ ଷ୍ଟଲ ନିର୍ମାଣ ହୋଇଥିବା ଦେଖିବାକୁ ମିଳୁଛି। ନାଲକୋ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ବଣ୍ଟନ



ଅନୁଗୋଳ,୪।୯ (ସମିସ): ମୁଖ୍ୟମନ୍ତ୍ରୀ କିଷାନ୍ ସମ୍ମାନନିଧି (ସିଏମ୍ କିଷାନ୍) ଯୋଜନାର ପଞ୍ଚମ କିସ୍ତି ଶୁକ୍ରବାର ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷାସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଛନ୍ତି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଆଭାସୀ ମାଧ୍ୟମରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସିଏମ୍ କିଷାନ୍ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବର୍ଷକୁ ୨ କିସ୍ତିରେ ପ୍ରତିବର୍ଷ ୨୦୦୦ ଟଙ୍କା ହିସାବରେ ମୋଟ ୪୦୦୦ ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଭୂମିହୀନ ଚାଷୀଙ୍କୁ ୩ କିସ୍ତିରେ ୧୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହି କିସ୍ତିରେ ଜିଲ୍ଲାର ୧ ଲକ୍ଷ ୪୮ ହଜାର ୯୨୬ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୯ କୋଟି ୬୮ ଲକ୍ଷ ୫୨ ହଜାର ଟଙ୍କା ଏବଂ ୨୦୭ ଭୂମିହୀନ ଚାଷୀଙ୍କୁ ୮ ଲକ୍ଷ ୬୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ମୁରଲୀଧର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଜୟରାମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟଲୋଚନ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର କୃଷି ଅଧିକାରୀ, ବିଭାଗୀୟ ଅଧିକାରୀ ଓ କୃଷକ ଉପସ୍ଥିତ ଥିଲେ। ଆତ୍ମା ଉପ-ପ୍ରକଳ୍ପ ନିର୍ଦ୍ଦେଶିକା ପ୍ରଭାତୀ ରାମ ମଞ୍ଚ ପରିଚାଳନା କରିଥିଲେ।

# ରାସ୍ତା ମରାମତି କଲେ ଅଞ୍ଚଳବାସୀ



ବଇଣ୍ଡା, ୪।୯ (ସମିସ): ବଇଣ୍ଡା ସାପ୍ତାହିକ ହାଟ ପଡ଼ିଆ ରାସ୍ତାକୁ ଶୁକ୍ରବାର ଅଞ୍ଚଳବାସୀ ମରାମତି କରିଛନ୍ତି। ଏହି ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ବେଳେ ବ୍ଲକ ପ୍ରଶାସନ ମରାମତି କରୁ ନ ଥିବାରୁ ଲୋକେ ହଇରାଣ ହେଉଥିଲେ। ଅଞ୍ଚଳବାସୀ ନିଜ ଅର୍ଥରେ ରାସ୍ତାରେ ମାଟି ପକାଇ ମରାମତି କରିଛନ୍ତି। ଅଞ୍ଚଳବାସୀ କହିବା ଅନୁଯାୟୀ ଏହି ରାସ୍ତା ଦେଇ ଅନେକ ଲୋକ ଯାତାୟାତ କରୁଛନ୍ତି। ସାପ୍ତାହିକ ହାଟକୁ ମଧ ହଜାର ହଜାର ଗ୍ରାହକ ଓ ବ୍ୟବସାୟୀ ଆସୁଛନ୍ତି। ହେଲେ ରାସ୍ତାର ମରାମତି କରାଯାଉ ନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅପୂର୍ଣ୍ଣ ହେଇଯାଉଛି। ଲୋକେ କାଦୁଅରେ ପଶି ଯିବାଆସିବା କରୁଛନ୍ତି। ରାସ୍ତା ମରାମତି ପାଇଁ ବହୁବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳିବାରୁ ନିଜେ ମରାମତି କରିଥିବା କହିଛନ୍ତି।

# ବିକଟାଳ ଶବ୍ଦ କରୁଥିବା ୧୫ରୁ ଅଧିକ ଗାଡ଼ି ଜବତ



ଅନୁଗୋଳ,୪।୯ (ସମିସ): ସାଇଲେନ୍ସର ବଦଳାଇ ବିକଟାଳ ଶବ୍ଦ କରୁଥିବା ଅମାନିଆ ବାଇକ୍ ଚାଳକଙ୍କ ବିରୋଧରେ ଅନୁଗୋଳ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଏପରି ୧୫ରୁ ଅଧିକ ବାଇକ୍ ଜବତ କରାଯାଇଛି। ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିଥିଲା, ଫଳରେ ଅମାନିଆ ଚାଳକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।

କିଛି ଯୁବକ ବାଇକର ମୂଳ ସାଇଲେନ୍ସର ବଦଳାଇ ଅଧିକ ଶବ୍ଦ ହେଉଥିବା ମଡିଫାଏଡ୍ ସାଇଲେନ୍ସର ଲଗାଉଥିଲେ। ଏହି ଗାଡ଼ିଗୁଡ଼ିକ ରାସ୍ତାରେ ଭୟଙ୍କର ଶବ୍ଦ କରି ଯିବା ସମୟରେ ଅନ୍ୟ ଯାତ୍ରୀ ଓ ଗାଡ଼ି ଚାଳକ ଭାରି ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଏହାଦ୍ୱାରା ରାସ୍ତାରେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଥିଲା। ଏହି ସମସ୍ୟା ନେଇ ସାଧାରଣରେ ବାରମ୍ବାର ଅସନ୍ତୋଷ ପ୍ରକାଶ ପାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ପୁଲିସର ଏହି ପଦକ୍ଷେପ ପରେ ସହରରେ ବେପରୁଆ ଗାଡ଼ି ଚାଳନା କମିବ ବୋଲି ଆଶା କରାଯାଉଛି।

# ଗଣ୍ଡଗୋଳକୁ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ତାଳଚେର,୪।୯ (ସମିସ): ପାରିବାରିକ କଳହକୁ କେନ୍ଦ୍ରକରି ପନିକିରେ ହାଣିବା ତାଳଚେର ଏସଡିଜେଏମଙ୍କ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ଏନଟିପିସି ଥାନା ବିଜୁଗୁଲୁର ରୋହିତ ସାହୁ ଓ ତାଙ୍କ ସ୍ତ୍ରୀ ମଞ୍ଜୁ ସାହୁ। ୨୦୨୫ ଜୁଲି ୨୧ ତାରିଖ ପାରିବାରିକ ଗଣ୍ଡଗୋଳକୁ ନେଇ ମଞ୍ଜୁ ବେହେରା ଏନଟିପିସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ତଦନ୍ତ ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ଥାନା ଏସ୍ଆଇ ମୁରଲୀଧର ପଣ୍ଡା ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲେ। ଆସିଷ୍ଟାଣ୍ଟ ପିପି ବିନୟ ନନ୍ଦ, ବିପୁଲ ବଳ, ତନୁଜା ପ୍ରଧାନ ଓ ମାନସ ପରିଡ଼ା ମାମଲା ପରିଚାଳନା କରିଥିଲେ।

# ମା' ମହାପାଟଙ୍କ ବାର୍ଷିକ ଯାତ୍ରା ପ୍ରସ୍ତୁତି ବୈଠକ



ବଅଁରପାଳ, ୪।୯ (ସମିସ): ବଅଁରପାଳ ବ୍ଲକ ଅନ୍ତର୍ଗତ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟ ଦେବୀଙ୍କ ତୁଳସୀପାଳ ଗ୍ରାମସ୍ଥିତ ଫଟାକାଞ୍ଜିଆ ଠାରେ ହେବାକୁ ଥିବା ବାର୍ଷିକ ପୂଜାପାଇଁ ଏକ ପ୍ରସ୍ତୁତି ବୈଠକ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ କମିଟି ସଭାପତି ଲୋକନାଥ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମା'ଙ୍କ ବାର୍ଷିକ ଯାତ୍ରା ଓ ଶୋଭାଯାତ୍ରା କିପରି ଶାନ୍ତି ଓ ଶୃଙ୍ଖଳାର ସହ ଅନୁଷ୍ଠିତ ହେବ, ଯାତ୍ରାକୁ ଆସୁଥିବା ବ୍ୟବସାୟୀ ମାନେ କିପରି ଯାତ୍ରାପଡିଆରେ ସୁରୁଖୁରୁରେ ବ୍ୟବସାୟ କରିବେ ଓ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ କିପରି ଶୃଙ୍ଖଳିତ ଦର୍ଶନ କରିବେ,ସେ ବିଷୟରେ ଆଲୋଚନା କରାଯିବା ସହ ଗତ ବର୍ଷର ଓ ଚଳିତ ବର୍ଷର ଖର୍ଚ୍ଚ ହିସାବ କରା ଯାଇଥିଲା। ଅଞ୍ଚଳରେ ଦଳହାତୀଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ବନ ବିଭାଗର ସାହାଯ୍ୟ ନେବାପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଅର୍ଥାତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଦିନ ମା'ଙ୍କ ବାର୍ଷିକ ପୂଜା କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ କମିଟି ସମ୍ପାଦକ ଭଜମନ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ଓ ଉଭୟ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି।

## ଏମ୍ଏମ୍ଡିଆର୍ ଆଇନ୍ ପ୍ରତ୍ୟାହାର ଦାବି

# ୯ରେ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଆନ୍ଦୋଳନ

ଅନୁଗୋଳ,୪।୯ (ସମିସ): ଦେଶୀ ବିଦେଶୀ ପୁଞ୍ଜିପତି ଓ କର୍ପୋରେଟ୍ମାନଙ୍କ ସ୍ୱାର୍ଥରେ କେନ୍ଦ୍ର ବିଜେପି ସରକାରଙ୍କ ଦ୍ୱାରା ସଂସଦରେ ବିନା ଆଲୋଚନାରେ ଗୃହୀତ ହୋଇଥିବା ଚରମ ଜନସ୍ୱାର୍ଥ ବିରୋଧୀ ଏମ୍ଏମ୍ଡିଆର୍ ସଂଶୋଧିତ ଆଇନ୍-୨୦୨୬ ପ୍ରତ୍ୟାହାର ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଦାବି କରାଯାଇଛି। ଏହି ଆଇନ୍ ଦ୍ୱାରା ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାର ବ୍ୟାପକ ଆର୍ଥିକ କ୍ଷତି ହେବା ସହ ସ୍ଥାନୀୟ ଅଧିବାସୀଙ୍କ ଜମି, ଜଙ୍ଗଲ ଓ ଜୀବିକା ଅଧିକାର ଗୁରୁତର ଭାବରେ କ୍ଷତିଗ୍ରସ୍ତ ହେବ। ଏହି ଆଇନ୍ ଦ୍ୱାରା ରାଜ୍ୟ ସରକାର ଖଣିଜ ସମ୍ପଦ ଉପରେ ପୂର୍ବରୁ ଆଦାୟ କରୁଥିବା ରାଜସ୍ୱ, ଖଣି ଟିକସ, ସେସ୍ ଆଦାୟ କରିପାରିବେ ନାହିଁ। ଏପରିକି ଖଣିଜ ସମ୍ପଦ ସମୃଦ୍ଧ ଜିଲ୍ଲାଗୁଡ଼ିକର ଉନ୍ନତି ପାଇଁ ଜିଲ୍ଲା ଖଣିଜ ପାଣ୍ଠି ମଧ୍ୟ ଆଦାୟ କରାଯାଇ ପାରିବ ନାହିଁ। ଖଣିଜ ସମ୍ପଦ ଉପରେ ଟିକସ ଆଦାୟ କରିବାର ଏକାଧିପତ୍ୟ ଅଧିକାର କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ। ଫଳରେ କେନ୍ଦ୍ର ସରକାର ଖଣିଜ ସମ୍ପଦକୁ ନିଜ ଇଚ୍ଛାନୁଯାୟୀ ନିଜ ସ୍ୱାର୍ଥରକ୍ଷା କରୁଥିବା ଶିଳ୍ପପତି ଓ କର୍ପୋରେଟ୍ମାନଙ୍କ ହାତରେ ଟେକିଦେଇ ପାରିବେ। ରାଜ୍ୟ ସରକାର ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଇବେ। ଖଣିଜ ସମ୍ପଦର ମନଇଚ୍ଛା ଲୁଣ୍ଠନ ଫଳରେ ରତ୍ନଗର୍ଭା ଓଡ଼ିଶା ଖୁବ୍ଶୀଘ୍ର ଶୂନ୍ୟ ହୋଇପଡ଼ିବ ବୋଲି ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଅଭିଯୋଗ କରାଯାଇଛି।

କର୍ପୋରେଟ୍ମାନଙ୍କ ସ୍ୱାର୍ଥରେ କାର୍ଯ୍ୟକାରୀ ହେଉଥିବା ଜନସ୍ୱାର୍ଥ ବିରୋଧୀ ଏମ୍ଏମ୍ଡିଆର୍ ସଂଶୋଧିତ ଆଇନ୍-୨୦୨୬ ଅବିଳମ୍ବେ ପ୍ରତ୍ୟାହାର କରିବା, ରାଜ୍ୟମାନଙ୍କ ଖଣିଜ ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷିତ ରଖିବା, ଖଣିଜ ସମ୍ପଦଶାଳୀ ରାଜ୍ୟମାନଙ୍କ ବକେୟା ରାଜସ୍ୱ ଆଦାୟର ଅଧିକାର ସୁରକ୍ଷିତ ରଖିବା, ଖଣି ଖନନ ପୂର୍ବରୁ ଗ୍ରାମସଭା, ଆଦିବାସୀ ଅଧିକାର, ଜଙ୍ଗଲ ଅଧିକାର ଓ ପରିବେଶ ଆଇନର ସମସ୍ତ ସୁରକ୍ଷା ଅଖଣ୍ଡ ରଖିବା, ସ୍ଥାନୀୟ ଅଧିବାସୀଙ୍କ ଜମି, ଜଳ, ଜଙ୍ଗଲ ଓ ଜୀବିକାର ଅଧିକାର ସୁରକ୍ଷା ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ସମେତ ୪ଟି ବାମପନ୍ଥୀ ଦଳ ପକ୍ଷରୁ ସେପ୍ଟେମ୍ବର ୧ରୁ ୧୦ ତାରିଖ ରାଜ୍ୟବ୍ୟାପୀ ଆନ୍ଦୋଳନ ପରିପ୍ରେକ୍ଷୀରେ ସେପ୍ଟେମ୍ବର ୯ରେ ଅନୁଗୋଳ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଶୁକ୍ରବାର ଶିକ୍ଷକପଡ଼ାଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଖଣିଜ ସମ୍ପଦ ସମୃଦ୍ଧ ଅନୁଗୋଳ ଜିଲ୍ଲାର ସାମଗ୍ରୀକ ସ୍ୱାର୍ଥରକ୍ଷା ପାଇଁ ଆନ୍ଦୋଳନରେ ଜିଲ୍ଲାର ବୁଦ୍ଧିଜୀବୀ, ଜନସାଧାରଣଙ୍କ ସମେତ ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ଜନସାଧାରଣ ଯୋଗଦେବାକୁ ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ମାନସୀ ସ୍ୱାଇଁ, କୈଳାସ ସାହୁ, ରଣଜିତ ପ୍ରଧାନ ପ୍ରମୁଖ ଆହ୍ୱାନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ








କିଶୋରନଗର,୪।୯ (ସମିସ): କିଶୋରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଧୁମଧାମରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ କୁନି ପୁଅଝିଅମାନେ କୃଷ୍ଣ, ରାଧା, ଗୋପାଳ, ସୁଦାମା, ଯଶୋଦା, ନନ୍ଦରାଜା, କଂସ ମହାରାଜ, ସୁଦେବ ଆଦି ବେଶରେ ସଜ୍ଜିତ ହୋଇ କିଶୋରନଗର ସହର ପରିକ୍ରମା କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାମନ୍ଦିରର ସମ୍ପାଦକ ଅମୂଲ୍ୟ ବିଶ୍ୱାଳ ଓ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିରର ତପ ଗୁରୁମା, ମିନୁ ଗୁରୁମା, ଲିପା ଗୁରୁମା, ଲୋଜି ଗୁରୁମା, ରେନି ଗୁରୁମା, ରଶ୍ମି ଗୁରୁମା, ଡୋନା ଗୁରୁମା, ପ୍ରିୟଙ୍କା ଗୁରୁମା, ଜନନୀ ଗୁରୁମା, ଝିଲି ଗୁରୁମା, ରାଜଲକ୍ଷ୍ମୀ ଗୁରୁମା, ଲୋନି ଗୁରୁମା, କିଶୋର ଗୁରୁଜୀ, ବୁଲୁ ଗୁରୁଜୀ ଓ ସେବିକା ପୁଷ୍ପା ଅପା ସହଯୋଗ କରିଥିଲେ।

**ବଇଣ୍ଡା:** ବଇଣ୍ଡା ଶିଶୁ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଶ୍ମିତା ଦାସ, ମୁଖ୍ୟବକ୍ତା ଭାବେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପରିଚାଳିକା ବିନୋଦିନୀ ସାହୁ, ସମ୍ମାନିତ ଅତିଥି ଭାବେ ସସ୍ମିତା ସାହୁ, ସୁମିତାରାଣୀ ପ୍ରଧାନ, ପରିଚାଳନା ସମିତି ସଭାପତି ଶରତ ଚନ୍ଦ୍ର ସାହୁ, ସମ୍ପାଦକ ନିତ୍ୟାନନ୍ଦ ବାରିକ, ଉପସଭାପତି ଚୈତନ୍ୟ ବେହେରା ଯୋଗଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧା ବେଶରେ ଉପସ୍ଥିତ ଥିଲେ। ଏଥିରେ ଦହିହାଣ୍ଡି ଭଙ୍ଗାଯିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟା ରଶ୍ମିତା ମହାନ୍ତି, ସୋମାଲିନ ସାହୁ, ପ୍ରମୋଦିନୀ ପ୍ରଧାନ, ସୁଷମା ପ୍ରଧାନ, ଇତିଶ୍ରୀ ସାହୁ, ମମତା ବିଶ୍ୱାଳ, ଅନ୍ନପୂର୍ଣ୍ଣା ରାଉତ ସହଯୋଗ କରିଥିଲେ। ସେହିପରି ବଇଣ୍ଡା ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ସକାଳୁ ପୂଜକ ମଦନ ମୋହନ ମିଶ୍ର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ବହୁ ଶ୍ରଦ୍ଧାଳୁ ରାଧାକୃଷ୍ଣଙ୍କୁ ଦର୍ଶନ କରିଥିଲେ। ଏଥିସହ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ନରେନ୍ଦ୍ର ବେହେରା ଓ ତାଙ୍କ ସାଥୀ ଭଜନ ପରିବେଷଣ କରିଥିଲେ। ଗ୍ରାମର ଅରବିନ୍ଦ ସାହୁ, ମାନସ ସାହୁ, ଲକ୍ଷ୍ମୀଧର ବେହେରା, ପରୀକ୍ଷିତ ସାହୁ, ସଞ୍ଜୟ ସାହୁ, ଲଛମନ ଦାସଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

**ଅନୁଗୋଳ:** ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଆର୍ଏସ୍ଏସ୍ର ଜିଲ୍ଲା ପ୍ରମୁଖ ବିଜୟ କୁମାର



ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଯୁକ୍ତଦୁଇ ବିଜ୍ଞାନ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ, ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଆରମ୍ଭରେ ଅତିଥିମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉତ୍ସବର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଦିଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦଧିଭାଣ୍ଡ ଭଗ୍ନ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଉତ୍ସବକୁ ଆକର୍ଷଣୀୟ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

**ବଅଁରପାଳ:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ତୁଳସୀପାଳ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦେବହରି ସାହୁ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଅଖିଳ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ସାହୁ ଜନ୍ମାଷ୍ଟମୀ ଉତ୍ସବ ପାଳନର ମହତ୍ତ୍ୱ ବିଷୟରେ ଶିଶୁମାନଙ୍କୁ ଉଦବୋଧନ ଦେଇଥିଲେ। ଶିଶୁମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଆସିଥିଲେ। ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ରାଧାକୃଷ୍ଣ ବେଶଧାରୀ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ତାଳଚେର:** ତାଳଚେର ଟାଉନସ୍ଥିତ ନିତ୍ୟାନନ୍ଦ ଆଶ୍ରମରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଆଶ୍ରମ ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେବକ ଗୋଲଖଚନ୍ଦ୍ର ଆଚାର୍ଯ୍ୟ, ବାବା ଆନନ୍ଦ ଗୋପାଳ ଦାସ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଜିତୁ ଶତପଥୀ, ଅକ୍ଷୟ ମହାରଣା, ଦେବେନ୍ଦ୍ର ସାହୁ, ଅମ୍ବିକା ପ୍ରସାଦ ଦାସ, ବାବୁନା, ପ୍ରୀତି, କୁମାର ରମେଶ, ଟୁଟୁ, ଓକେ, ଟିଙ୍କୁ, ଶିବା, ତ୍ରିନାଥ ଓ ଆଶ୍ରମର ଅନ୍ୟ ଭକ୍ତମାନେ ସହଯୋଗ ଥିଲେ। ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଜନ୍ମାଷ୍ଟମୀ

# ଆଣ୍ଠୁଆ ଗୋପାଳଙ୍କ ଜନ୍ମନୀତି ଦର୍ଶନକଲେ ହଜାର ହଜାର ଭକ୍ତ

କେନ୍ଦ୍ରାପଡ଼ା, ୪।୯ (ସମିସ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ନୀତି ମହାଆଡମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ଏ ଅବସରରେ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ରାତ୍ର ଧୂପ ନୀତି ସମ୍ପନ୍ନ ହେବା ପରେ ରତ୍ନସିଂହାସନରୁ ପୂଜାପଣ୍ଡା ଓ ସେବାୟତଙ୍କ ଦ୍ୱାରା ଆଣ୍ଠୁଆ ଗୋପାଳଙ୍କୁ ଭୋଗମଣ୍ଡପକୁ ବିଜେ କରାଯାଇଥିଲା। ପରେ ପୁରାଣପଣ୍ଡାଙ୍କ ଦ୍ୱାରା ପୁରାଣ ପାଠ ଅନୁଷ୍ଠିତ ହୋଇଥିଲା। ପରେ ରାଜପୁରୋହିତଙ୍କ ଦ୍ୱାରା ଖଟୁଲି ଚତୁଃପାର୍ଶ୍ୱରେ ମୂର୍ଜ କରାଯାଇ ଶ୍ରୀଗୋପାଳଙ୍କ ଜନ୍ମନୀତି ଆରମ୍ଭ ହୋଇଥିଲା। ବଡ଼ ସାଇତି ସେବକଙ୍କ ଦ୍ୱାରା ପିଷ୍ଟକରୁ ନାଭି ପ୍ରସ୍ତୁତ କରାଯାଇ ଶ୍ରୀଗୋପାଳଙ୍କୁ ସ୍ପର୍ଶ କରାଯାଇଥିଲା। ପରେ ସ୍ନାନ, ମଙ୍ଗଳାର୍ପଣ ଓ ଘିଅପାନ ସ୍ୱର୍ଣ ନୀତି ସମ୍ପନ୍ନ ହୋଇ ମାଖନ, କ୍ଷୀର ଓ ମିଠାଇ ଭୋଗ ଲାଗି କରାଯାଇଥିଲା। ଜନ୍ମନୀତି ପରେ ବିଜେ ଗୋପାଳଙ୍କୁ ଭୋଗମଣ୍ଡପରେ ସ୍ଥାପିତ ଝୁଲଣିରେ ବିଜେ କରାଯାଇଥିଲା। ଜନ୍ମାଷ୍ଟମୀ ଓଷା ଅବସରରେ ହଜାର ହଜାର ଭକ୍ତ ଓ ଉପାସକ ମନ୍ଦିରରେ ସମାଗମ ହୋଇ ଶ୍ରୀଗୋପାଳଙ୍କ ଜନ୍ମନୀତିରେ ସାମିଲ ହୋଇଥିଲେ। ପାଦୁକ ଓ ଭୋଗ ସେବନ ପରେ ଭକ୍ତ ଓଷା ସମ୍ପନ୍ନ କରିଥିଲେ। ଆସନ୍ତାକାଲି ବିଜେ ଗୋପାଳଙ୍କ ଯମୁନା ସ୍ନାନ ନୀତି ଅନୁଷ୍ଠିତ ହେବ ବୋଲି ମନ୍ଦିର ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି।



## ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

ପଟ୍ଟାମୁଣ୍ଡାଇ, ୪।୯ (ସମିସ): ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଥିବା ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନ୍ମାଷ୍ଟମୀର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ ସମ୍ପାଦକ ଅମ୍ବୁଜ ଭୂଷଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଆଚାର୍ଯ୍ୟା ସୁଲୋଚନା



ମିଶ୍ର ସ୍ୱାଗତ ଭାଷଣ ଓ ଆଚାର୍ଯ୍ୟ ବିଜୟ ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ କୁନି କୁନି ଶିଶୁଙ୍କୁ ପୂଜନ କରାଯିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ମୃତ୍ୟୁଞ୍ଜୟ ସୂତାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଆଚାର୍ଯ୍ୟା ଚିନ୍ମୟୀ ବିଶ୍ୱାଳ, ମମତା ଦେ, ଡଲି ଦାସ, ବିଶ୍ୱରୂପା ବିଶ୍ୱାଳ, ସଙ୍ଗୀତା ପ୍ରଧାନ, ସୁଜ୍ଞାନୀ ପାଢ଼ୀ, ସୁଚିତ୍ରା ମହାନ୍ତି ପରିଚାଳନା କରିଥିବାବେଳେ ସ୍ୱାଗତିକା ସ୍ୱାଇଁ, ସ୍ମିତା ଦାସ, ସସ୍ମିତା ନନ୍ଦୀ, ସୁଭାଷିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀକୃଷ୍ଣଙ୍କ ଧରାବତରଣ ଉତ୍ସବ

ରାଜକନିକା, ୪।୯ (ସମିସ): ପବିତ୍ର ଜନ୍ମାଷ୍ଟମୀ ତଥା ପ୍ରଭୁ ଶ୍ରୀକୃଷ୍ଣଙ୍କ ଧରାବତାରଣ ଉତ୍ସବ ରାଜକନିକା ଯାଦବ ମହାସଭା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସକାଳ ୯ଟାରେ



ପୂଜକ ନିରଞ୍ଜନ ପଣ୍ଡା ମନ୍ତ୍ର ପାଠ କରି ହୋମ ଯଜ୍ଞ ସମାପନ କରିଥିଲେ। ଏହି ଉତ୍ସବ ୬ ବର୍ଷ ଧରି ପାଳିତ ହୋଇଆସୁଥିବାବେଳେ ନନ୍ଦ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବରେ ରାଜ୍ୟ ଯାଦବ ମହାସଭା ଉପସଭାପତି ମନୋଜ ପରିଡ଼ା, କନିକା ସଭାପତି ପଞ୍ଚାନନ ଦାସ, ସଭ୍ୟ ଶ୍ରୀନିବାସ ପ୍ରଧାନ, ଗଙ୍ଗାଧର ଦାସ, ଅଲେଖ ପରିଡ଼ା, ମହେଶ୍ୱର ପରିଡ଼ା, ରମାକାନ୍ତ ପରିଡ଼ା, ନରେନ୍ଦ୍ର ବେହେରା ଯୋଗ ଦେଇଥିଲେ।

## ଓଡ଼ିଆ ଅସ୍ମିତାକୁ ଉପହାସ କରୁଛି ଚାଟରାଚକଡ଼ା ପଞ୍ଚାୟତରେ ଲଗାଯାଇଥିବା ନୋଟିସ୍

ଡେରାବିଶ, ୪।୯ (ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ଲାଗିଥିବା ନୋଟିସ୍ ଓଡ଼ିଆ ଅସ୍ମିତାକୁ ଉପହାସ କରୁଛି। ଆଜି ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ଏକ ନୋଟିସ୍ ଲାଗିଥିଲା। ସେଥିରେ ଲେଖାଯାଇଥିବା କିଛି ଶବ୍ଦ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି। ଏହି ନୋଟିସ୍‌ରେ 'ଇନ୍ଦିରା ଆବାସ', 'ଲିଷ୍ଟର', 'ପେପାରରେ', 'ଆୱାସ', 'ଉଠିଆ ଯିବ', 'ସୁନାଯିବ ନାହିଁ' ଇତ୍ୟାଦି ଓଡ଼ିଆ ଶବ୍ଦର ଭୁଲ ବନାନ ଲେଖାଥିବା ଦେଖିବାକୁ ମିଳିଛି। ଏହି ନୋଟିସ୍‌ରେ ପଞ୍ଚାୟତ କିମ୍ବା ବ୍ଲକର କୌଣସି ଅଧିକାରୀଙ୍କ ଦସ୍ତଖତ କିମ୍ବା ଚିଠି ନମ୍ବର ଇତ୍ୟାଦି ପଡ଼ିନଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପଞ୍ଚାୟତର କୌଣସି ଅଧିକାରୀଙ୍କ ମତାମତ ମିଳିପାରି ନ ଥିବାବେଳେ ଯଦି ପଞ୍ଚାୟତ ପକ୍ଷରୁ ପଞ୍ଚାୟତର ଲୋକମାନଙ୍କ ଉଦ୍ଦେଶ୍ୟରେ ଓଡ଼ିଆରେ ଏଭଳି ବିକୃତ ଶବ୍ଦରେ ନୋଟିସ୍ ଲେଖାଯିବ, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ କହିଛନ୍ତି। ପଞ୍ଚାୟତର ଅଧିକାରୀ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ଶୁଦ୍ଧ ଓଡ଼ିଆ ଭାଷାରେ ନୋଟିସ୍ ଲେଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିକ୍ଷାବିତ୍ ବେଣୁଧର ରାଉତଙ୍କ ପରଲୋକ



ରାଜନଗର, ୪।୯ (ସମିସ): ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଚକିବାଙ୍କ ଗ୍ରାମର ଶିକ୍ଷାବିତ୍ ବେଣୁଧର ରାଉତଙ୍କ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ରାଉତ ଜଣେ ଛାତ୍ରବତ୍ସଳ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ସେ ଗୋବିନ୍ଦପୁର, ବନ୍ଧପଡ଼ା, ନୁରୁଗାଁ ଓ ନୂଆଗାଁ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ଏକାଧାରରେ ଜଣେ କ୍ରିକେଟ ସମୀକ୍ଷକ, ସମାଜସେବୀ, ମିତଭାଷୀ, ପରୋପକାରୀ, ଧର୍ମପ୍ରାଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ବିଧାୟକ ଧ୍ରୁବ ସାହୁ, ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି, ବିଜେପି ନେତା ଲଳିତ ବେହେରା, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଦିଲ୍ଲୀପ ସିଓ, ଅରୂପ ପାତ୍ର, ଦିଲ୍ଲୀପ ପାତ୍ର, ଦେବାଶିଷ ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ।

## ହରିହର ପତିଙ୍କୁ ଶ୍ରଦ୍ଧାଞ୍ଜଳି

ରାଜନଗର, ୪।୯ (ସମିସ): ରାଜନଗର ବ୍ଲକ ଡାଙ୍ଗମାଳ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ହରିହର ପତିଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି। ଗୋଦାବରୀଶ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କୃପାସିନ୍ଧୁ



ସାମଲ, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରାଉତ, ବିଜୟ ଜେନା, ବୀରକିଶୋର ଜେନା, ଦୟାନିଧି ବାରିକ, ଓମ ପ୍ରକାଶ ବାରିକ, ମାନସ ମିଶ୍ର, ସମାଜସେବୀ ସୁଦର୍ଶନ ଦାସ, ଉମାକାନ୍ତ କରଣ, ରଘୁନାଥ ବେହେରା, ଅଭିରାମ ପତି, ସୁବିମଳ ମାଇତି, ପ୍ରକାଶ ଦାସ, ଦିଲ୍ଲୀପ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପତିଙ୍କ ସ୍ମୃତିଚାରଣ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହିତ ସ୍ମୃତିଚାରଣ କରିଥିଲେ। ବଡ଼ପୁଅ ହର୍ଷ ପତି ଧନ୍ୟବାଦ ଦେଇଥିଲେ।

## ବୈକୁଣ୍ଠ ସେନାପତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୪।୯ (ସମିସ): ଡିହାପଡ଼ା ପଞ୍ଚାୟତ ଅଧୀନସ୍ଥ କୁପୁଣି ଗ୍ରାମର ସମାଜସେବୀ, ରାଜନେତା, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ବୈକୁଣ୍ଠ ସେନାପତିଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ କର୍ମଚାରୀ ନିରଞ୍ଜନ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ଗଣେଶ୍ୱର ବେହେରା, ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା, ବିଜୁ ଜନତା ଦଳ



ଜିଲ୍ଲା ସଭାପତି ଶିବପ୍ରସାଦ ବଳ, ବିଜେଡି ନେତା ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, କୋର ସରପଞ୍ଚ ରମେଶ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଖଣ୍ଡାୟତ ସଂଘର ବ୍ଲକ ସଭାପତି ନିରଞ୍ଜନ ସୁନ୍ଦରରାୟ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଧନେଶ୍ୱର ଦାସ, ମଳୟ ଦାସ, ବରିଷ୍ଠ ବିଜେଡି ନେତା ଯଦୁମଣି ଦାସ, ଅମୂଲ୍ୟ ପ୍ରଧାନ, ସୁରେଶ ଗିରି, ସଂଗ୍ରାମ ରାଉତ, ଆଲୋକ ଧଳ, କାଉନସିଲର ମଳୟ ଓଝା, କଂଗ୍ରେସ ଜିଲ୍ଲା ସଂଗଠକ ଉପସଭାପତି ସତ୍ୟପ୍ରିୟ ସାମଲ, ପୂର୍ବତନ କାଉନସିଲର ତପନ ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ ବେହୁରା, ପ୍ରଧାନଶିକ୍ଷୟିତ୍ରୀ ଅନସୂୟା ମିଶ୍ର, ଡିହାପଡ଼ା ବିଜୁ ଜନତା ଦଳ ସଭାପତି ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ବୈକୁଣ୍ଠ ବାବୁଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସାନଭାଇ ରବୀନ୍ଦ୍ର ସେନାପତିଙ୍କ ସମେତ ପରିବାର ସଦସ୍ୟ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିଥିଲେ।

● ପାଟକୁରାରେ ଯୁବତୀ ନିଖୋଜ ଘଟଣାକୁ ନେଇ ଚର୍ଚ୍ଚା

## ଅପହରଣ ଅଭିଯୋଗ, ପୁଲିସର ତଦନ୍ତ ଆରମ୍ଭ

ଗରଦପୁର, ୪।୯ (ସମିସ): ପାଟକୁରା ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟା ଯୁବତୀ ନିଖୋଜ ହେବା ଓ ତାଙ୍କୁ ଜଣେ ଯୁବକ ଅପହରଣ କରିନେଇଥିବା ନେଇ ଅଭିଯୋଗକୁ କେନ୍ଦ୍ର କରି ଚର୍ଚ୍ଚା ଜୋର ଧରିଛି। ଏ ନେଇ ଯୁବତୀଙ୍କ ମା' ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାମଚନ୍ଦ୍ରପୁର ଗ୍ରାମର ଯୁବତୀ ଖୋର୍ଦ୍ଧାର ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ପ୍ରାୟ ଏକମାସ ହେବ କାର୍ଯ୍ୟରତ ଥିଲେ। ଗତକାଲି ସେ ଖୋର୍ଦ୍ଧା ଯାଇଥିବା ଓ ସେଠାରେ ପହଞ୍ଚିଥିବା ନେଇ ମା'ଙ୍କୁ ଫୋନ କରିଥିଲେ। ତେବେ ଅପରାହ୍ନ ପ୍ରାୟ ୧ଟା ପରଠାରୁ ତାଙ୍କ ମୋବାଇଲ ଫୋନ ବନ୍ଦ ରହିଥିଲା। ସହକର୍ମୀଙ୍କଠାରୁ ଜଣାପଡ଼ିଥିଲା ଯେ ସେ ଅଫିସକୁ ଯାଇ ନ ଥିଲେ ଓ ଭଡ଼ାଘରର ସାମଗ୍ରୀ ନେଇ କେଉଁଆଡ଼େ ଚାଲିଯାଇଥିଲେ। ପ୍ରଥମେ ନିଖୋଜ ରିପୋର୍ଟ ପରେ ଯୁବତୀଙ୍କ ମା' ଜଣେ ଯୁବକ ତାଙ୍କ ଝିଅଙ୍କୁ ଖୋର୍ଦ୍ଧାରୁ ନେଇଯାଇଥିବା ଅଭିଯୋଗ କରି ଥାନାରେ ପୁନର୍ବାର ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପାଟକୁରା ଥାନା ଅଧିକାରୀ ସୌମ୍ୟରଞ୍ଜନ ବିଶ୍ୱାଳ ତଦନ୍ତ ଆରମ୍ଭ କରିଛନ୍ତି। ଉଭୟଙ୍କ ମୋବାଇଲ ଫୋନ ବନ୍ଦ ଥିବାରୁ ଏପର୍ଯ୍ୟନ୍ତ ସେମାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡ଼ା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଅବଗତ କରାଇବା ସହ ପାଟକୁରା ଥାନାରେ ପହଞ୍ଚି ପୁଲିସ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଯୁବତୀ ଓ ଯୁବକଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ସେ ଦାବି କରିଛନ୍ତି। ଘଟଣାର ପ୍ରକୃତ ସତ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ।

## ଜାତୀୟ ସେବା ଯୋଜନା ପକ୍ଷରୁ ପେଣ୍ଠପାଳରେ ରିଲିଫ ବଣ୍ଟନ

ପଟ୍ଟାମୁଣ୍ଡାଇ, ୪।୯ (ସମିସ): ବନ୍ୟା ଛାଡ଼ିଛି, କିନ୍ତୁ ଦୁର୍ଦ୍ଦଶା ବଢ଼ିଛି। ଏ ସମୟରେ ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତାର ହାତ ବଢ଼ିଛି। ଆଜି ଜାତୀୟ ସେବା ଯୋଜନା ପକ୍ଷରୁ ବନ୍ୟାଞ୍ଚଳରେ ରିଲିଫ ବଣ୍ଟନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ପ୍ରଭାବିତ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଗ୍ରାମରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର ସହାୟତା ବଣ୍ଟନ ହୋଇଛି। ପଟ୍ଟାମୁଣ୍ଡାଇ




ପଞ୍ଚାୟତ ସମିତି ତଥା ପେଣ୍ଠପାଳ ପଞ୍ଚାୟତ ସମିତିସଭ୍ୟ ଶଶାଙ୍କ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଅଧିକାରୀ ଅଧ୍ୟାପିକା ସସ୍ମିତା ବିଶ୍ୱାଳ, ଅଧ୍ୟାପିକା ଦୀପ୍ତିମୟୀ ସ୍ୱାଇଁ, ଅଧ୍ୟାପିକା ବନସ୍ମିତା ପରିଡ଼ା, ଅଧ୍ୟାପକ ନଟବର ସୂତାର, ଅଧ୍ୟାପକ ପ୍ରଦୀପ ରାଉତ, ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି, ଅଧ୍ୟାପକ ଡଃ ଆଲୋକ ବେହେରା, ଜାତୀୟ ସେବା ଯୋଜନା ଅଧିକାରିଣୀ ଡଃ ପଦ୍ମଜା କବି ଶତପଥୀ ଓ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟ, ବ୍ରାହ୍ମଣୀ ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ, ହୃଦାନନ୍ଦ ମହାବିଦ୍ୟାଳୟ, କରିଲୋପାଟଣା ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ରାଜକନିକା ମହାବିଦ୍ୟାଳୟ, ବରାହଜୀଉ ମହାବିଦ୍ୟାଳୟ ଓ ମାର୍ଶାଘାଇ ମହାବିଦ୍ୟାଳୟର ଆର୍ଥିକ ସହାୟତାରେ ରିଲିଫ ବଣ୍ଟନ କରାଯାଇଥିଲା।

## ନିଶାମୁକ୍ତି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

ଡେରାବିଶ, ୪।୯ (ସମିସ): ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ନାଗେଶ୍ୱରପୁରଠାରେ ନିଶାମୁକ୍ତି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ପ୍ରୋଜେକ୍ଟ ସ୍ୱରାଜ୍ୟ ପରିଚାଳିତ ଏହି କେନ୍ଦ୍ରର ନୂତନ



ଗୃହକୁ ବିଜେପି ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅତିଥି ଭାବେ ଅବକାରୀ ବିଭାଗ ଏସ୍‌ପି ବିପ୍ରଚନ୍ଦ୍ର ମଣ୍ଡଳ, ସମାଜସେବୀ ତୁଷାର ଘୋଷ, ବିଜୟ ଜେନା, ଜଳଧର ସ୍ୱାଇଁ, ଶରତ ବେହେରା, ସୁନାକର ପରିଡ଼ା, ପ୍ରସନଜିତ୍ ମହାନ୍ତି, ନନ୍ଦ ମହାନ୍ତି, ଶିକ୍ଷାବିତ୍ ବନବିହାରୀ ମାଟିଆ, ସୀତାରାମ ମିଶ୍ର, ବେଦଭୂଷଣ ମିଶ୍ର, ପଦ୍ମନାଭ ଦାସ, ପ୍ରଫୁଲ୍ଲ ଶତପଥୀ, ମାନସିକ ବିଭାଗ ଅଧିକାରୀ ସବ୍ୟସାଚୀ ମହାନ୍ତି, କମ୍ୟୁନିଟି ନର୍ସ ସୋମା ପୁଷ୍ପା ମିଶ୍ର ଯୋଗଦେଇ ଏହି କେନ୍ଦ୍ର ନିଶାମୁକ୍ତି ଓ ପୁର୍ବାସ କ୍ଷେତ୍ରରେ ନୂଆ ଆଶାର ଆଲୋକ ସୃଷ୍ଟି କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅଧିକାରୀ ପ୍ରଧାନ, ପୁଷ୍ପା ଜୀ, ପ୍ରଭୁପ୍ରସାଦ ମିଶ୍ର, ମନୋଜ ମାଟି, କୈଳାସ ପଟ୍ଟନାୟକ, ସସ୍ମିତା ବେହେରା, ଦେବୀପ୍ରସାଦ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ମୂର୍ଚ୍ଛନା ଓ ଓକା ପକ୍ଷରୁ ରାଜ୍ୟସ୍ତରୀୟ ଗୁରୁପୂଜନ ଉତ୍ସବ

ରାଜକନିକ, ୪।୯ (ସମିସ): କେନ୍ଦ୍ରପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଜୟଦେବ ଭବନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗୁରୁ ପୂଜନ ଉତ୍ସବ ଓ ସ୍ୱର ମହ୍ଲାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ସମ୍ପାଦକ ବସନ୍ତ ଦାସ ଗୁରୁପୂଜନ ଉତ୍ସବ ଉପରେ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ମିହିର ମେହେର, ବରେଣ୍ୟ ଅତିଥି ସମାଜସେବୀ ପ୍ରଶାନ୍ତ ଶତପଥୀ, ଅତିଥି ଭାବେ ସମାଜସେବୀ ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର ସରୋଜ ନାୟକ, ଅନ୍ୟତମ ବକ୍ତା ଭାବେ ବ୍ୟଙ୍ଗକବି ସମ୍ପଦ ରଥ ଯୋଗ ଦେଇଥିଲେ। ଓଡ଼ିଶାରୁ ୨୦୦ ଜଣ ଗୁରୁଙ୍କୁ ଗୁରୁଶ୍ରୀ




ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥାପକ ପ୍ରଦୀପ କୁମାର ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ନିରାକାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ ପରିଡ଼ା, ବିଜୟ ସାହୁ, ଗାୟତ୍ରୀ ଗୀତାଞ୍ଜଳି ଦାସ, ଅନୀଲ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ଡେରାବିଶ, ୪।୯ (ସମିସ): ଚଟରାଚକଡା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ ସରସ୍ୱତୀ ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଛାତ୍ରଛାତ୍ରୀ ପୂର୍ବାହ୍ନରେ ଦୁମୁକାହାଟସ୍ଥ ଦଧିବାମନଜୀଉ ମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରି ଶୋଭାଯାତ୍ରାରେ ନିକଟସ୍ଥ ବିଭିନ୍ନ ଗ୍ରାମ ପରିକ୍ରମା କରି ପଥପ୍ରାନ୍ତ ନନ୍ଦୋତ୍ସବ ନାଟକ ମାଧ୍ୟମରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଭିନ୍ନ ମହାତ୍ମ୍ୟ ସମ୍ପର୍କରେ ଲୋକଙ୍କୁ କହିଥିଲେ। ପରେ ମନ୍ଦିର ପରିସରରେ ଛାତ୍ରଛାତ୍ରୀଙ୍କ



ମଧ୍ୟରେ ଜନ୍ମାଷ୍ଟମୀ ସମ୍ପର୍କିତ ନୃତ୍ୟ, ଗୀତ, ବିତର୍କ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ କୁଳମଣି ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପରିଚାଳନା କମିଟି ସମ୍ପାଦକ ଦେବାଶିଷ ଗିରିଜା ଭୂଷଣ ନାୟକ, କର୍ମକର୍ତ୍ତା ଜୟନ୍ତ ବଳ, ପ୍ରକାଶ କାଣ୍ଡି, ସଞ୍ଜୟ ସାହୁ ଓ ଅଭୟ ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଗୁରୁମା ସ୍ନିଗ୍ଧାରାଣୀ ମହାନ୍ତି, ସତ୍ୟଭାମା ବାରିକ, ରେବତୀ ରାଉତ, ପ୍ରଭାସିନୀ ଓଝା, ପ୍ରିୟମ୍ବଦା ପଣ୍ଡା, ଗୁରୁଜି ବଟପ୍ରସାଦ ହୋତା, ଉତ୍ସବ ରାଉତ ଓ ଅଶୋକ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୈତରଣୀ ପୋଲ ପାଲଟିଛି ବୁଲା ଗୋରୁଙ୍କ ଆଶ୍ରୟ ସ୍ଥଳ

ରାଜକନିକା, ୪।୯ (ସମିସ): ଯୁଆଡେ ଦେଖିବ ପଲ ପଲ ଗୋରୁ। ରାସ୍ତା, ଅଫିସ ବାରଣ୍ଡା, ଏଟିଏମ ସବୁଠି ବୁଲା ଗୋରୁଙ୍କ ରାଜ। ଏସବୁ ସ୍ଥାନ ଗୋରୁଙ୍କ ଜବରଦଖଲରେ ରହୁଛି। ରାଜକନିକା-ଚାନ୍ଦବାଲି ସଂଯୋଗକାରୀ ବୈତରଣୀ ସେତୁ ଉପରେ ଅପରାହ୍ନରୁ ପରଦିନ ସକାଳ ଯାଏ ପଲ ପଲ ହୋଇ ବୁଲା ଗୋରୁ କବଜା କରି ରଖୁଛନ୍ତି। ଗାଡ଼ି ଧାଁ ଦୌଡ଼ ଭିତରେ



ବି ସେମିତି ଶୋଇ ରହୁଛନ୍ତି। ଫଳରେ ବସ୍, ଟ୍ରକ, ଟ୍ରାକ୍ଟର ସହ କାର୍, ବାଇକ ଚାଳକ ବହୁ ଅସୁବିଧାରେ ରାସ୍ତା ପାର ହେଉଛନ୍ତି। ରାସ୍ତାରେ ଶୋଇ ରହିବା ଯୋଗୁଁ ଅନେକ ଗୋରୁ ଦୁର୍ଘଟଣାର କାରଣ ହେଉଛନ୍ତି। ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣା ଘଟିବା ଏକ ସାଧାରଣ କଥା ହୋଇଥିବାବେଳେ ଏହାକୁ ରୋକିବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ, ୪।୯ (ସମିସ): ବେଣୀପୁର ପଞ୍ଚାୟତ ବଜାର ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ମଦନମୋହନ କର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ



ଗରୁଡ଼ ଚନ୍ଦ୍ର ସାହୁ, କୁଞ୍ଜବିହାରୀ ସାହୁ, ସମର ସାମଲ, ଏବିଇଓ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ପୂର୍ବତନ ଏବିଇଓ ସଚ୍ଚିକାନ୍ତ ମିଶ୍ର, ମହନ୍ତ ସୁଦାମ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ବେହେରା, ସିଆର୍‌ସିସି ହରେକୃଷ୍ଣ କର, ପୂର୍ବତନ ସିଆରସିସି ମାମୁନି ସିଂ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ୧୯୯୫ ବ୍ୟାଚ୍ ଛାତ୍ର ପ୍ରଶାନ୍ତ ସାମଲ, ବୈଷ୍ଣବ ପାଣ୍ଡବ, ଅରବିନ୍ଦ ଦାସ, ସଞ୍ଜୟ ସାମଲ, କମଳାକାନ୍ତ ସାମଲ, ବରିଷ୍ଠ ସାମ୍ବାଦିକ ଦୈତାରୀ ଜେନାଙ୍କ ନେତୃତ୍ୱରେ ଶୋଭାଯାତ୍ରା କରି ଶ୍ରୀ ନାୟକଙ୍କୁ କୁରୁଜଙ୍ଗା ଗ୍ରାମସ୍ଥ ବାସଭବନରେ ଛାଡିଥିଲେ। ପ୍ରଧାନଶିକ୍ଷକ ଶଶିକାନ୍ତ ସାହୁ, ଗୌରାଙ୍ଗ ଚରଣ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଲିଲିମା ସାମଲ, ଶତ୍ରୁଘ୍ନ ମଲିକ, ପରିଚାଳନା କମିଟିର ପୂର୍ବତନ ସଭାପତି ଅନାଦି ବେହୁରା, ମୋ ସ୍କୁଲ ସଭାପତି ରାଧାକାନ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଭୂତି ଭୂଷଣ ଘଡ଼ାଇ, ଅକ୍ଷୟ ନାୟକ ମଞ୍ଚ ପରିଚାଳନା, ଈଶ୍ୱର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

● ସିଏମ୍ କିଷାନ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ

## କେନ୍ଦ୍ରାପଡ଼ାର ୧.୭୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମିଳିଲା ସହାୟତା

କେନ୍ଦ୍ରାପଡ଼ା, ୪।୯ (ସମିସ): ରାଜ୍ୟ ସରକାରଙ୍କ ସିଏମ୍ କିଷାନ ଯୋଜନାର ରବିରତୁ ପାଇଁ ୫ମ କିସ୍ତି ପ୍ରଦାନ କରାଯାଇଛି। ରାଜ୍ୟର ୪୧ ଲକ୍ଷରୁ ଅଧିକ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ୮୩୩ କୋଟିରୁ ଅଧିକ ଟଙ୍କା ଡିବିଟି ମାଧ୍ୟମରେ ଦିଆଯାଇଛି। ଭୁବନେଶ୍ୱର ଓୟୁଏଟି ପରିସରରେ



ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୫ମ କିସ୍ତି ପ୍ରଦାନ କରିଛନ୍ତି। ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସମେତ ବିଭାଗୀୟ ଅଧିକାରୀ ଓ କୃଷି ବିଶେଷଜ୍ଞ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ ସାମଲଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲାର ୩୩୩ ଜଣ ଭୂମିହୀନ ଓ ୧, ୭୦, ୪୯୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧, ୭୦, ୮୨୭ ଜଣଙ୍କୁ ୩୫ କୋଟିରୁ ଅଧିକ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଯୋଜନା ଅନୁଯାୟୀ ଭୂମିହୀନ ଚାଷୀଙ୍କୁ ୫ ହଜାର, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି।

## ବନ୍ୟାସ୍ଥିତିରେ ଆସୁଛି ସୁଧାର; ବଢୁଛି ଦୁର୍ଦ୍ଦଶା

ରାଜକନିକା, ୪।୯ (ସମିସ): ଥର ଥର କରି ୬ ଥର ବନ୍ୟାରେ ବୁଡ଼ିବା ପରେ ଗତ ଦୁଇଦିନ ହେବ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ଜୁଲାଇ ୨୬ ତାରିଖ ଅପରାହ୍ନରୁ ବନ୍ୟା ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ଯାଏ କଲବଲ କରି ରଖିଥିବାବେଳେ ଏବେ ବନ୍ୟା ସମ୍ପୂର୍ଣ୍ଣ ଛାଡି ନ ଥିଲେ ବି ବନ୍ୟା ଦାଉରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ମାଟି କାନ୍ଥ ଖସିବା, ଚୁଲି ଭାଙ୍ଗିବା, ଜାଳେଣି ଭାଡ଼ି ଓଦା ହେବା, ଗୁହାଳ ଘର ତଳେ ପାଣି ଜମି ଦୁର୍ଗନ୍ଧ ହେବା ଭଳି ସ୍ଥିତି ସଜାଡିବାକୁ ବନ୍ୟା ଦୁର୍ଗତ ପ୍ରସ୍ତୁତ ହେଉଛନ୍ତି। ରାଜକନିକା ବ୍ଲକର ସବୁଠୁ ବୁଡ଼ି ଅଞ୍ଚଳ ଭାବେ ପରିଚିତ କନପୁର ଗାଁ ଏବେ ସଳଖିବା ଆରମ୍ଭ କରିଛି।

ରାଜକନିକା ବ୍ଲକ ବାରହାଦୋମଣ୍ଡା ପଞ୍ଚାୟତର କନପୁର, ଗୁଣ୍ଡଳ, ପ୍ରଧାନପଡ଼ା ପଞ୍ଚାୟତର ଗହମପାଳ ଗାଁ ବୈତରଣୀ ନଦୀର ପ୍ରଳୟଙ୍କରୀ ୬ ଥର ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଏହି ଗାଁର ବହୁ ଘରେ ପାଣି ପଶିଥିବାରୁ ଜଳଯନ୍ତ୍ରଣାରେ ଅସ୍ତବ୍ୟସ୍ତ ହୋଇପଡ଼ିଛି କନପୁର ଗାଁର ୧, ୨, ୩ ଓ ୪ ନମ୍ବର ୱାର୍ଡ ସହ ଗୁଣ୍ଡଳ ଓ ଗହମପାଳ ଗାଁ। ୩୩ ଦିନର ୬ ଥର ବନ୍ୟା ଛାଡିବା ପରେ ଏବେ ଗତ ୨ଦିନ ହେବ ଆସବାବପତ୍ର, ଗୁହାଳ, ରୋଷେଇଘର ସଜାଡ଼ିବା ଆରମ୍ଭ କରିଛନ୍ତି। ପ୍ରଥମ ବନ୍ୟା ଆସୁ ଆସୁ ବ୍ଲକ ପ୍ରଶାସନ ଗାଡି ଧରି ଏହି ଗାଁକୁ ଦୌଡୁଥିବାବେଳେ ଥରକୁ ଥର ବନ୍ୟା ଆସିବାରୁ ସେ ବି ଦାୟିତ୍ୱହୀନ ଭାବେ ଆଉ ବନ୍ୟା କଥା ଭୁଲିଗଲେ। ଗତ ୩ ଦିନ ହେବ ରିଲିଫ ବାବଦ ଚାଉଳ ଆସି ପଞ୍ଚାୟତ ଅଫିସରେ ଥିବାରୁ ତାହା କେବେ ବନ୍ୟାପୀଡ଼ିତଙ୍କୁ କେଉଁ ଆଧାରରେ ଦିଆଯିବ, ସେ ନେଇ କୌଣସି ସୂଚନା ନାହିଁ। ଚଳିତ ବର୍ଷ ବନ୍ୟାରେ ଶୁଖିଲା ଖାଦ୍ୟ ଓ ଅଳ୍ପ ଗୋଖାଦ୍ୟରେ ଭାଗ୍ୟକୁ ଆଦରି ଥିବା ବନ୍ୟା ପୀଡ଼ିତଙ୍କୁ ରିଲିଫ ଯୋଗାଣରେ ଅବହେଳା ବିଦ୍ରୋହ ଆଣିଛି।



ସକାଳ
THE SAKALA

ସମ୍ପାଦକୀୟ



ସେମାନେ ହିଁ ପ୍ରକୃତ ଶିକ୍ଷକ, ଯେଉଁମାନେ ଆମ ନିଜକୁ ଚିନ୍ତା କରିବାରେ ସାହାଯ୍ୟ କରନ୍ତି।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

# ଆଉ କେତେ ଇଞ୍ଜିନ ଲୋଡ଼ା?

ଓଡ଼ିଶାର ଚାଷୀଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଭଳି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଓ ସଂଗଠନ ଯେଉଁ ଧାନ ସଂଗ୍ରହ କରୁଛନ୍ତି, ତାହା ସର୍ବନିମ୍ନ ମୂଲ୍ୟ(ଏମ୍‌ଏସ୍‌ପି) ଆଧାରିତ ଏବଂ ସରକାରୀ ବ୍ୟବସ୍ଥା ମଧ୍ୟରେ ଚାଲିଛି। ଏଥିପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କଠାରୁ ଚାଉଳ ସଂଗ୍ରହ କରି ଏମ୍‌ଏସ୍‌ପି ବାବଦ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ଅଛି। ସଂଘୀୟ ବ୍ୟବସ୍ଥାରେ ଏହା ଏକ ବୁଝାମଣାଭିତ୍ତିକ ଓ ବିଶ୍ୱସନୀୟ ପ୍ରକ୍ରିୟା। ତେବେ ଦେଖାଯାଉଛି ଯେ ଓଡ଼ିଶାର ଚାଷୀଙ୍କଠାରୁ ଧାନ କିଣିବା ବେଳେ ନିରନ୍ତର କେନ୍ଦ୍ରୀୟ ଅବହେଳା ଦେଖାଯାଉଛି। କେବେ ଠିକ୍ ସମୟରେ ଏଫ୍‌ସିଆଇ ଚାଉଳ ସଂଗ୍ରହ କରୁନାହିଁ ତ କେବେ ଚାଉଳ କିଣା ବାବଦ ଅର୍ଥ ରାଶି ପୈଠ କରୁନାହିଁ।

ପୂର୍ବ ସରକାର ଅମଳରେ ଓଡ଼ିଶା ଅଧିକ କେନ୍ଦ୍ର ଅବହେଳା ଜନିତ ସମସ୍ୟା ଭୋଗି ଆସୁଥିଲା। ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପରେ ଡବଲ୍ ଇଞ୍ଜିନ ସରକାରରେ ଧାନ କିଣା ଓ ପାଉଣା ହାସଲ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ରାଜ୍ୟ ବିଜେପି ସରକାର ମଧ୍ୟ ଏ ନେଇ ଅନେକ ତୁମ୍ବିତୋଫାନ କରିଥିଲେ। କିନ୍ତୁ ଏବେ ଓଡ଼ିଶାର ଯୋଗାଣ ମନ୍ତ୍ରୀ ହାତ ଟେକି ଦେଇ କେନ୍ଦ୍ରର ଅବହେଳା ଆଗରେ ଅସହାୟତା ପ୍ରକାଶ କରିଛନ୍ତି। ଏହାପରେ ପ୍ରଶ୍ନ ଉଠିଛି ଯେ ଯଦି ଡବଲ୍ ଇଞ୍ଜିନ୍ ମଧ୍ୟ ଅସହାୟ ତେବେ ଆଉ କେତେ ଇଞ୍ଜିନ ଲାଗିଲେ ଓଡ଼ିଶା ପ୍ରଗତି ପଥରେ ଚାଲିପାରିବ।

ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ଅସହାୟସୂଚକ କ୍ଷୋଭ ଅନୁସାରେ ଭାରତୀୟ ଖାଦ୍ୟ ନିଗମ ଠିକ୍ ସମୟରେ ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଏବେ ଗୋଦାମରେ ରବି ଋତୁ ଅମଳର ଚାଉଳ ପଡ଼ି ରହିଛି। ଖରିଫ୍ ଧାନ ସଂଗ୍ରହ ବେଳ ଆସିଗଲାଣି। ଯଦି ତା'ପୂର୍ବରୁ ଏଫ୍‌ସିଆଇ ଚାଉଳ ନ ଉଠାଏ ଧାନସଂଗ୍ରହରେ ଘୋର ସଙ୍କଟ ସୃଷ୍ଟି ହେବ। ଏ ସମ୍ପର୍କରେ ବାରମ୍ବାର ଜଣାଇବା ପରେ ମଧ୍ୟ କେନ୍ଦ୍ର ଶୁଣୁନାହିଁ ବୋଲି ମନ୍ତ୍ରୀ ମହୋଦୟ କହିଛନ୍ତି। ଅନ୍ୟ ରାଜ୍ୟ ପାଇଁ ଦରଦ ଥିବା ବେଳେ ଓଡ଼ିଶା କାହିଁକି କ୍ରମାଗତ ଅବହେଳାର ଶିକାର ହେଉଛି ତାହା ବୁଝାପଡୁନାହିଁ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ଏଥିରୁ ଡବଲ୍ ଇଞ୍ଜିନ୍‌ରେ ଓ ତାଳମେଳ ରହୁନଥିବା ପ୍ରମାଣିତ ହୋଇଛି। ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୩୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ଏଫ୍‌ସିଆଇ ଜରିଆରେ ଉଠାଇବା ପାଇଁ ଲକ୍ଷ୍ୟ ରଖିଥିଲେ ମଧ୍ୟ ମାତ୍ର ୭.୨୮ ଲକ୍ଷ ଟନ୍ ଚାଉଳ ଉଠାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାରେ ସଂଗ୍ରହ ହେଉଥିବା ଧାନ ପିଡିଏସ୍ ମାଧ୍ୟମରେ ବଣ୍ଟନ ଦ୍ୱାରା ସମସ୍ୟାର କିଛି ପରିମାଣରେ ସମାଧାନ ହୋଇପାରୁଛି। କିନ୍ତୁ ପଶ୍ଚିମ ଓଡ଼ିଶାରେ ପ୍ରାୟ ୬୦ରୁ ୭୦ ପ୍ରତିଶତ ଚାଉଳ ସରକାରୀ ଓ ମିଲରମାନଙ୍କ ଗୋଦାମରେ ପଡ଼ି ରହୁଛି। ଗୋଦାମ ଖାଲି ନ ହେଲେ ଖରିଫ ଧାନ କିଣାଯିବ ନାହିଁ ବୋଲି କିଛିଦିନ ତଳେ ମିଲର ସଂଘ ରାଜ୍ୟ ସରକାରଙ୍କୁ ଚରମବାଣୀ ଶୁଣାଇ ଥିବାରୁ ରାଜ୍ୟ ସରକାର ଆହୁରି ଅଡୁଆରେ ପଡ଼ିଛନ୍ତି।

ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାର ଏବେ ଦୋଛକିରେ ପଡ଼ିଛନ୍ତି। ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧିତ ଆଇନ୍‌କୁ ପାରିତ କରାଇବା ପାଇଁ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ସାଂସଦ ନିରବ ସମର୍ଥନ ଦେଇଦେଲେ। ଏଥିଯୋଗୁଁ ଓଡ଼ିଶାର ପ୍ରଭୂତ ରାଜସ୍ୱ କ୍ଷତି ହେବ ଜାଣି ମଧ୍ୟ 'ପାର୍ଟି ସ୍ୱାର୍ଥ' ଆଗରେ 'ମାଟିର ମମତା' ଗୌଣ ହୋଇଗଲା। ଏବେ ସମାନ ପରିସ୍ଥିତି ଚାଉଳ ସଂଗ୍ରହରେ ଦେଖାଦେଇଛି, ଯାହାକୁ ଖୋଦ୍ ରାଜ୍ୟ ବିଜେପି ମନ୍ତ୍ରୀ ପରୋକ୍ଷରେ ସ୍ୱୀକାର କରିଛନ୍ତି। ପାର୍ଟି(ଦିଲ୍ଲୀ) ବିରୋଧରେ ସ୍ୱର ଉତ୍ତୋଳନ କଲେ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ଏପରିକି ମନ୍ତ୍ରୀପଦ ମଧ୍ୟ ଚାଲିଯାଇପାରେ। ଅପରପକ୍ଷପରେ ଗୋଦାମ ଅଭାବ ଦର୍ଶାଇ ଚାଷୀଙ୍କଠାରୁ ଧାନ ନ କିଣିଲେ ସେମାନଙ୍କ ଅସୂୟାର ଶିକାର ହେବେ।

ଯାହା ଜଣାପଡୁଛି କେନ୍ଦ୍ରୀୟ ଚାପ ଯୋଗୁଁ ଓଡ଼ିଶା ସରକାର ଓ ସାଂସଦମାନେ ନିରବ ରହି ଓଡ଼ିଶାକୁ ଜାଣିଶୁଣି ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଉଛନ୍ତି। କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି କିମ୍ବା ଏହା ଉପରେ ସ୍ପଷ୍ଟୀକରଣ ରଖୁନାହାନ୍ତି। ପ୍ରକୃତରେ ସମସ୍ୟା କ'ଣ ତାହା କେନ୍ଦ୍ର ସରକାର ଜଣାଇବା ଦରକାର। କେନ୍ଦ୍ରୟ ଶସ୍ୟ ଭଣ୍ଡାର ପାଇଁ ଏମ୍‌ଏସ୍‌ପି ଭିତ୍ତିରେ ରାଜ୍ୟମାନଙ୍କ ମାଧ୍ୟମରେ ତଥା କେନ୍ଦ୍ରୀୟ ସଂସ୍ଥାମାନଙ୍କ ଦ୍ୱାରା ଧାନ ଓ ଅନ୍ୟାନ୍ୟ ସଂଗ୍ରହ କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଓଡ଼ିଶାର ଧାନ ସଂଗ୍ରହ କ୍ଷେତ୍ରରେ ଏ ଯେଉଁ ଅନିୟମିତତା ଦେଖାଯାଉଛି ଏଥିରେ କାହାର ଦୋଷ ରହୁଛି, ଜାଣିବାକୁ କିଛି ଅସୁବିଧା ନାହିଁ। ରାଜ୍ୟ ସରକାରଙ୍କ ସହାୟତାରେ ଯଦି ଏହି କାର୍ଯ୍ୟକ୍ରମ କରାଯାଉଛି କେନ୍ଦ୍ର ସରକାର ଏଭଳି ଅହେତୁକ ବିଳମ୍ବ ପାଇଁ ନିଶ୍ଚୟ ଉତ୍ତରଦାୟୀ। ଏହାବ୍ୟତୀତ କୃଷକ ସ୍ୱାର୍ଥ ବିରୋଧୀ ପଦକ୍ଷେପ ଜାଣିଶୁଣି ଯଦି କେନ୍ଦ୍ର ସରକାର ନେଉଥା'ନ୍ତି, ତାହାହେଲେ ଏହା ଅବିବେକୀ ବୋଲି ଗଣା ହେବା ସହିତ କେନ୍ଦ୍ରରେ ଶାସକ ଦଳର କ୍ଷତିସାଧନ କରିପାରେ।

ଆଗକୁ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ। ତା'ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବିବାଦର ସମାଧାନ ଯେତେଶୀଘ୍ର ହେବ, ସେତେ ମଙ୍ଗଳ। ତା'ନହେଲେ ବିବାଦୀୟ ପ୍ରସଙ୍ଗ କେବଳ କେନ୍ଦ୍ର-ରାଜ୍ୟ ଓ ସଂଘୀୟ ସମ୍ପର୍କକୁ କ୍ଷୁଣ୍ଣ କରିବ ନାହିଁ, ଏହା ମଧ୍ୟ ଶାନ୍ତିପୂର୍ଣ୍ଣ ନିର୍ବାଚନ ବାତାବରଣକୁ ତିକ୍ତ ଏବଂ ଅସୂୟାମୂଳକ କରିବ। କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ନୁହନ୍ତି। ଏହାସତ୍ତ୍ୱେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ଦୈନ୍ୟତା ଓ ନିରବତା ପ୍ରକାଶ କରିବା ଭଲ ଲକ୍ଷଣ ନୁହେଁ। ଏହାର ସମାଧାନ ଯେତେଶୀଘ୍ର ହେବ ସେତେ ଭଲ; ନ ହେଲେ ଧାନ ସଂଗ୍ରହରେ ରାଜନୀତି ଖେଳ ଆସନ୍ତା ନିର୍ବାଚନରେ ପଡ଼ିବା ବିଚିତ୍ର ହେବ ନାହିଁ। ●

# ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାର ସମ୍ପର୍କ

କମଳାକାନ୍ତ ପ୍ରହରାଜ

ମାଟିର ଗନ୍ଧ ଭାଷାରେ ବଞ୍ଚିଥାଏ। ସେ ଉତ୍କଳ ଦିବସ ହେଉ କିମ୍ବା ଭାଷା /ସାହିତ୍ୟ/ ସଂସ୍କୃତି/ପରମ୍ପରା ଦିବସ ହେଉ। ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ଓଡ଼ିଆ ପରମ୍ପରା, ଓଡ଼ିଆ ସଂସ୍କୃତିର ସୁରକ୍ଷା, ପ୍ରସାର ଓ ପ୍ରଚାର ଆଦି ନାରା ଓ ଭାଷଣବାଜିରେ କମ୍ପି ଉଠେ। ହେଲେ ଓଡ଼ିଶା ବାହାରେ ବିଚ୍ଛିନ୍ନାଞ୍ଚଳ କଥା କ'ଣ କେହି ଜଣେ ମନରେ ଚିନ୍ତା କରିଛନ୍ତି କି? ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ବିଦ୍ୟାଳୟଗୁଡ଼ିକରେ ମାତ୍ର କେଇ ଟଙ୍କା ଭତ୍ତା ନେଇ ଓଡ଼ିଆଭାଷାକୁ ବଞ୍ଚାଇବା ପାଇଁ ଅନବରତ ସଂଗ୍ରାମ କରୁଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ କଥା ଆମ ଓଡ଼ିଶା ସରକାର ବୋଧେ ଭୁଲି ଯାଇଛନ୍ତି। ନଚେତ୍ କ୍ଷମତା ଗ୍ରହଣ କରୁ କରୁ ଆମ ମୁଖ୍ୟମନ୍ତ୍ରୀ ବିଚ୍ଛିନ୍ନାଞ୍ଚଳ ଯାଇ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି ପାଇଁ କରିଥିବା ଘୋଷଣାକୁ ଆଜକୁ ଦୁଇ ବର୍ଷ ପୂରିଲାଣି। ମିଳିବା ତ ଦୂର କଥା ବିଗତ ସରକାର ଅମଳର ପୁରୁଣା ଭତ୍ତା ମଧ୍ୟ ନ ପାଇ ଅଧିକାଂଶ ଅବସର ଗ୍ରହଣ କରି ସାରିଲେଣି।

ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଷଢ଼େଇକଳା-ଖରସୁଆଁର ଓଡ଼ିଆମାନେ 'ଉତ୍କଳ ଦିବସ'କୁ କେଉଁ ପ୍ରକାରର ଓ କ'ଣ ପାଇଁ ପାଳନ କରିବେ ତାହା ବୁଝି ପାରୁନାହାନ୍ତି। ସେମାନେ ଏ ନିଷ୍କର୍ଷରେ ମଧ୍ୟ ପହଞ୍ଚି ପାରୁ ନାହାନ୍ତି ଯେ 'ସେମାନେ କିଏ? ଓଡ଼ିଆ ନା ବିହାରୀ? ଓଡ଼ିଶାର ନା ଝାଡ଼ଖଣ୍ଡର?' ସେମାନଙ୍କର ଶରୀର ଏବେ ଝାଡ଼ଖଣ୍ଡରେ ରହିଛି; କିନ୍ତୁ ମନ ଓ ଆତ୍ମା ରହିଛି ଓଡ଼ିଶାରେ।

ସ୍ୱାଧୀନତା ପୂର୍ବବର୍ତ୍ତୀ ବଙ୍ଗ ଗଠନ ଓ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଅବା ସ୍ୱାଧୀନତା ପରବର୍ତ୍ତୀ ରାଜ୍ୟ ପୁନର୍ଗଠନ ସମୟରେ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାଠାରୁ ବିଚ୍ଛିନ୍ନ ହୋଇ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଇତ୍ୟାଦି ରାଜ୍ୟରେ ସାମିଲ ହୋଇଗଲା। ରାଜନୈତିକ ଛକା-ପଞ୍ଝା ମଧ୍ୟରେ ଏମାନଙ୍କର ଭାଗ୍ୟ ସବୁ ଅନିଶ୍ଚିତତାର ଅନ୍ଧକାର ମଧ୍ୟକୁ ଠେଲି ହୋଇଗଲା। ସେମାନଙ୍କର ଅସନ୍ତୋଷ ଓ ପ୍ରତିବାଦର ସ୍ୱରକୁ ଆଶ୍ୱାସନାର ପ୍ରତିଶ୍ରୁତି ମାଧ୍ୟମରେ ଚପାଇ ଦିଆଗଲା। ସେଠିକାର ବାସିନ୍ଦା ଆଶା ଓ ନିରାଶାର ମଧ୍ୟରେ ଗତି କରାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ରହିଲା ନାହିଁ। ପରବର୍ତ୍ତୀ ସମୟରେ ସେ ଅଞ୍ଚଳଗୁଡ଼ିକ 'ବିଚ୍ଛିନ୍ନାଞ୍ଚଳ ଓଡ଼ିଶା' ନାମରେ ଏକ ନୂତନ ପରିଚୟ ପ୍ରାପ୍ତ ହେଲା।

ସଂପୃକ୍ତ ରାଜ୍ୟ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ଓ ବୈଠକ ବସି ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଚାଲିଲା। ଓଡ଼ିଶାର ଭାଷାକୁ ବଞ୍ଚାଇ ରଖିବା ଏବଂ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସଂରକ୍ଷଣ ପାଇଁ ପ୍ରତିବର୍ଷ ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଆ ପୁସ୍ତକ ଯୋଗାଣ, ଓଡ଼ିଆ ଶିକ୍ଷକ ନିଯୁକ୍ତି ସହିତ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ଶିକ୍ଷାନୁଷ୍ଠାନଗୁଡ଼ିକରେ ତିନି ଶତକଡ଼ା ସ୍ଥାନ ସଂରକ୍ଷଣ ଇତ୍ୟାଦି ସବୁ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। କିନ୍ତୁ ସମୟକ୍ରମେ ଓଡ଼ିଶା ସରକାରଙ୍କ ଉଦାସୀନତା ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆମାନଙ୍କର ସଂଘଟିତ ନେତୃତ୍ୱର ଅଭାବ ହେତୁ ବର୍ତ୍ତମାନ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କର ଭାଗ୍ୟ-ଆକାଶରେ କଳାବାଦଲ ମାଡ଼ି ଚାଲିଛି। ସେମାନଙ୍କର ଅସ୍ତିତ୍ୱ ଓ ପରମ୍ପରା ଲୋପ ପାଇବାକୁ ବସିଲାଣି। ସେମାନେ ଅଲୋଡ଼ା ହୋଇ ଯାଇଛନ୍ତି ଉଭୟ ଓଡ଼ିଶା ଓ ନିଜ ନିଜ ରାଜ୍ୟ ପାଇଁ।

ଅଧ୍ୟୟନରୁ ଜଣାଯାଏ ଯେ ଝାଡ଼ଖଣ୍ଡର ୨୪ ଟି ଜିଲ୍ଲା ମଧ୍ୟରୁ ୧୦ଟି ଯଥା - ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି, ଷଢ଼େଇକଳା - ଖରସୁଆଁ, ରାଞ୍ଚି, ଧାନବାଦ, ବୋକାରୋ, ଲାହାରଡେଗା, ଗୁମଲା, ସିମଡେଗ଼ା ଓ ଲାଟେହାରା ଜିଲ୍ଲାରେ ଓଡ଼ିଆ ଭାଷାଭାଷୀ ସଂଖ୍ୟା ସର୍ବାଧିକ ଥିଲେ। ସମଗ୍ର ରାଜ୍ୟର ମୋଟ ଜନସଂଖ୍ୟାର ୩୦% କେବଳ ଓଡ଼ିଆ। ରାଜ୍ୟର ମୋଟ ଜନସଂଖ୍ୟା ତିନିକୋଟି ତିରିଶ ଲକ୍ଷ ହୋଇଥିବା ବେଳେ ଉପରୋକ୍ତ ୧୦ଟି ଜିଲ୍ଲାର ଜନସଂଖ୍ୟା ଏକକୋଟି ପଞ୍ଚାବନ ଲକ୍ଷ। ସେଥିମଧ୍ୟରୁ ପାଖାପାଖି ୯୦ଲକ୍ଷ କେବଳ ଓଡ଼ିଆ। ରାଜ୍ୟର ମୋଟ ସରକାରୀ, ବେସରକାରୀ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ୨୧୩୮୬। ସେଥିମଧ୍ୟରୁ ଉପରୋକ୍ତ ୧୦ ଟି ଜିଲ୍ଲାରେ ଓଡ଼ିଆ ବିଦ୍ୟାଳୟର ସଂଖ୍ୟା ଥିଲା ୪୦୦ରୁ ଉର୍ଦ୍ଧ୍ୱ। ବହୁ ବିଳମ୍ବରେ ହେଲେ ମଧ୍ୟ ଝାଡ଼ଖଣ୍ଡରେ ଓଡ଼ିଆକୁ ୨୦୧୧ ମସିହାରେ ସରକାରୀସ୍ତରରେ ଦ୍ୱିତୀୟ ଭାଷାର ମାନ୍ୟତା ମିଳିଲା। କିନ୍ତୁ ବାସ୍ତବରେ କୌଣସି ସୁଫଳ ଅଦ୍ୟାବଧି ମିଳି ପାରିନାହିଁ। ଓଡ଼ିଆମାନେ ଝାଡ଼ଖଣ୍ଡରେ ଆଜି ଦ୍ୱିତୀୟଶ୍ରେଣୀ ନାଗରିକ ଭାବେ ରହିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନାହାନ୍ତି ଏବଂ ବାକି ବିଦ୍ୟାଳୟଗୁଡ଼ିକରେ ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତେ ହିନ୍ଦୀ ବା ବଙ୍ଗାଳୀ ଭାଷୀ ଶିକ୍ଷକ।

ଝାଡ଼ଖଣ୍ଡ ସରକାର ଉଦ୍ଦେଶ୍ୟମୂଳକ ଭାବରେ ନବମ ଓ ଦଶମ ଶ୍ରେଣୀର ଓଡ଼ିଆ ସାହିତ୍ୟ ପୁସ୍ତକ ୨୦ ବର୍ଷ ତଳର ପୁରୁଣା ପାଠ୍ୟକ୍ରମ ଅନୁସାରେ ପ୍ରଚଳିତ କରି ଚାଲିଛନ୍ତି। ତେଣୁ ଓଡ଼ିଶା ସରକାର ଆଉ ସେହି ପୁସ୍ତକ ସବୁ ଯୋଗାଇ ପାରୁନାହାନ୍ତି। ପୁରୁଣା ବହି ସବୁ ବଜାରରେ ମଧ୍ୟ ମିଳୁ ନ ଥିବାରୁ ଛାତ୍ରଛାତ୍ରୀମାନେ ଚିରାଫଟା ବହିକୁ ଜେରକ୍ସ କରି କାମ ଚଳାଉଛନ୍ତି। ଅଧିକନ୍ତୁ ପିଲାମାନଙ୍କୁ ଓଡ଼ିଆ ବିଷୟ ଛଡ଼ା ଅନ୍ୟ ସମସ୍ତ ବିଷୟକୁ ହିନ୍ଦୀରେ ପଢ଼ି ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏତଦ୍‌ବ୍ୟତୀତ ଜନସଂଖ୍ୟା ବୃଦ୍ଧି ଅନୁସାରେ ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସଂଖ୍ୟା ବୃଦ୍ଧି ପରିବର୍ତ୍ତେ କମି ଯାଉଥିବାରୁ ଏବଂ ଓଡ଼ିଆ ଶିକ୍ଷକ ଅଭାବ ହେତୁ ଅଭିଭାବକମାନେ ପିଲାମାନଙ୍କୁ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଓ ବଙ୍ଗଳା ଭାଷାରେ ଶିକ୍ଷା ଦେବାକୁ ଶ୍ରେୟ ମଣୁଛନ୍ତି।

ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ପରିବାର ମଧ୍ୟରେ ସମ୍ପର୍କର ସେତୁ ଭାବରେ କାର୍ଯ୍ୟ କରେ। ମନର ଆବେଗ ଓ ହୃଦୟର ବାର୍ତ୍ତାକୁ ଏମାନେ ବହନ କରିଥା'ନ୍ତି। ଏହି ନିୟମରେ ଓଡ଼ିଶା ତଥା ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପରିବାରଗୁଡ଼ିକ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଛି। ବିଚ୍ଛିନ୍ନାଞ୍ଚଳର ଝିଅ ଆଜି ଓଡ଼ିଶାର ବୋହୂ ଏବଂ ଓଡ଼ିଶାର ଝିଅ ବିଚ୍ଛିନ୍ନାଞ୍ଚଳର ବୋହୂ ଭାବରେ ସୁନ୍ଦର ସଂସାର ଗଢ଼ି ତୋଳିଛନ୍ତି। ଭାଷା, ସଂସ୍କୃତି ଓ ପରମ୍ପରାଗତ ସମାଞ୍ଜସ୍ୟ ହେତୁ ସେମାନଙ୍କର କୌଣସି ଅସୁବିଧା ହେଉନାହିଁ। କିନ୍ତୁ ଦିନ ଆସିବ ବିଚ୍ଛିନ୍ନାଞ୍ଚଳର ସବୁ ଓଡ଼ିଆ ପରିବାର ନିଜ ନିଜ ଅସ୍ତିତ୍ୱକୁ ଧୀରେ ଧୀରେ ହରାଇ ବସିବେ। ଓଡ଼ିଆମାନେ ବିହାରୀ ବା ବଙ୍ଗାଳୀମାନଙ୍କ ଭିତରେ ନିଜକୁ ବିଲୀନ କରିବାକୁ ବାଧ୍ୟ ହେବେ। ପଶ୍ଚିମବଙ୍ଗରେ ରହିଆସୁଥିବା ବହୁ ଓଡ଼ିଆ ଯେପରି ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ସଙ୍କୋଚ ବୋଧ କରୁଛନ୍ତି, ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡର ଓଡ଼ିଆମାନଙ୍କର ଅବସ୍ଥା ମଧ୍ୟ ଦିନେ ନିଶ୍ଚିତ ସେହିପରି ହେବ। ଓଡ଼ିଆତ୍ୱ ସେମାନଙ୍କ ମନ ମଧ୍ୟରୁ ମରିଯିବ। ଭାଷାଗତ ପାର୍ଥକ୍ୟ ଯୋଗୁଁ ଆସ୍ତେ ଆସ୍ତେ ଓଡ଼ିଆଙ୍କ ଚାଲିଚଳଣ, ପରମ୍ପରା, ସଂସ୍କୃତି ସବୁ ଲୋପ ପାଇଯିବ। ଏହା ଆଉ ବେଶୀ ସମୟ ନୁହେଁ, ଯେ ଉଭୟ ବିଚ୍ଛିନ୍ନାଞ୍ଚଳ ଓ ଓଡ଼ିଶାବାସୀ ପରସ୍ପର ମଧ୍ୟରେ ସମ୍ପର୍କ ଯୋଡ଼ିବାକୁ ଆଉ ଚାହିଁବେନି କିମ୍ବା ନିରାପଦ ମଣିବେନି। ଶୁଣା ବି ଯିବନି ଆଉ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆର ସ୍ୱର। କହିବା ବାହୁଲ୍ୟ ବିଚ୍ଛିନ୍ନାଞ୍ଚଳ ସମସ୍ୟାରୁ ସଂପୂର୍ଣ୍ଣ ମୁକ୍ତି ପାଇଯିବେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ସରକାର।

ତେବେ ବିଚ୍ଛିନ୍ନାଞ୍ଚଳବାସୀ ଓ ଓଡ଼ିଶାବାସୀ ହିସାବରେ ଆମେ ସମସ୍ତେ ଚାହିଁବା ଆଗାମୀ ଦିନରେ ଏ ଅବସ୍ଥା ନ ଆସୁ। ଉଭୟ ସରକାର ଏମାନଙ୍କର ହୃଦୟର କୋହକୁ ହୃଦୟଙ୍ଗମ କରନ୍ତୁ। କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ରଖି ସମସ୍ତ ବୁଦ୍ଧିଜୀବୀ, ରାଜନୈତିକ ଦଳର ବ୍ୟକ୍ତିବିଶେଷ ଓ ସାଧାରଣ ଜନତା ସମସ୍ୟା ସମାଧାନ ପାଇଁ ସାହାଯ୍ୟର ହାତ ବଢ଼ାନ୍ତୁ। ଏବେବି ସମୟ ଅଛି। ଓଡ଼ିଶା ସରକାର ଜାଗ୍ରତ ହୁଅନ୍ତୁ। ବିଚ୍ଛିନ୍ନ ହୋଇ ରହିଯାଇଥିବା ନିଜ ସନ୍ତାନ ପ୍ରତି ଆଉ ସାବତ ମାତା ଭାବନା ନ ରଖି କୋଳେଇ ନିଅନ୍ତୁ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କୁ। ଆଗାମୀ ଦିନରେ ଏକ ସୁନ୍ଦର ସୁନେଲି ସୂର୍ଯ୍ୟୋଦୟ ହେଉ। ଏହାହିଁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ●

ମୋ: ୭୦୦୮୩୮୫୯୮୫

# ସନ୍ତାନପ୍ରାପ୍ତି: ଲାଭ-ଦୁର୍ଗତି

ଅର୍ଜୁନ ଘଡ଼େଇ

ଆଜିର ସମୟରେ ସନ୍ତାନ ପ୍ରାପ୍ତି ଲାଳସା, କେବଳ ଭୌତିକ ସୁଖର କାରଣ ନହୋଇ ଅନେକ ଦୁର୍ଗତିର ମାର୍ଗରେ ପିତାମାତାଙ୍କୁ ନିୟନ୍ତ୍ରିତ କରୁଛି। ସାମାଜିକ ବ୍ୟବସ୍ଥାକୁ ସ୍ୱୀକୃତି ଦେବା, ଆଧ୍ୟାତ୍ମିକ ପରମ୍ପରାର ସୁରକ୍ଷା କରିବା ଆଳରେ ସନ୍ତାନପ୍ରାପ୍ତିର ମୋହ ଦୂର ହେଉନାହିଁ। ପୁତ୍ର ପ୍ରାପ୍ତି ଲକ୍ଷ୍ୟରେ ପତ୍ନୀ ଗ୍ରହଣ କରିବା କିମ୍ବା 'ପୁତ୍' ନାମକ ନର୍କରୁ ଉଦ୍ଧାର ହେବା ପାଇଁ ସନ୍ତାନ ପ୍ରାପ୍ତ କରିବା ମହାମନୀଷୀମାନଙ୍କ ମତକୁ ସମ୍ମାନ ଦେବାକୁ ଯାଇ ଯେଉଁ ଦୁର୍ଗତି ଓ ଦୁର୍ଦ୍ଦଶା ମିଳୁଛି, ତାହା ଆଜିର ପ୍ରତ୍ୟେକ ବୟସ୍କ ପିତାମାତା ଅନୁଭବୀ। ଅକୁହା ବେଦନା ଭାବେ ତାହା ପରିପ୍ରକାଶ ପାଉନଥିଲେ ମଧ୍ୟ ଅଧିକାଂଶ ମାତାପିତାଙ୍କ ଅନ୍ତର୍ନିହିତ ଭାବନାର ତାହା ଆଜି ଅପ୍ରକାଶ୍ୟ ଭାଷା।

କ୍ରିୟାର ପ୍ରତିକ୍ରିୟା ପରି ଦାନର ପ୍ରତିଦାନ ପାଇବା ପ୍ରତ୍ୟେକଙ୍କର ମାନସିକତା ଥାଏ। ତେଣୁ ସନ୍ତାନମାନଙ୍କଠାରୁ ବାର୍ଦ୍ଧକ୍ୟରେ କିଛି ଆଶା କରିବା ନିରର୍ଥକ ହୋଇ ନ ପାରେ। ପରିବର୍ତ୍ତିତ ସମୟର ବିଚାରଧାରାରେ ସନ୍ତାନମାନଙ୍କଠାରୁ କିଛି ଆଶା କରିବା ଅଯୌକ୍ତିକର ଦର୍ଶାଇ ଯେଉଁମାନେ ମାନସିକ ପ୍ରବୋଧନା ଦେଉଛନ୍ତି ସେମାନଙ୍କ ମତ ମଧ୍ୟ ଗ୍ରହଣୀୟ। କିନ୍ତୁ ସନ୍ତାନପ୍ରାପ୍ତିର ଲାଳସା ଜନିତ କାରଣରୁ ଯେଉଁ ପିତାମାତାମାନେ ମାନସିକ ଓ ଶାରିରୀକ ଯନ୍ତ୍ରଣା ଅନୁଭବ କରୁଛନ୍ତି, ସେମାନେ 'ପୁତ୍ରହୀନ' ବା 'ଅପୁତ୍ରିକ' ପରି ନିନ୍ଦା, ଅପବାଦ ବରଂ ସହିବାକୁ ଶ୍ରେୟ ମଣୁଛନ୍ତି। ସନ୍ତାନମାନଙ୍କର ଲାଳନ ପାଳନଠାରୁ ଆରମ୍ଭ କରି ଉଚିତ୍ ଶିକ୍ଷା ଦେଇ ନିଜ ଗୋଡ଼ରେ ଛିଡ଼ା କରେଇବା, ଯୌବନରେ ବୈବାହିକ କାର୍ଯ୍ୟ ଆଦି ସଂପାଦନା କରିବାରେ ସମସ୍ତ ବର୍ଗର ପିତମାତାମାନେ ଶକ୍ତି ଅନୁଯାୟୀ ଅଣନିଃଶ୍ୱାସୀ ହୋଇ ପ୍ରଯତ୍ନ କରିଥା'ନ୍ତି। ଯଦି ସନ୍ତାନଟି ଉପଯୁକ୍ତ ଶିକ୍ଷା ଲାଭ କରି ରୋଜଗାର କ୍ଷମ ହୋଇଯାଏ ତେବେ ଟିକେ ଆଶ୍ୱସ୍ତି ମିଳେ ପିତାମାତାଙ୍କୁ। ଯଦି ରୋଜଗାରକ୍ଷମ ହେବାରେ ଅସୁବିଧା ହୁଏ, ତେବେ ସବୁ ଦୋଷ ପିତାମାତାଙ୍କ ଉପରେ ଲଦି ଦିଅନ୍ତି ସନ୍ତାନମାନେ।

ଉପଯୁକ୍ତ ବୟସରେ ପୁଅ ପାଇଁ ବୋହୂଟିଏ ବା କନ୍ୟା ପାଇଁ ସୁଯୋଗ୍ୟ ବରପାତ୍ର ଟିଏ ଯୋଗାଡ଼ କରି ସେମାନଙ୍କର ଦାମ୍ପତ୍ୟ ଜୀବନ ଗଢ଼ିବା ପରେ ଯଦି ବୋହୂ ସହ ପୁଅ ଭଲରେ ସମୟ କଟାଏ ତେବେ ଟିକିଏ ସୁଖ ମିଳେ। କିନ୍ତୁ ଯଦି ସେମାନଙ୍କ ଜୀବନରେ ଦାମ୍ପତ୍ୟ ସୁଖ ନମିଳେ ସବୁଦୋଷ ପିତାମାତାଙ୍କ ଉପରେ ଲଦି ଦିଆଯାଏ ଯେ ସେମାନେ ଉପଯୁକ୍ତ କନ୍ୟାଟିଏ ଯୋଗାଡ଼ କରିବାରେ ଅସମର୍ଥ ହେଲେ। ଅନୁରୂପ ଭାବରେ 'ଝିଅ-ଜ୍ୱାଇଁ' ଭଲରେ ଚଳୁଥିଲେ ଯେତିକି ସୁଖ ଶାନ୍ତି ବାପମା' ପାଆନ୍ତି, ସେମାନଙ୍କ ଦାମ୍ପତ୍ୟ ଜୀବନର ବିଭ୍ରାଟର କୁପରିମାଣାମ ପିତାମାତାଙ୍କୁ ହିଁ ଭୋଗ କରିବାକୁ ପଡ଼େ। ଆଜିକାଲିର ପିଲାମାନେ ଶିକ୍ଷାସଂସ୍କାର ରହିତ ମାନସିକତା ଯୋଗୁଁ ପିତାମାତାଙ୍କ ଦୋଷତ୍ରୁଟି ଆକଳନ କରିବାରେ ବ୍ୟସ୍ତ।

ଆଜିର ପ୍ରାପ୍ତବୟସ୍କ ସନ୍ତାନମାନଙ୍କ ଭାବନାରେ ବୟସ୍କମାନେ କେବଳ 'ଗୃହ ଜଗୁଆଳୀ।' ଆଗନ୍ତୁକ ଦେଖିଲେ 'କିଏ ଆସିଲେଣି' ବୋଲି କହିବେ - ବାସ୍ ଏତିକି। ଅଧିକ କହିବା ବା କରିବା ପାଇଁ ସେମାନଙ୍କର ଆବଶ୍ୟକତା ନାହିଁ। 'ପେଚା' ପରି ସେମାନେ କେବଳ ଦେଖିପାରିବେ; କାହାର ଅନ୍ୟାୟ, ଅତ୍ୟାଚାରକୁ ତାଗିଦ କରିପାରିବେ ନାହିଁ। ଅସହାୟତାରେ କେବଳ କାହାକୁ ମୁହଁ ଖୋଲି ଚାହିଁବେ। ଦୁଃଖ କଷ୍ଟର ନିରାକରଣ ପାଇଁ ଦାବି କରିପାରିବେ ନାହିଁ। ରୋଗରେ ସଢୁଥିଲେ ବି ଉତ୍ତମ ଚିକିତ୍ସା ପାଇଁ ସନ୍ତାନମାନଙ୍କୁ ବାଧ୍ୟ କରିପାରିବେ ନାହିଁ। ବରଂ ଯେତିକି ଚିକିତ୍ସା ସୁବିଧା ମିଳିବ ତା'କୁ ଗ୍ରହଣ କରିନେବେ। ସର୍ବୋପରି ଆଜିର ସମୟରେ ସେମାନଙ୍କର ଅତୀତର ଅଭିଜ୍ଞତାର ମୂଲ୍ୟବୋଧ, ସନ୍ତାନ ପାଇଁ ଆଉ ଗ୍ରହଣୀୟ ନୁହେଁ, ବରଂ ସେମାନେ 'ବାର୍ଦ୍ଧକ୍ୟଜନିତ ଅଜ୍ଞାନରେ ଅଯୌକ୍ତିକର, ଅଗ୍ରହଣୀୟ ଉପଦେଶଗୁଡ଼ାଏ ଦେଉଛନ୍ତି' - ଏପରି ଭାବନା ସୃଷ୍ଟି ହେଉଛି ସନ୍ତାନଙ୍କ ମନରେ।

ଏତେ କଷ୍ଟ ପାଉଥିବା ପରେ ବି ତୃତୀୟ ପିଢ଼ି ଅର୍ଥାତ୍ ନାତି-ନାତୁଣୀ, ଅଜା-ଆଇ ଡାକ ଶୁଣିବାରେ ବୟସ୍କ ପିତାମାତାଙ୍କ ମନ ଏତେ ବ୍ୟାକୁଳ ଯେ ପରିଣତି ସ୍ୱରୂପ ନିଜ ସନ୍ତାନମାନଙ୍କ ନିର୍ଦ୍ଦେଶରେ ନାତି-ନାତୁଣୀଙ୍କ 'କେୟାର ଟେକର୍' ଭାବେ ନିଯୁକ୍ତ ହେବାର ସୁଯୋଗ ସେମାନଙ୍କ ପାଇଁ ସୃଷ୍ଟି ହେଉଛି। ନାତି-ନାତୁଣୀଙ୍କ ସ୍ନେହ-ଶ୍ରଦ୍ଧାରେ ସବୁ ଦୁଃଖ ଭୁଲିଯିବାର ସୌଭାଗ୍ୟ ସେମାନଙ୍କୁ ମିଳୁନାହିଁ। ତୃତୀୟ ପିଢ଼ିର ମୋହରେ ବଶୀଭୂତ ବୟସ୍କ ପିତା-ମାତାଙ୍କ ଯନ୍ତ୍ରଣା ନିଜ ସନ୍ତାନମାନେ ମଧ୍ୟ ଉପଲବ୍ଧି କରିବାରେ ଅସମର୍ଥ।

କେହି କାହାର ପିତା-ମାତା ନୁହନ୍ତି, କେହି କାହାର ସନ୍ତାନ-ସନ୍ତତି ନୁହନ୍ତି। ଏହା କେବଳ ମାୟାପୂର୍ଣ୍ଣ ସଂସାରରେ ମାୟାଧରଙ୍କ ସାଂସାରିକ ଲୀଳା। ଭାଗବତବାଣୀର ଏହି ଅନ୍ତର୍ନିହିତ ଭାବ ସୁସମୃଦ୍ଧ ହେଲେ ବି ପିତାମାତାମାନେ ନବୁଝି ପାରିବା କାରଣରୁ ଯେତେ ସାଂସାରିକ ମୋହଗ୍ରସ୍ତ ହେଉଛନ୍ତି, ସେତେ ପରିମାଣରେ ଜୀବନର ଅନ୍ତିମ ଗତିକୁ ସନ୍ତାନମାନେ ଦୁର୍ଗତିରେ ପରିଣତ କରୁଛନ୍ତି। ପ୍ରକୃତରେ ଆଜିର ବସ୍ତୁବାଦୀ ସଭ୍ୟତାରେ ମାତାପିତା ପାରିବାରିକ ସମ୍ପର୍କ ମୋହରେ ଅଧିକ ଜଡ଼ିତ ନ ହେଲେ ସେମାନଙ୍କ କଷ୍ଟ କିଛି ପରିମାଣରେ ଦୂରୀଭୂତ ହୋଇପାରନ୍ତା। କିଛି ଦେଇ କିଛି ନ ପାଇବାର ମାନସିକତା ସୃଷ୍ଟି କଲେ ସନ୍ତାନମାନଙ୍କ ଦ୍ୱାରା ସୃଷ୍ଟ ସମସ୍ୟାରୁ ଦୂରେଇ ରହିବା ସମ୍ଭବ ହୁଅନ୍ତା। କିନ୍ତୁ ସାମାଜିକ ବ୍ୟବସ୍ଥାରେ ବୟସ୍କ ପିତାମାତାଙ୍କୁ ସେବାଯତ୍ନରେ ରଖିବାର ମାନସିକତା ନ ରଖିଲେ ଆଗାମୀ ବଂଶଧରମାନେ ସେହି ମହାନ୍ କର୍ତ୍ତବ୍ୟ ସଂପାଦନ ନକରି 'ପିତୃ ଋଣ- ମାତୃ ଋଣ' ପରିଶୋଧ କରିବାର ଭାବନା ଆଦୌ କରିବେ ନାହିଁ। ଯ' ଦ୍ୱାରା ସଭ୍ୟତା, ସଂସ୍କୃତି, ପରମ୍ପରାର ମହତ୍ ଉଦ୍ଦେଶ୍ୟ ପ୍ରଭାବିତ ହେବ। ଏହା ବୁଝିପାରି ଗ୍ରହଣୀୟ ସାମାଜିକ କର୍ତ୍ତବ୍ୟ ଆପଣେଇ ନେଲେ ଏକ ସୁସ୍ଥ ପରିବାର ଓ ସମାଜ ଗଠନ ହେବ - ଏହା ସୁନିଶ୍ଚିତ। ସନ୍ତାନପ୍ରାପ୍ତି ଦୁର୍ଗତିର କାରଣ ନହୋଇ ସମାଜର ମଙ୍ଗଳ ପାଇଁ ଭଲ ବାର୍ତ୍ତା ଦେବ। ପିତାମାତାଙ୍କ ସେବାଯତ୍ନରୁ ପ୍ରାପ୍ତ ଆଶୀର୍ବାଦ ସନ୍ତାନମାନଙ୍କର ଭବିଷ୍ୟତ ସୁଖମୟ କରିବାରେ ସହାୟକ ନିଶ୍ଚୟ ହେବ - ଏକଥା ଆଜିର ଶିକ୍ଷିତ, ସଭ୍ୟ ଯୁବ ପିଢ଼ି ବୁଝିବାରେ ଯଥେଷ୍ଟ ଆବଶ୍ୟକତା ରହିଛି। ସେମାନେ ପିତାମାତାଙ୍କ ଦୁର୍ଗତିର କାରଣ ନହୋଇ ସୁଖ, ଶାନ୍ତି ପ୍ରଦାନ କରି ସୁଗତିର ମାର୍ଗ ନିର୍ଣ୍ଣୟ କରନ୍ତୁ। ଏହା ହିଁ ଆଜିର ସମୟରେ ମୂଲ୍ୟବୋଧ ଭିତ୍ତିକ ଗ୍ରହଣୀୟ ସାମାଜିକ ବାର୍ତ୍ତା। ●

(ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ


ପ୍ରବୀର କୁମାର ପଟ୍ଟନାୟକ

**ପ୍ରାରମ୍ଭିକ ବୌଦ୍ଧ ଧର୍ମର ଭାଷା:**

କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମର କାର୍ଯ୍ୟକଳାପ, ସ୍ଥିତି ତଥା ସଫଳତା ବିଷୟରେ ଆଲୋଚନା କଲା ବେଳେ ଏହି ଅଞ୍ଚଳର ପ୍ରାମାଣିକ ବୌଦ୍ଧ ସାହିତ୍ୟର ଭାଷା ସଂପର୍କିତ ଏକ ଜଟିଳ ପ୍ରଶ୍ନ ଉପରେ ଆଲୋଚନା କରାଯିବା ଆବଶ୍ୟକ। ଅନେକ ବିଦ୍ୱାନ୍ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ (ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ)ର ଭାଷା ଏବଂ କଳିଙ୍ଗ ଓ ସିଂହଳ (ଶ୍ରୀଲଙ୍କା) ମଧ୍ୟରେ ପ୍ରାଚୀନକାଳରୁ ରହିଆସିଥିବା ସାଂସ୍କୃତିକ ସଂପର୍କକୁ ଆଧାର କରି ମତ ପ୍ରକାଶ କରିଥା'ନ୍ତି ଯେ ପାଲି ଭାଷାର ଉତ୍ପତ୍ତି କଳିଙ୍ଗ ଆନ୍ଧ୍ର ଅଞ୍ଚଳରୁ ହୋଇଥିଲା।

ସିଂହଳ ସଂପର୍କିତ ପ୍ରାଚୀନ ଅଭିଲେଖଗୁଡ଼ିକ ସହିତ ପରିଚିତ ସମସ୍ତେ ଜାଣିପାରିବେ ଯେ, ସିଂହଳ ଓ କଳିଙ୍ଗ ରାଜ୍ୟ ମଧ୍ୟରେ ଥିବା ସଂପର୍କ ଅତ୍ୟନ୍ତ ନିବିଡ଼ ତଥା ଦୃଢ଼। ବୌଦ୍ଧ ସାହିତ୍ୟକୁ ସିଂହଳରେ ପହଞ୍ଚାଇବା ବା ପ୍ରତିଷ୍ଠା କରିବାର ମାଧ୍ୟମ ଭାବରେ କଳିଙ୍ଗ ଦେଶ ଅଥବା ଦକ୍ଷିଣ ଭାରତର ଏହାର ନିକଟବର୍ତ୍ତୀ କୌଣସି ରାଜ୍ୟର ସବୁଠାରୁ ଅଧିକ ଦାବି ଥିବା ପରି ଜଣାଯାଏ। ପ୍ରସିଦ୍ଧ ବିଦ୍ୱାନମାନଙ୍କର ଏହି ମତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ଓଡ଼ିଶାର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଗୁଡ଼ିକର ପ୍ରାଚୀନ 'ବ୍ରାହ୍ମୀ' ଶିଳାଲେଖର ଭାଷାକୁ ନୂତନ ଭାବରେ ପରୀକ୍ଷା ନିରୀକ୍ଷା କରିବା ନିମନ୍ତେ ପ୍ରେରଣା ଦେଇଛି। ଏହି ଶିଳାଲେଖଗୁଡ଼ିକର ଭାଷା ମୂଳତଃ ସିଂହଳର 'ପାଲି' ଭାଷା ସହିତ ସମାନ। ଡଃ ଭଣ୍ଡାରକର ମଧ୍ୟ ଏହି ମତକୁ ସମର୍ଥନ କରିଛନ୍ତି। ତାଙ୍କ ମତରେ 'ପାଲି' ପ୍ରାଚୀନ କଳିଙ୍ଗ ଓ ମହାରାଷ୍ଟ୍ରର ମଧ୍ୟ ଭାଷା ଥିଲା ଏବଂ ଏହି ଅଞ୍ଚଳଗୁଡ଼ିକରୁ ପାଲି ଭାଷା ସିଂହଳକୁ ପ୍ରବେଶ କରିଥିଲା। ଏଚ୍. କର୍ଣ୍ଣଙ୍କ ପରି ବିଦ୍ୱାନମାନଙ୍କର ମଧ୍ୟ ଏହି ମତ ଯେ ପାଲି ଭାଷାର ଉତ୍ପତ୍ତି ଆନ୍ଧ୍ର-କଳିଙ୍ଗ ଅଞ୍ଚଳରେ ହୋଇଥିଲା। ଡଃ ବାଗ୍‌ଚୀଙ୍କ ମତରେ ଖାରବେଳଙ୍କ ଶିଳାଲେଖରୁ ଯାହା ସ୍ପଷ୍ଟ, ତାହା ହେଲା ପାଲି ପୂର୍ବ-ଭାରତର ଭାଷା ଥିଲା। ଖାରବେଳଙ୍କ ଶିଳାଲେଖ କଳିଙ୍ଗର ନିଜସ୍ୱ ଆଞ୍ଚଳିକ ଭାଷା ନୁହେଁ; ବରଂ ଏହା ସେହି ସମୟର ପ୍ରମାଣିତ ପୂର୍ବୀୟ ଭାଷା ଥିଲା, ଯାହା ସେତେବେଳେ ସମଗ୍ର ପୂର୍ବ ଭାରତରେ ସାହିତ୍ୟିକ ଭାଷା ଭାବରେ ପ୍ରଚଳିତ ଥିଲା। 'ପାଲି' ଭାଷା ମଗଧର ଭାଷା ଥିଲା ବୋଲି ସିଂହଳ ପରମ୍ପରାରେ ଯେଉଁ ଧାରଣା ରହିଛି, ତାହାର କୌଣସି ଦୃଢ଼ ଆଧାର ଥିବା ପରି ମନେ ହୁଏ ନାହିଁ।

ଓଡ଼ିଶାର ବୌଦ୍ଧ ପରମ୍ପରା



ସବୁଠାରୁ ଯୁକ୍ତିସଙ୍ଗତ ମତ ହେଉଛି - 'ପାଲି' ପ୍ରାଚୀନ କଳିଙ୍ଗ ଅଞ୍ଚଳର ଭାଷା ଥିଲା। ସେତେବେଳେ ପ୍ରାଚୀନ କଳିଙ୍ଗ ମଧ୍ୟରେ ପୂର୍ବଉପକୂଳର ଏକ ବିଶାଳ ଅଞ୍ଚଳ ରହିଥିଲା। ଆମେ ମଧ୍ୟ ଏହା ନିଶ୍ଚିତ ଭାବେ ସ୍ୱୀକାର କରିବା ଯେ, ଖାରବେଳ ନିଜର କୃତି ଓ ସଫଳତାର ବିବରଣୀ ନିଜ ଦେଶରେ ନିଜ ଦେଶର ଭାଷାରେ ହିଁ ଲେଖାଇଥିଲେ, ମଗଧବାସୀଙ୍କ ଭାଷାରେ ନୁହେଁ। ପୁନଶ୍ଚ ମଗଧବାସୀଙ୍କୁ ସେ ନିଜର ପ୍ରମୁଖ ଶତ୍ରୁ ଭାବରେ ବିବେଚନା କରୁଥିଲେ।

**ପ୍ରାରମ୍ଭିକ ବୌଦ୍ଧ ଧର୍ମର ପ୍ରସାର :**

ପ୍ରାରମ୍ଭିକ ବୌଦ୍ଧ ଧର୍ମ 'ପାଲି' ଭାଷାର ମାଧ୍ୟମରେ ବର୍ମା(ମିଆଁମାର) ସିଂହଳ ଓ ସିଆମ (ଥାଇଲାଣ୍ଡ) ଆଦି ଅଞ୍ଚଳରେ ପ୍ରସାର ଲାଭ କରିଥିଲା। ସମୁଦ୍ର ପାରି ପଡ଼ୋଶୀ ଏହି ଅଞ୍ଚଳଗୁଡ଼ିକରେ ବୌଦ୍ଧ ଧର୍ମର ଧର୍ମପ୍ରଚାରମୂଳକ କାର୍ଯ୍ୟକଳାପରେ କଳିଙ୍ଗର ଏକ ବଡ଼ ଭୂମିକା ରହିଥିଲା। କଳିଙ୍ଗ ଓ ଦକ୍ଷିଣ ଭାରତର ବିଭିନ୍ନ ଅଞ୍ଚଳ ମଧ୍ୟରେ ସକ୍ରିୟ ସାଂସ୍କୃତିକ ଆଦାନପ୍ରଦାନ ମଧ୍ୟ ରହିଥିଲା। ଏହାସହିତ ପୂର୍ବଭାରତର ପ୍ରାୟ ସମଗ୍ର ଉପକୂଳ ଅଞ୍ଚଳ ଅନେକ ଶତାବ୍ଦୀ ଧରି ବୌଦ୍ଧ ଧର୍ମର ଦୃଢ଼ କେନ୍ଦ୍ର ଭାବରେ ରହିଥିଲା।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଏମ୍‌ଏମ୍‌ଡିଆର୍ ବିଲ୍ ପଢ଼ି ବୁଝିପାରୁ ନାହାନ୍ତି ବିଜେପି ନେତା

## ଖଣି ଅଞ୍ଚଳର ହୋଇସୁଦ୍ଧା ଖଣି ଅର୍ଥନୀତି ଉପରେ ସାଂସଦଙ୍କର ଜ୍ଞାନ ଦୁର୍ବଳ: କଂଗ୍ରେସ

ଭୁବନେଶ୍ୱର,୪।୯(ସମିସ): ଏମ୍‌ଏମ୍‌ଡିଆର୍ ସଂଶୋଧନ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତାହା ମିଛ କହିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଏମ୍‌ଏମ୍‌ଡିଆର୍ ବିଲ୍ ପଢ଼ିପାରି ନାହାନ୍ତି। ସେ ଓଡ଼ିଶାରୁ ଜଣେ ସାଂସଦ ଏବଂ ବିଶେଷକରି ଖଣି ଅଞ୍ଚଳରୁ ହୋଇଥିଲେ ମଧ୍ୟ ଓଡ଼ିଶା ଏବଂ ଏହାର ଖଣିଜ ଅର୍ଥନୀତି ବିଷୟରେ ତାଙ୍କର ଜ୍ଞାନ ଦୁର୍ବଳ ବୋଲି କଂଗ୍ରେସ କହିଛି।

ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଭବିଷ୍ୟତ ବିନିମୟରେ କେବଳ ଅନ୍ଧ ଭାବରେ ନିଜ ଦଳର ସ୍ୱାର୍ଥ ରକ୍ଷା କରୁଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ହୋଇଥିବା ଏମ୍‌ଏମ୍‌ଡିଆର୍ ଆକ୍ଟ ସଂଶୋଧନ ୨୦୨୬ ସମ୍ବିଧାନ ବିରୋଧୀ। କାରଣ ଏହା ରାଜ୍ୟଗୁଡ଼ିକର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଏବଂ ଖଣି ସମୃଦ୍ଧ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିରୋଧୀ। ବିଶେଷ କରି ଓଡ଼ିଶାର ଜନସାଧାରଣଙ୍କ ବିରୋଧରେ ଯାଉଛି, ଯାହାକି ଏକ ଖଣିଜ ସମୃଦ୍ଧ ରାଜ୍ୟ ଭାବରେ ଦେଶର ପ୍ରାୟ ୫୦ ପ୍ରତିଶତ ଖଣିଜ ଉତ୍ପାଦନରେ ସହଯୋଗ କରିଥାଏ। ବିଜେପି ସରକାରଙ୍କର ଏହି ଜନବିରୋଧୀ ପଦକ୍ଷେପ ହେଉଛି ବିଜେପିର କର୍ପୋରେଟ୍ ବନ୍ଧୁମାନଙ୍କ ସ୍ୱାର୍ଥ ସାଧନ କରିବା। ଏହି ସଂଶୋଧନ ପଛରେ ଥିବା ଷଡ଼ଯନ୍ତ୍ର ହେଉଛି, ଜୁଲାଇ ୨୦୨୪ର ସୁପ୍ରିମକୋର୍ଟଙ୍କ ରାୟକୁ ବଦଳାଇବା, ଯେଉଁଥିରେ ୯:୧ ସଦସ୍ୟ ବିଶିଷ୍ଟ ବେଞ୍ଚ ରାଜ୍ୟଗୁଡ଼ିକୁ ଖଣିଜ ସମୃଦ୍ଧ ଜମି ଉପରେ ଟିକସ ଲଗାଇବାକୁ ଏବଂ ପିଛିଲା ଭାବେ ବାକି ଅର୍ଥ ସଂଗ୍ରହ କରିବାକୁ ଅନୁମତି ଦେଇଥିଲେ। ଏହି ସଂଶୋଧନ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଖଣିଜ ଅଧିକାର ଏବଂ ଖଣିଜ ସମୃଦ୍ଧ ଜମି ଉପରେ ଟିକସ ଲଗାଇବା ଅଧିକାରକୁ ବିପଦରେ ପକାଇଛି ଏବଂ ଟିକସ ଆକାରରେ ମିଳିବାକୁ ଥିବା କିଛି ଲକ୍ଷ କୋଟି ଟଙ୍କାରୁ ରାଜ୍ୟଗୁଡ଼ିକୁ ବଞ୍ଚିତ କରିଛି।




ଦଳ କହିଛି, ଝାଡ଼ଖଣ୍ଡ ସରକାରଙ୍କ ଭଳି ଜୁଲାଇ ୨୦୨୪ ର ରାୟ ପରେ ଡବଲ ଇଞ୍ଜିନ ସରକାର ତୁରନ୍ତ ଟିକସ ସଂଗ୍ରହ କରିବା ଉଚିତ ଥିଲା। କିନ୍ତୁ ଖଣି କମ୍ପାନୀଗୁଡ଼ିକୁ ସୁହାଇବା ପାଇଁ ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରତ୍ୟାଖ୍ୟାନ କରାଯାଇଛି। ଯେତେବେଳେ ଖଣିଜ ସମୃଦ୍ଧ ପଛୁଆ ରାଜ୍ୟଗୁଡ଼ିକ ଖଣିଜ ଉତ୍ପାଦନ ଯୋଗୁଁ ପରିବେଶ, ଜୀବିକା, ବିସ୍ଥାପନ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଉପରେ ପଡ଼ିଥିବା ପୁରୁଣା ପ୍ରଭାବର ମୁକାବିଲା କରିବାକୁ ସଂଘର୍ଷ କରୁଛନ୍ତି, ବିଜେପି ସରକାରଙ୍କ ଏହି ପଦକ୍ଷେପ ଏହାକୁ ଆହୁରି ଖରାପ କରିବ। ଏପରି ସ୍ଥଳେ ସାଂସଦ ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଡିଆର୍ ଆକ୍ଟର ଗୁଣଗାନ କରି ଓଡ଼ିଶାର ଖଣିଜ ସମ୍ପଦକୁ ଲୁଣ୍ଠନ କରିବାକୁ କିଭଳି ଅଣ୍ଟା ଭିଡ଼ିଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଓଡିଆ ଅସ୍ମିତାର ଦ୍ୱାହି ଦେଇ ଶାସନ କ୍ଷମତାକୁ ଆସିଥିବା ବିଜେପି ଓ ଏହାର ନେତା ଓଡିଶାବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଲିଗାଲ ନୋଟିସ ପଠାଇବା କାରଣରୁ ଆଇନଜୀବୀଙ୍କ ବିରୋଧରେ ହୋଇପାରିବନି ଅପରାଧିକ ମାମଲା

କଟକ, ୪।୯(ସମିସ): ଆଇନଗତ ନୋଟିସ୍ (ଲିଗାଲ ନୋଟିସ) ପଠାଇଥିବା କାରଣରୁ ଜଣେ ଆଇନଜୀବୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୌଣସି ଅପରାଧିକ ଷଡ଼ଯନ୍ତ୍ରରେ ଆଇନଜୀବୀଙ୍କ ସମ୍ପୃକ୍ତି ନ ଥିଲେ କେବଳ ନୋଟିସ ପଠାଇଥିବା ହେତୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଆଇନଜୀବୀ ବିଜୟାନନ୍ଦ ପଣ୍ଡାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାର ଶୁଣାଣି କରି ଅଦାଲତ କହିଛନ୍ତି ଯେ ଯଦି ପ୍ରତ୍ୟେକ ବିଫଳ ଆଇନଗତ ପରାମର୍ଶ କିମ୍ବା ମୋକଦ୍ଦମାକାରୀଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଆଇନଜୀବୀଙ୍କ ବିରୋଧରେ ଅପରାଧିକ ମାମଲାର ଆଧାର କରାଯାଇପାରିବ ନାହିଁ। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ନିଜ ବରିଷ୍ଠ ଆଇନଜୀବୀଙ୍କ ମହକିଲଙ୍କ ନିର୍ଦ୍ଦେଶକ୍ରମେ ଚେକ୍ ବାଉନ୍ସ ସମ୍ପର୍କିତ ଏକ ଆଇନଗତ ନୋଟିସ୍ ପ୍ରସ୍ତୁତ କରି ବିପକ୍ଷ ପକ୍ଷଙ୍କୁ ପଠାଇଥିଲେ। ନୋଟିସ୍ ପାଇବା ପରେ ଅଭିଯୋଗକାରୀ ଜଣକ ଆବେଦନକାରୀ ସମ୍ପୃକ୍ତ ଆଇନଜୀବୀଙ୍କ ସମେତ ତାଙ୍କ ମହକିଲ ଓ ଅନ୍ୟ ମାନଙ୍କ ବିରୋଧରେ ଠକେଇ ନେଇ ମନି ଲଣ୍ଡରିଂ ଆକ୍ଟ ଅଧୀନରେ ନର୍ଲା ଥାନାରେ ଏତଲା ରୁଜୁ କରିଥିଲେ। ଅଭିଯୋଗ ହୋଇଥିଲା ଯେ ଋଣ ପରିଶୋଧ ପରେ ମଧ୍ୟ ଦସ୍ତଖତ ହୋଇଥିବା ବ୍ଲାଙ୍କ ଚେକ୍ ଫେରସ୍ତ ନକରି ଆଡଭୋକେଟ୍‌ଙ୍କ ଜରିଆରେ ନୋଟିସ୍ ପଠାଇ ବ୍ଲାକ୍‌ମେଲ୍ କରାଯାଉଥିଲା। ପୁଲିସ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲାପରେ ପରେ ଆବେଦନକାରୀ ଶ୍ରୀ ପଣ୍ଡା ନିଜ ବିରୋଧରେ କଳାହାଣ୍ଡି ମ.ରାମପୁର ଜେଏମଏଫସିରେ ବିଚାରାଧୀନ ଥିବା ମାମଲାକୁ ରଦ୍ଦ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗ

## ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଲୁଚକାଳି ଖେଳୁଛନ୍ତି ସରକାର: ବିଜେଡି

**୩ ମାସ ପରେ ମଧ୍ୟ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ରାଜ୍ୟ ସରକାର ବିଫଳ**

**ତ୍ରୁଟି ସଂଶୋଧନ ପରେ ପ୍ରକାଶିତ ପିଡିଏଫରେ ମଧ୍ୟ ଏକାଧିକ ତ୍ରୁଟି**

**ବିଫଳତାର ଯୋଗୁଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ**

ଭୁବନେଶ୍ୱର,୪।୯(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଗତ ଜୁନ୍ ମାସରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣାକୁ ୩ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ବହି ପାଇପାରି ନାହାନ୍ତି, ଯାହାକୁ ନେଇ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ପ୍ରଥମ ସମେଟିଭ ପରୀକ୍ଷା ନିକଟତର ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ପୁସ୍ତକ ପାଇପାରି ନାହାନ୍ତି, ଯାହା ଅଭିଭାବକମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି, ରାଜ୍ୟର ସରକାରୀ ସ୍କୁଲରେ ପ୍ରଚଳିତ ହେଉଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ, ଓଡିଶା ସର୍ବଭାରତୀୟ ସ୍ତରରେ ନିନ୍ଦିତ ହୋଇଥିଲା। ତୁରନ୍ତ ଏହି ତ୍ରୁଟିଗୁଡିକୁ ସୁଧାରି ନୂତନ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁସ୍ତକରେ ଥିବା ବ୍ୟାପକ ତ୍ରୁଟିକୁ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହିତ ନୂତନ ତ୍ରୁଟିଶୂନ୍ୟ ପୁସ୍ତକ ବିତରଣ କରାଯିବ ବୋଲି କହିଥିଲେ। କିନ୍ତୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂତନ ପୁସ୍ତକ ପ୍ରଦାନ କରାଯିବ ନାହିଁ ଓ ଶିକ୍ଷକମାନେ ବହିରେ ଥିବା ତ୍ରୁଟିକୁ ସୁଧାରି ପିଲା ମାନଙ୍କୁ ପଢ଼ାଇବେ ବୋଲି କହିଥିଲେ, ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା।

ଶ୍ରୀ ରାୟ କହିଛନ୍ତି, ଗତ ଅଗଷ୍ଟ ମାସରେ ବହିରେ ଥିବା ତ୍ରୁଟିକୁ ସଂଶୋଧନ କରି, ରାଜ୍ୟ ସରକାର ଏକ ପିଡିଏଫ ପ୍ରକାଶ କରି ଜନସାଧାରଣ ଏହାକୁ ତର୍ଜମା କରିବା ପାଇଁ ଆହ୍ୱାନ କରିଥିଲେ। ଏହି ପିଡିଏଫ୍‌ରେ ମଧ୍ୟ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି, ଯାହା ରାଜ୍ୟ ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କ ପାଖରେ ତ୍ରୁଟିଶୂନ୍ୟ ବହି ହସ୍ତଗତ ହୋଇନଥିବା ବେଳେ ସେମାନଙ୍କ ପ୍ରଥମ ସମେଟିଭ ପରୀକ୍ଷାକୁ ଆଉ ମାସଟିଏ ବି ନାହିଁ। ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟରେ କିଛି ତାଳମେଳ ରହୁନାହିଁ। ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ସରକାର ଲୁଚକାଳି ଖେଳ ଖେଳୁଛନ୍ତି। ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ବିଫଳ ହୋଇଥିବାରୁ, ଏହି ବିଫଳତାର ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### କାହା ସାହସରେ...

କରିଛନ୍ତି। ଅନ୍ୟ ରାଜ୍ୟରୁ ଚାଉଳ ଓ ଗହମ ଉଠାଉଥିବାବେଳେ ଓଡ଼ିଶାକୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରିଛନ୍ତି। ମାତ୍ର ଏଫ୍‌ସିଆଇ କାହିଁକି ଓଡ଼ିଶା ପ୍ରତି ଅବିଚାର କରୁଛି ତାହାର ଉତ୍ତର କାହାର ନାହିଁ। ଲୋକସଭାରେ ଓଡ଼ିଶାରୁ ନିର୍ବାଚିତ ୨୦ ଓ ରାଜ୍ୟସଭାରେ ୫ ବିଜେପି ସାଂସଦ ଏହି ପ୍ରସଙ୍ଗରେ ନିରବ ରହିବା ଏବେ ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାଜ୍ୟରୁ ବଳକା ଚାଉଳ ଉଠାଇବା ଓ ବକେୟା ଅର୍ଥ ପ୍ରଦାନ ପ୍ରସଙ୍ଗରେ ଓଡ଼ିଶା ସରକାର ସରକାର ବାରମ୍ବାର କେନ୍ଦ୍ର ନିକଟରେ ଦାବି କରୁଛନ୍ତି। କେନ୍ଦ୍ର ଯୋଗାଣମନ୍ତ୍ରୀଙ୍କୁ ଭେଟୁଛନ୍ତି, ଚିଠି ଲେଖୁଛନ୍ତି, ପର୍ଯ୍ୟାୟ ପର୍ଯ୍ୟାୟ ଆଲୋଚନା କରାଯାଉଥିବାର ଫଟୋ ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ମାତ୍ର କେନ୍ଦ୍ର ସରକାର ରାଜ୍ୟର ଦାବିପ୍ରତି କର୍ଣ୍ଣପାତ କରୁନାହାନ୍ତି, ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଉ ନାହିଁ। ଯଦି ଏଫ୍‌ସିଆଇ ବଳକା ଚାଉଳ ଉଠାଇବାକୁ ରାଜି ନହୁଏ, ତେବେ ରାଜ୍ୟ ସରକାର ନିଜସ୍ୱ ଭାବେ ଟେଣ୍ଡର ଡାକି ଚାଉଳ ବିକ୍ରି କରିବା ଦିଗରେ ପଦକ୍ଷେପ ନେବେ ବୋଲି ପୂର୍ବରୁ ମନ୍ତ୍ରୀ କହିଥିଲେ, ମାତ୍ର ସେ ଦିଗରେ ମଧ୍ୟ କୌଣସି ପଦକ୍ଷେପ ଏଯାଏ ଗ୍ରହଣ କରାଯାଇନାହିଁ।

କେବଳ ଚାଉଳ ଉଠାଇବା ପ୍ରସଙ୍ଗ ନୁହେଁ, ବକେୟା ପ୍ରଦାନ କ୍ଷେତ୍ରରେ ବି କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଗତ ବିଧାନସଭା ଅଧିବେଶନ ସମୟରେ ବିକେନ୍ଦ୍ରୀକୃତ ଧାନ ସଂଗ୍ରହ ବ୍ୟବସ୍ଥାରେ ଓଡ଼ିଶା ସରକାର ଏଯାଏ କେନ୍ଦ୍ର ସରକାରଙ୍କଠାରୁ ୮୦୦୦ କୋଟି ଟଙ୍କା ବକେୟା ପାଇ ନ ଥିବା ମଧ୍ୟ ସୂଚନା ଦେଇଥିଲେ। ଧାନ କ୍ରୟ ସମୟରେ ରାଜ୍ୟ ପ୍ରଥମେ ଚାଷୀଙ୍କୁ ଧାନର ମୂଲ୍ୟ ପ୍ରଦାନ କରିଥାଏ। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ତ୍ରୟମାସିକ ଅଗ୍ରିମ ଓ ପ୍ରୋଭିଜନାଲ ସବସିଡି ମାଧ୍ୟମରେ ରାଜ୍ୟକୁ ଅର୍ଥ ପରିଶୋଧ କରିବାର ବ୍ୟବସ୍ଥା ରହିଛି। ତେବେ କେନ୍ଦ୍ରରୁ ଏହି ଅର୍ଥ ନିୟମିତ ଭାବେ ମିଳୁନଥିବାରୁ ରାଜ୍ୟର ଆର୍ଥିକ ପରିଚାଳନା ଉପରେ ଚାପ ବଢ଼ୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ଧାନ ବିକ୍ରିର ଅର୍ଥ ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ (ଓଏସ୍‌ସିଏସ୍‌ସି) କୁ ଖୋଲା ବଜାରରୁ ଋଣ ନେବାକୁ ପଡୁଛି ଓ ଏଥିପାଇଁ ମଧ୍ୟ ସରକାର ସୁଧ ବୋଝ ବୋହୁଛନ୍ତି। ଗୋଟିଏ ପଟେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ରାଜ୍ୟକୁ ତୁରନ୍ତ ଅର୍ଥ ଯୋଗାଡ଼ କରିବାକୁ ପଡୁଛି, ଅନ୍ୟପଟେ ଏଫ୍‌ସିଆଇ ଚାଉଳ ଉଠାଇ ନେବାରେ ବିଳମ୍ବ କଲେ ଗୋଦାମରେ ଚାଉଳ ଜମା ହୋଇ ରହୁଛି। ଫଳରେ ଆଗାମୀ ଧାନ ସଂଗ୍ରହ ପାଇଁ ଗୋଦାମ ଖାଲି ହୋଇ ପାରୁନାହିଁ।

### ମହାକାଶରେ 'ଇଓଏସ୍-୦୫'...

'ଇଓଏସ୍-୦୫'ର ସବୁଠାରୁ ବଡ଼ ବିଶେଷତା ହେଉଛି—ଏହା ଭୂସମକାଳୀନ କକ୍ଷରୁ ପୃଥିବୀର ଚିତ୍ର ଉତ୍ତୋଳନ ପାଇଁ ଭାରତର ପ୍ରଥମ ଉପଗ୍ରହ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଭୂସମକାଳୀନ କକ୍ଷରେ ଥିବା ଉପଗ୍ରହ ପୃଥିବୀର ଘୂର୍ଣ୍ଣନ ସମୟ ସହ ପ୍ରାୟ ସମାନ ସମୟରେ ପରିକ୍ରମା କରେ। ଫଳରେ ଏହା ପୃଥିବୀର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାରମ୍ବାର ନିରୀକ୍ଷଣ କରିପାରେ। ବିଶାଳ ଅଞ୍ଚଳର ନିୟମିତ ଓ ଦ୍ରୁତ ନିରୀକ୍ଷଣ ପାଇଁ ଏହା ବେଶ୍ ଉପଯୋଗୀ ହେବ। ଜିଏସ୍‌ଏଲ୍‌ଭି-ଏଫ୍୧୭ ହେଉଛି ଇସ୍ରୋର ଭୂସମକାଳୀନ ଉପଗ୍ରହ ଉତ୍କ୍ଷେପଣ ଯାନ ପରିବାରର ଏକ ରକେଟ୍। ଭାରୀ ଉପଗ୍ରହକୁ ଉଚ୍ଚ ଶକ୍ତିର କକ୍ଷରେ ସ୍ଥାପିତ କରିବା ପାଇଁ ଏହି ଶ୍ରେଣୀର ରକେଟ୍ ବ୍ୟବହାର କରାଯାଏ। ଏହି ମିଶନରେ ପ୍ରାୟ ୪ ମିଟର ବ୍ୟାସର ଓଗିଭ୍ ଆକୃତିର ସଂଯୁକ୍ତ ପେଲୋଡ୍ ଫେୟାରିଂ ବ୍ୟବହାର କରାଯାଇଛି। ଉତ୍କ୍ଷେପଣର ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୁମଣ୍ଡଳୀୟ ପ୍ରଭାବରୁ ଉପଗ୍ରହକୁ ସୁରକ୍ଷା ଦେବାରେ ଏହା ସାହାଯ୍ୟ କରେ। ଏହି ମିଶନ ଜିଏସ୍‌ଏଲ୍‌ଭିର ୧୯ତମ ଉତ୍କ୍ଷେପଣ ଭାବେ ମଧ୍ୟ ଗୁରୁତ୍ୱ ବହନ କରୁଛି। ଏହା ଦ୍ୱାରା କୃଷିଠାରୁ ବିପର୍ଯ୍ୟୟ ପରିଚାଳନା—ବହୁ କ୍ଷେତ୍ରରେ ଲାଭ ମିଳିବ। ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ପୃଥିବୀର ଭୂପୃଷ୍ଠ ଓ ବାୟୁମଣ୍ଡଳ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରେ। 'ଇଓଏସ୍-୦୫'ରୁ ମିଳୁଥିବା ତଥ୍ୟ ଭାରତର ବିଭିନ୍ନ ଉନ୍ନୟନ ଓ ପରିଚାଳନା କାର୍ଯ୍ୟରେ ଉପଯୋଗ ହୋଇପାରେ। ବନ୍ୟା, ଘୂର୍ଣ୍ଣିବାତ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହର ତଥ୍ୟ ବହୁତ ମୂଲ୍ୟବାନ ହୋଇଥାଏ। ପ୍ରଭାବିତ ଅଞ୍ଚଳର ଚିତ୍ର ଓ ତଥ୍ୟ ମାଧ୍ୟମରେ କ୍ଷୟକ୍ଷତିର ଆକଳନ କରିବା ସହିତ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ଯୋଜନା କରାଯାଇପାରେ। ସେହିପରି କୃଷି କ୍ଷେତ୍ରରେ ଫସଲର ସ୍ଥିତି, ଜଳ ଉପଲବ୍ଧତା ଓ ଜମିର ପରିବର୍ତ୍ତନ ସମ୍ପର୍କରେ ତଥ୍ୟ ମିଳିପାରିବ। ଜଙ୍ଗଲ ଓ ପରିବେଶରେ ଘଟୁଥିବା ପରିବର୍ତ୍ତନକୁ ମଧ୍ୟ ନିୟମିତ ଭାବେ ନଜରରେ ରଖାଯାଇପାରିବ। 'ଇଓଏସ୍-୦୫' ମିଶନ ଭାରତର ଦୂରସମ୍ବେଦନ ଓ ପୃଥିବୀ ପର୍ଯ୍ୟବେକ୍ଷଣ କ୍ଷମତାକୁ ଆହୁରି ମଜବୁତ କରିବ। ଭୂସମକାଳୀନ କକ୍ଷକୁ ପୃଥିବୀର ଚିତ୍ର ଉତ୍ତୋଳନ କାର୍ଯ୍ୟରେ ବ୍ୟବହାର କରିବା ଦିଗରେ ଏହି ମିଶନ ଏକ ନୂଆ ପ୍ରଯୁକ୍ତିଗତ ପଦକ୍ଷେପ ବୋଲି ମନେ କରାଯାଉଛି। ଉପଭୂସମକାଳୀନ ସ୍ଥାନାନ୍ତରଣ କକ୍ଷରେ ସ୍ଥାପନ ପରେ ଉପଗ୍ରହକୁ ଆବଶ୍ୟକ କକ୍ଷପଥ ପରିବର୍ତ୍ତନ ମାଧ୍ୟମରେ ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷମ କକ୍ଷକୁ ନିଆଯାଇପାରିବ। ଜିଏସ୍‌ଏଲ୍‌ଭି-ଏଫ୍୧୭ ମାଧ୍ୟମରେ 'ଇଓଏସ୍-୦୫'ର ସଫଳ ଉତ୍କ୍ଷେପଣ ଭାରତର ମହାକାଶ ଓ ପୃଥିବୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କୃଷି, ପରିବେଶ, ଜଳସମ୍ପଦ, ବିପର୍ଯ୍ୟୟ ପରିଚାଳନା ଓ ଯୋଜନା ପ୍ରସ୍ତୁତି ଭଳି କ୍ଷେତ୍ରରେ ଏହାର ତଥ୍ୟ ଭାରତର କ୍ଷମତାକୁ ଆହୁରି ବଢ଼ାଇପାରେ।

### ବର୍ଷାରେ ବୁଡ଼ିଲା...

ଏହାପରେ ବର୍ଷା ଜଳ ଟର୍ମିନାଲ-୨ ଓ ୩ ଭିତରକୁ ପ୍ରବେଶ କରିଥିଲା। ପରେ ସେହି ପାଣି ଗୁଡ଼ିକୁ ବାହାର କରାଯାଇଥିଲେ ଦେଶର ସବୁଠୁ ପ୍ରମୁଖ ବିମାନବନ୍ଦରର ଏପରି ଦୁର୍ଦ୍ଦଶା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବିମାନବନ୍ଦର ପରିଚାଳନା କରୁଥିବା ସଂସ୍ଥା ଡିଆଇଏଲ୍ ଏକ୍ସରେ ଶୁକ୍ରବାର ବର୍ଷା ଯୋଗୁଁ ପ୍ରବେଶ ପଥ ଏବଂ ସମ୍ମୁଖ ଭାଗରେ ପାଣି ଜମି ଯାଇଥିବା ସୂଚନା ଦେଇଛି। ବିମାନବନ୍ଦରର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଅପରାହ୍ଣ ପାଗ ଖରାପ ହେବା କାରଣରୁ ଅନ୍ତତଃ ୯ଟି ବିମାନକୁ ଅନ୍ୟତ୍ର ଅବତରଣ କରାଯାଇଛି। ଏଥିମଧ୍ୟରୁ ୪ଟି ବିମାନକୁ ଜୟପୁର ଓ ଲକ୍ଷ୍ନୌ ଏବଂ ଗୋଟିଏ ବିମାନକୁ ଅହମ୍ମଦାବାଦ ଅଭିମୁଖେ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଆଇଜିଆଇ ବିମାନବନ୍ଦରରେ ଦୈନିକ ୧,୩୦୦ ରୁ ଅଧିକ ବିମାନ ଚଳାଚଳ କରିଥାଏ। ଦେଶର ସବୁଠାରୁ ବ୍ୟସ୍ତବହୁଳ ବିମାନବନ୍ଦର ଏଭଳି ପରିସ୍ଥିତି ମାମଲାର ଗୁରୁତ୍ୱକୁ ବର୍ଣ୍ଣନା କରୁଛି। ସେପଟେ ଶୁକ୍ରବାର ଦିନ ସାରା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ହୋଇଛି।

### କୃଷକଙ୍କ ସମୃଦ୍ଧି...

ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି। ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଚାଷୀଙ୍କ ଆୟ ଦୁଇଗୁଣ କରିବ। ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ।

ସେ ପୁଣି କହିଛନ୍ତି ଯେ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ଲକ୍ଷ ଚାଷୀଙ୍କଠାରୁ ୭୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୭୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ "କୃଷି ବିଦ୍ୟାନିଧି ଯୋଜନା"ରେ ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି। ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷିକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍‌ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକମାନଙ୍କ ଧନ୍ୟବାଦ ଜଣାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବନ୍ୟା ପ୍ରପୀଡିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯିବା କଥା କହିଛନ୍ତି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି। ଏଥିସହ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଯିଏ କି ଚାଷୀମାନଙ୍କୁ ସବୁଠାରୁ ଅଧିକ ସବସିଡି ପ୍ରଦାନ କରୁଛି। ଚାଷୀମାନଙ୍କ ଆର୍ଥିକ ଅବସ୍ଥାର ପୁନରୁଦ୍ଧାର ଏବଂ ସେମାନଙ୍କୁ କୃଷି କାର୍ଯ୍ୟ ପାଇଁ ସମସ୍ତ ଅନୁକୂଳ ପରିବେଶ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏତଦ୍‌ବ୍ୟତୀତ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।


**Government of Odisha**
**Office of the Superintending Engineer**
**Rural Works Division-II, Nabarangpur, Umarkot.**
e-mail: eerwukt@gmail.com & eerwukt@ymail.com

25001/1074/2627

Letter No. 3283 Date: 29-08-2026

**GePNIC e-Procurement Notice**

| | | | |
|---|---|---|---|
| 1 | Name of the work | :- | Road Works |
| 2 | Total No of works | :- | 09 (Nine) Nos. |
| 3 | Approx. Estimated Cost | :- | Varies from 52.88 Lakhs to 81.69 Lakhs. |
| 4 | Class of Contractor | :- | "B" Class of Contractor |
| 5 | Period of Completion | :- | As per TCN |

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Timing of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Nabarangpur, Umarkot. | Online Tender/05/ RWD-UKT /2026-27 | 07.09.2026 at 11.00 AM | 17.09.2026 up to 5.00 PM | 17.09.2026 at 01.00 PM | 18.09.2026 at 11:00 AM | To be intimated separately |

Further details can be seen from the Government website www.tendersodisha.gov.in

Sd/-
Superintending Engineer
Rural Works Division-II
Nabarangpur, Umarkot

OIPR-25001/25103/1/26-27/0006



**WATCO** 13001/1741/2627

**OFFICE OF THE GENERAL MANAGER, WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022,
Odisha, India
Telefax: - +91-674-2542821 E-mail – gmdivonewatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**GMWATCO-I/44/ 2026-27 Dt.29.08.2026**

| | | | |
|---|---|---|---|
| 01 | Name of the work | : | 04 Nos. of Work |
| 02 | Estimate cost | : | Rs. 34.50 Lakh to 80.11 Lakhs |
| 03 | Period of completion | : | 24 Months |
| 04 | Class of contractor | : | "C & B" Class |
| 05 | Date & Time of availability of bid document In the portal | : | From 11.00 AM of Dt.09.09.2026 to 5.00 PM of 23.09.2026 |
| 06 | Last date / time of receipt of bids in the portal | : | 5.00 PM of 23.09.2026 |
| 07 | Date & Time of opening of bids | : | At 12.30 PM of 24.09.2026 |
| 08 | Name and Address of the Officer Inviting Bid | : | General Manager WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"

GENERAL MANAGER,
WATCO DIVISION-I, BHUBANESWAR

OIPR-13001/13083/1/26-27/0002



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**Tender Call Notice**
**Bid Identification No. S.E.-KHD-(R&B)-13/2026-27**

34001/730/2627

Letter No. 4469 dtd. 29/08/2026

The Superintending Engineer, Khordha (R&B) Division, Khordha on behalf of Governor of Odisha invites Percentage Rate bids in Single Cover System from valid Empanelled Fire licensed agency of class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO or MV/HT above having valid license from ELBO conforming with DTCN registered with the State Governments and contractors of equivalent Grade / Class registeted with Central Government / MES / Railways for execution of the E.I Work. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : Electrical Works
2. No of Work : 4 Nos.
3. Tender Cost : Sl.No. 01 & 03 Rs. 6000.00 (Online); Sl.No. 02 Rs. 2000.00 (Online); Sl.No. 04 Rs. 4000.00 (Online)
4. Class of Contractor : Sl.No. 01 to 02 - Empanelled Fire licensed agency of class D or above authorized by Odisha Fire & Emergency Service having MoU with associate electrical contractor (MV/HT or Above) having valid license from ELBO. Sl.No 03 & 04- MV/HT/ above having valid license from ELBO
5. Available of Bid documents in the web site. : From **Dt. 05.09.2026 at 10.30 A.M to Dt. 17.09.2026 at 5.00 PM**
6. Date of opening of Bids : **Dt. 18.09.2026 at 11.00 AM**
7. Bidders have to participate in ONLINE bidding only. Further details can be seen from the Website: https://tendersodisha.gov.in . Any information regarding Addendum / Corrigendum / cancellation of tender can be available in the said website.

Superintending Engineer
Khordha (R&B) Division, Khordha

OIPR-34001/34095/1/26-27/0013



**CERTIFICATE LOST**

I, **Lipsa Panda,** D/o Dusmanta Kumar Panda, resident of Vill/PO-Mundeilo, PS- Parjang, Dist-Dhenkanal, Odisha, student of Post Graduate, Department of Sanskrit, Ravenshaw University, Cuttack, **Roll No. 18MSN-058, Year of Passing-2022**, hereby inform that my original Transfer-cum-Conduct Certificate has been destroyed by white ants and is untraceable despite thorough search. I have applied for duplicate certificate. Affidavit No. 998, dated- 01.09.2026 before The Executive Magistrate, Parjang.

**Lipsa Panda**

**LOST**

I, **Manoj Rajuka** do hereby declare that, the original Money Receipt issued by **WESCO** Utility towards Security Deposit of **₹18,52,340/-** in the name of **RADHA GOPI RICE MILL, BISRA** has been lost / misplaced. If the original money receipt is found in future, **RADHA GOPI RICE MILL** shall have no claim for refund of the said security deposit on the basis of original receipt.

**Sd/- Manoj Rajuka**
**Partner RADHA GOPI RICE MILL, Bisra**

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, dated 01.09.2026, I, SANJAY AGRAWAL, At-Khetrajpur, PO/PS-Khetrajpur, Dist.- Sambalpur declare that my correct name is SANJAY AGRAWAL, but my name has been wrongly recorded as SANJAYA AGRAWAL in the Birth Certificate of my son SABHYA AGRAWAL. I further declare that SANJAY AGRAWAL and SANJAYA AGRAWAL refer to one and the same person, i.e. myself. Henceforth, I shall be known as **SANJAY AGRAWAL** for all purposes.

**Sd/- SANJAY AGRAWAL**

**AFFIDAVIT**

ପ୍ରମିଳା ଭୋଇ, ସ୍ୱାମୀ ସ୍ୱର୍ଗତ ମନୋଜ ଭୋଇ, ବେରବୋଇ, ଡେଲାଙ୍ଗ, ପୁରୀ, ଡେଲାଙ୍ଗ ଏକଜ୍ୟୁକିଟିଭ ମାଜିଷ୍ଟ୍ରେଟଙ୍କ ଅଦାଲତରେ ତା.13.07.2026 ସତ୍ୟପାଠ କ୍ରମେ ତାଙ୍କ ପୁଅର ନାମ ଜନ୍ମ ପ୍ରମାଣ ପତ୍ର ଓ ବାସିନ୍ଦା ପ୍ରମାଣପତ୍ରରେ ବଣ୍ଟି ଭୋଇ (Banti Bhoi) ବୋଲି ଉଲ୍ଲେଖ ରହିଥିଲା ବେଳେ ଆଧାର କାର୍ଡ ନଂ 4515 6323 6696 ରେ ଭୁଲକ୍ରମେ ବାଦଲ ବେହେରା ଉଲ୍ଲେଖ ରହିଛି। ବଣ୍ଟି ଭୋଇ ଓ ବାଦଲ ବେହେରା ଜଣେ ବ୍ୟକ୍ତି ହୋଇଥିବାରୁ ସେ ବଣ୍ଟି ଭୋଇ ଭାବେ ସବୁ ସ୍ତରରେ ପରିଚିତ ହେବେ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 03.09.2026, I, K. VAJARAM, At/PO-Palanga, P.S.-Rambha, Dist.-Ganjam, PIN-761028, declare that I have changed my name from K. AJARAM DORA to K. VAJARAM. Henceforth, I shall be known as **K. VAJARAM** for all purposes

**Sd/- K. VAJARAM**

**AFFIDAVIT**

By virtue of an Affidavit sworn before Executive Magistrate, Balasore on dt. 02.09.2026, Sl No.-6797 I, **Mrutunjay Jena,** S/o Prasanna Kumar Jena, At./Po. Chhanua, P.S. Basta, Dist. Balasore 756027, declare that I have change my name from **Mrutyunjay Jena & Mrutyunjaya Jena to MRUTUNJAY JENA.** Henceforth, I shall be known as **Mrutunjay Jena** for all purposes.

**AFFIDAVIT**

By virtue of an affidavit before the Executive Magistrate, Bargarh vide no. 1326, dtd.21.11.2025, I, Binodini Padhan, W/o-Late Gunian Padhan, R/o-Vill./Po.- Kadobahal, Ps./Tah.-Attabira, Dist.- Bargarh, Odisha state that, before marriage I was known as **Binodini Sahu**, D/o-Haribandhu Sahu. After marriage to Gunian Padhan I known as **Binodini Padhan**. Hence **Binodini Padhan** and **Binodini Sahu** is same and one person.

**AFFIDAVIT**

By virtue of an affidavit sworn before the Executive Magistrate, Sohela vide CF no. 02, dtd.03.09.2026, I, Bharati Meher, W/o- Bhuja Pandey, R/o- Vill.: Budamal, Po.- Kangaon, Ps.- Sohela, Dist.- Bargarh, Pin- 768033 state that, I have changed my name from **Bharati Pandey** to **Bharati Meher**. Henceforth I shall be known as **Bharati Meher** for all future purposes.

ସକାଳ
THE SAKALA



www.sakalaepaper.com

## ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

# ପଲ୍ଲୀଠୁ ସହର ସର୍ବତ୍ର ଉତ୍ସବମୁଖର



ଢେଙ୍କାନାଳ,୪।୯ (ସମିସ): ସହର ଉପକଣ୍ଠର ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର କୋଷାଧ୍ୟକ୍ଷ ଉମାପ୍ରସାଦ ପଟ୍ଟନାୟକ ଯୋଗଦେଇ ଶିଶୁମାନଙ୍କୁ କାର୍ଯ୍ୟକ୍ରମର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ସଭାପତି ବାବୁଚାନ୍ଦ ମହାଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ନାୟକ ଶିଶୁମାନଙ୍କୁ ଆଶୀର୍ବାଚନ ପ୍ରଦାନ କରିଥିଲେ। ଜିଲ୍ଲା ଟୋଲିର ସଦସ୍ୟ ତଥା ପୂର୍ବତନ ସମ୍ପାଦକ ବିଶ୍ୱନାଥ ବେହେରା, ପୂର୍ବତନ ଆଚାର୍ଯ୍ୟ ପ୍ରତିଭା ଦାସ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାୟ ୧୫୦ ଶିଶୁ କୃଷ୍ଣ ବେଶରେ ସୁସଜ୍ଜିତ ହେବା ସହ ଦଧିହାଣ୍ଡି ଭାଙ୍ଗିବା, ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ୫୫୭ ଶିଶୁ ଯୋଗଦାନ କରିଥିଲେ। କୃଷ୍ଣ ବେଶଧାରୀ ଶିଶୁମାନଙ୍କୁ ଆଚାର୍ଯ୍ୟା ଓ ଅଭିଭାବକମାନଙ୍କ ଦ୍ୱାରା ବନ୍ଦାପନା କରାଯାଇଥିଲା। ସ୍ତର ପ୍ରମୁଖ ଗାୟତ୍ରୀ ସାହୁ, ମଧୁସ୍ମିତା ମହାନ୍ତି, ପ୍ରୀତିମୟୀ ଆଚାର୍ଯ୍ୟ, ସୁମିତା ପାଲ, ରଶ୍ମିବାଳା ଦାସଙ୍କ ସମେତ ପ୍ରଜ୍ଞା ତ୍ରିପାଠୀ, ଆଚାର୍ଯ୍ୟ ଆଶିଷ ପାଲ, ଚିନ୍ତାମଣି ନାଥ, ପ୍ରଦୀପ ଦାଶ, ସରୋଜ ଶତପଥୀ, ଭଗବାନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପ୍ରାଚୀର ପତ୍ରିକା ଉନ୍ମୋଚିତ ହୋଇଥିଲା।

**ଢେଙ୍କାନାଳ:** ସଦର ବ୍ଲକ ଚାଉଳିଆ ଖମାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶିଶୁମାନେ କୃଷ୍ଣ, ରାଧା, ଗୋପାଳ, ନନ୍ଦରାଜା, ନନ୍ଦରାଣୀ ଆଦି ବିଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ। ଏହି ଅବସରରେ ବନ୍ଦାପନା ସହ ଦଧିହାଣ୍ଡି ଭାଙ୍ଗିବା, ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା। ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ସହଯୋଗ କରିଥିଲେ।



**ଗଁଦିଆ:** ଗଁଦିଆ ବ୍ଲକ କରମୂଳସ୍ଥିତ ଆମ୍ବପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ଆୟୋଜିତ ସଭାରେ ଗୁରୁଜୀ ଓ ଗୁରୁମାମାନେ ଶିଶୁମାନଙ୍କୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମକଥା ବିଷୟରେ ବୁଝାଇଥିଲେ। ଶିଶୁମାନେ ଶ୍ରୀକୃଷ୍ଣ, ରାଧା, ଗୋପାଳ, ଗୋପାଳୁଣୀ, ନନ୍ଦ, ଯଶୋଦା ଓ କଂସ ଆଦି ବେଶରେ ସୁସଜ୍ଜିତ ହୋଇଥିଲେ। ଗୁରୁମା ରୀନା ସ୍ୱାଇଁ, ନିବେଦିତା ଶତପଥୀ, ସସ୍ମିତା ପାଣିଗ୍ରାହୀ, ରୁନିତା ସ୍ୱାଇଁ, ବନସ୍ମିତା ସାମଲ, ସସ୍ମିତା ସାହୁ, ମୌସୁମୀ ପତି, ଅନୁପମା ଟୀନର, ପ୍ରିୟଦର୍ଶିନୀ, ସସ୍ମିତା ପାଢ଼ୀ, ବୋଧିମନ୍ତ ସାହୁଙ୍କ ସମେତ ଗୁରୁଜୀ ପ୍ରକାଶ ପଣ୍ଡା, ଟୁକୁନା ପୃଷ୍ଟି, ପରିଚାଳନା ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସଭାପତି ଜୟରାମ ସାହୁ, ଜୟଦେବ ସାହୁ, ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।



**ଭୁବନ:** ଭୁବନ ଏନ୍‌ଏସି ୧ନଂ ୱାର୍ଡ ବାଜିରାଉତ ସ୍ମୃତି ବିଦ୍ୟା ମନ୍ଦିର ପରିସରରେରେ ଜନ୍ମାଷ୍ଟମୀ ପାଳିତ ହୋଇଛି। ପ୍ରାତଃ ସଭାରେ ବୈଦିକ ମନ୍ତ୍ରପାଠ, ଛାତ୍ରଛାତ୍ରୀଙ୍କ ଭଗବାନ ଶ୍ରୀକୃଷ୍ଣ, ମା' ରାଧାଙ୍କ ବେଶରେ ସଜ୍ଜିତ ହୋଇଥିଲେ। ଲଉଡିବାଡ଼ି ତାଳେ ତାଳେ ନଗର ଭ୍ରମଣ କରିଥିଲେ ବିଦ୍ୟାର୍ଥୀ। ପୂର୍ଣ୍ଣାନନ୍ଦ ମିଶ୍ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ। ମଳୟ ତ୍ରିପାଠୀ, ଦୀପକ ବିହାରୀ ଅତିଥି ଭାବେ ଯୋଗଦେଇଥିଲେ।

**ଗଁଦିଆ:** ଗଁଦିଆ ବ୍ଲକ ଷଡ଼ଙ୍ଗୀସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ବ୍ରହ୍ମାକୁମାରୀ ଝରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ଧର୍ମାଚାର୍ଯ୍ୟ ସହ ପ୍ରମୁଖ ମଳୟ କୁମାର ତ୍ରିପାଠୀ, ଭାରତୀୟ ସାମ୍ବାଦିକ ମହାସଂଘର ଓଡ଼ିଶା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ରହ୍ମାକୁମାର ଅମ୍ବୁଜ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ତରୁଲତା ଧନ୍ୟବାଦ ଅର୍ପଣ କରିଥିଲେ। ୧୫ରୁ ଊର୍ଦ୍ଧ୍ୱ ପିଲା ରାଧାକୃଷ୍ଣ ବେଶ ହୋଇଥିଲେ।

**ଭୁବନ:** ଭୁବନ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଛାତ୍ରଛାତ୍ରୀମାନେ ରାଧାକୃଷ୍ଣଙ୍କ ବେଶରେ ସୁସଜ୍ଜିତ ହୋଇ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗନେଇଥିଲେ। ଗଉଡ଼ ବାଡ଼ିର ତାଳେତାଳେ ଗୀତ ଗାଇ ସୁସଜ୍ଜିତ ବେଶରେ ସହର ପରିକ୍ରମା କରିଥିଲେ।











## ସିଦ୍ଧବଳରାମଜୀଉଙ୍କ ମନ୍ଦିରରେ ବିଶେଷ ପୂଜା

**ଢେଙ୍କାନାଳ:** ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧବଳରାମଜୀଉଙ୍କ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ତୁଳସୀ ହାର ଓ ଫୁଲହାର ଲାଗି କରାଯାଇଥିଲା। ପରେ ବଲ୍ଲଭ ଭୋଗ ସହ ସକାଳ ୧୦ଟାରେ ଖେଚୁଡ଼ି ଭୋଗ ଏବଂ ମଧ୍ୟାହ୍ନରେ ଅନ୍ନଧୂପ ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାରେ ସ୍ୱତନ୍ତ୍ର ଆଳତି ସହ ରାତିରେ



ମଦନମୋହନଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାଶି ଲଡ୍ଡୁ, ବିଭିନ୍ନ ପ୍ରକାରର ମିଠା ଓ ଫଳମୂଳ ଭୋଗ ଲାଗି କରାଯାଇଥିଲା। ରାତ୍ରିଧୂପ ପରେ ପହଡ଼ ପଡ଼ିଥିଲା। ପୂଜକ ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଏବଂ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ସମସ୍ତ ନୀତିକାନ୍ତି ପାଳନ କରାଯାଇଛି।

## ପାରିବାରିକ କଳହରୁ ବିଷ ପିଇଲେ ଦମ୍ପତି

ଭୁବନ,୪।୯ (ସମିସ): ଭୁବନ ଥାନା ଭୁଷଳ ପଞ୍ଚାୟତ ଅସୁରବନ୍ଧ ପାଟଣା ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀ ବିଷ ପିଅ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗ୍ରାମର ଗୁଣ୍ଡିଚା ମଳିକ ଓ ତାଙ୍କ ସ୍ତ୍ରୀ ଚଗଲି ମଳିକଙ୍କ। ଉଭୟଙ୍କ ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଝିଅ ବାହାଘର ସରିଥିବା ବେଳେ ପୁଅ ପାଠ ପଢୁଛି। ଗୁଣ୍ଡିଚା ଦିନମଜୁରିଆ ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି। ତେଲଲୁଣ ସଂସାର ଶାନ୍ତିରେ ଚାଲିଥିବା ବେଳେ ପୁଅକୁ ଗୁଣ୍ଡିଚା କୌଣସି କାରଣକୁ ନେଇ ହାତ ଉଠାଥିବାରୁ ଚଗଲି ରାଗିଯାଇ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଗୁଣ୍ଡିଚା ଚଗଲିଙ୍କ ଉପରକୁ ହାତ ଉଠାଇଥିଲେ। ପରେ ଅଧିକ ଭଲ ପାଉଥିବା ସ୍ତ୍ରୀ ଉପରକୁ ହାତ ଉଠାଇଥିବାରୁ ଅନୁତାପ କରି ଗୁଣ୍ଡିଚା କୀଟନାଶକ ପିଇ ଦେଇଥିଲେ। ଏପଟେ ସ୍ୱାମୀ କୀଟନାସକ ପିଇବା ଦେଖି ଚଗଲି ମଧ୍ୟ ମାନସିକ ଭାରସାମ୍ୟ ହରାଇ ସିନ୍ଦୂର ସହ ଚିନି ମିଶାଇ ପିଇ ଦେଇଥିଲେ। ଉଭୟଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଗୋଟିଏ ଆମ୍ବୁଲାନ୍ସରେ ଦୁଇଜଣଙ୍କୁ ନେବାପାଇଁ ଆମ୍ବୁଲାନ୍ସ କର୍ତ୍ତୃପକ୍ଷ ମନା କରିବାରୁ ଅଭାବୀ ପରିବାରକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା।

## ଗ୍ରାମ ଚଉପାଢ଼ି ଓ ପାଲା ମଣ୍ଡପ ବିଲ୍‌କୁ ନେଇ ବିବାଦ

### ପ୍ରଶାସନର ହସ୍ତକ୍ଷେପ ଦାବି କଲେ ଗ୍ରାମବାସୀ

ଓଡ଼ାପଡ଼ା,୪।୯ (ସମିସ): ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ପଞ୍ଚାୟତ କାଣ୍ଡବିନ୍ଧା ଗ୍ରାମରେ ଥିବା ପାଲା ମଣ୍ଡପ ବିଲ୍‌କୁ ନେଇ ବିବାଦ ଦେଖାଦେଇଛି। ଏ ନେଇ ଗ୍ରାମର ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀ ବିରୋଧରେ ବିଭିନ୍ନ ଅଭିଯୋଗ କରିଛନ୍ତି।

ଗୋଟିଏ ଗୋଷ୍ଠୀର ଲୋକଙ୍କ କହିବା ଅନୁଯାୟୀ, ପୂର୍ବପୁରୁଷଙ୍କ ସମୟରୁ ରହିଆସିଥିବା ପାଲା ମଣ୍ଡପ ଗ୍ରାମର ସାମୂହିକ କାର୍ଯ୍ୟକ୍ରମ ଓ ସାଂସ୍କୃତିକ ପରମ୍ପରା ସହ ଜଡ଼ିତ। ପାଲା ମଣ୍ଡପର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବିଧାୟିକାଙ୍କ ପାଣ୍ଠିରୁ ଅନୁଦାନ ପାଇ ଏହାକୁ ନୂତନ ଭାବେ ନିର୍ମାଣ ପାଇଁ ପଦକ୍ଷେପ ନେଇଥିବା ବେଳେ ଏହାକୁ ଗ୍ରାମର କିଛି ବ୍ୟକ୍ତି ବିରୋଧ କରିଛନ୍ତି। ଭୂମି ଚିହ୍ନଟ ପ୍ରକ୍ରିୟା ସମ୍ପନ୍ନ ହେବା ସହ କାର୍ଯ୍ୟାଦେଶ ହୋଇଥିବା ସତ୍ତ୍ୱେ କାହିଁକି ପାଲା ମଣ୍ଡପର ବିଲ୍ ବନ୍ଦ ରହିଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।



ଏପରିକି ବିଲ୍ ବନ୍ଦ କରିବା ଉଦ୍ଦେଶ୍ୟରେ କିଛି ବିରୋଧୀ ପ୍ରଶାସନିକ ଅଧିକାରୀଙ୍କ ନାମରେ ଅଦାଲତରେ ମାମଲା କରୁଥିବା ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ଭୂମି ଚିହ୍ନଟ ଓ କାର୍ଯ୍ୟାଦେଶ ପ୍ରକ୍ରିୟା ନିୟମ ଅନୁଯାୟୀ ହୋଇଛି ତେବେ ବିଲ୍ ପ୍ରଦାନରେ ବାଧା କେଉଁଠି, ସାମୂହିକ ହିତରେ ହେଉଥିବା ଉନ୍ନୟନ କାର୍ଯ୍ୟକୁ ନେଇ ବିବାଦ କାହିଁକି ଲାଗି ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ପାଲା ମଣ୍ଡପର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ବିଲ୍ ସମ୍ପର୍କରେ ଆଇନ ଓ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି।

## ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ: ବିନା ସୁରକ୍ଷାରେ ଶ୍ରମିକ ନିୟୋଜିତ

ପରଜଙ୍ଗ,୪।୯ (ସମିସ): ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ଚାଲୁଥିବା ବେଳେ କିଛି ଉଚ୍ଚ ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ସମ୍ପାଦନ କରୁଥିବା ଠିକାଦାର ଅଣ ଓଡ଼ିଆ ଶ୍ରମିକ ନିୟୋଜିତ କରି ଉଚ୍ଚ ସମ୍ପନ୍ନ ପାଣି ଟାଙ୍କି ଉପରକୁ ବିପଦଜ୍ଜନକ ଭାବେ ଲୁହା ଛଡ, ସିମେଣ୍ଟ, ବାଲି ବୁହାଇ କାର୍ଯ୍ୟ କରୁଥିବା ବେଳେ ଶ୍ରମିକଙ୍କ ସୁରକ୍ଷାକୁ କଡାକଡି କରାଯାଉ ନଥିବା ଅଭିଯୋଗ ହୋଇଛି। ପରଜଙ୍ଗ ବ୍ଲକ ପାଟରପଦା ଗ୍ରାମ ସ୍ଥିତ ନିମଡେିଳା ଠାରେ ଚାଲୁଥିବା ପାଣି ଟାଙ୍କି ନିର୍ମାଣରେ ଶ୍ରମିକଙ୍କ ସୁରକ୍ଷା ପାଇଁ ସୁରକ୍ଷା ବେଲ୍ଟ,ହେଲିମେଟ୍ ବ୍ୟବହାର ପାଇଁ



ଠିକାଦାର ପକ୍ଷରୁ ପ୍ରଦାନ ହୋଇନାହିଁ। ସେହିପରି ଉଚ୍ଚ ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ଶେଷ ପର୍ଯ୍ୟାୟରେ ଥିବା ସମୟରେ ଉପରେ ଝୁଲି ଶ୍ରମିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଜିଲ୍ଲା ଶ୍ରମ ବିଭାଗ ଓ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ ଦୃଷ୍ଟି ଦେଇ ଶ୍ରମିକଙ୍କ ସୁରକ୍ଷାକୁ କଡାକଡି କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ହିନ୍ଦୋଳ ଏନଏସି ବିଜେଡି କାର୍ଯ୍ୟକର୍ତ୍ତା ନିଯୁକ୍ତ

ହିନ୍ଦୋଳ,୪।୯ (ସମିସ): ହିନ୍ଦୋଳ ଏନ୍‌ଏସି ପାଇଁ ବିଜେଡି କାର୍ଯ୍ୟକର୍ତ୍ତା ନିଯୁକ୍ତ ହୋଇଛନ୍ତି। ହିନ୍ଦୋଳ ନିର୍ବାଚନମଣ୍ଡଳୀ ବିଜେଡି ନେତା ପୂର୍ବତନ ସାଂସଦ ମହେଶ ସାହୁଙ୍କ ସୁପାରିସ କ୍ରମେ ଦଳ ସଭାପତି ନବୀନ ପଟ୍ଟନାୟକ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ନାମକୁ ଅନୁମୋଦନ କରିଛନ୍ତି। ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା ପୂର୍ବରୁ ନଗର ସଭାପତି ଚୟନ ହୋଇଥିବା ବେଳେ ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକାରୀ ସଭାପତି, ବିଜୟ ବେହେରା, ଚିନ୍ମୟ ଦାସ ଓ ପୂର୍ଣ୍ଣଚନ୍ଦ୍ର ନାଠି ଉପସଭାପତି, ରମେଶ ସାହୁ ସାଧାରଣ ସମ୍ପାଦକ, ଦୁର୍ଗାପ୍ରସାଦ ସର କୋଷାଧ୍ୟକ୍ଷ ଏବଂ ସିରାଜ ମହମ୍ମଦ, ନବକିଶୋର ବେହେରା, ବୁଦ୍ଧିଆ ନାଏକ, ସହଦେବ ପ୍ରଧାନ, ପ୍ରଦୀପ ବେହେରା ସମ୍ପାଦକ ମନୋନୀତ ହୋଇଛନ୍ତି। ନୂତନ କାର୍ଯ୍ୟକର୍ତ୍ତାମାନେ ଦଳ ସଭାପତି ନବୀନ ପଟ୍ଟନାୟକ ଓ ପୂର୍ବତନ ସାଂସଦ ମହେଶ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ବେଆଇନ ବ୍ୟବସାୟକୁ ନେଇ ବିବାଦ, ଜଣେ ଗିରଫ

ଗଁଦିଆ,୪।୯ (ସମିସ): ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ଅଞ୍ଚଳର ଖଣ୍ଡବନ୍ଧ ପଞ୍ଚାୟତ ପୁରୁଣା ଅମାଙ୍ଗ ଗ୍ରାମରେ ବେଆଇନି ନିଶା ସାମଗ୍ରୀ ଓ ରନ୍ଧନ ଗ୍ୟାସ ବ୍ୟବସାୟ ନେଇ ଅଭିଯୋଗ କରିବାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ରଡ୍‌ରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଜନୈକ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୁରୁଣା ଅମାଙ୍ଗ ଗ୍ରାମର ସସ୍ମିତା ପଣ୍ଡାଙ୍କ ଘରକୁ ଲାଗି ଭଗବାନ ପଣ୍ଡା ବେଆଇନି ନିଶା ସାମଗ୍ରୀ ଓ ରନ୍ଧନ ଗ୍ୟାସ ଗଚ୍ଛିତ ରଖି ବ୍ୟବସାୟ କରୁଥିବା ନେଇ ସସ୍ମିତା ବାରମ୍ବାର ଅଭିଯୋଗ କରିଥିଲେ। ଏହାକୁ ନେଇ ତାଙ୍କୁ ଧମକ ଦିଆଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଅଗଷ୍ଟ ୧୫ ତାରିଖ ଅପରାହ୍ନରେ ସସ୍ମିତା ମୋବାଇଲ୍‌ରେ କଥା ହେଉଥିବା ସମୟରେ ଭଗବାନ ପଣ୍ଡା ଓ ତାଙ୍କ ପତ୍ନୀ ତାଙ୍କୁ ରଡ୍‌ରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ତାଙ୍କ ମୋବାଇଲ୍ ନଷ୍ଟ ହୋଇଥିବା ଏବଂ ଜଙ୍ଘରେ ଆଘାତ ଲାଗିଥିବା ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ନିହାଲପ୍ରସାଦ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ପ୍ରାୟ ୧୫ ଦିନ ପରେ ଅଭିଯୁକ୍ତ ଭଗବାନ ପଣ୍ଡାଙ୍କୁ ପୁଲିସ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଅନୁରାଗ ମଲ୍ଲିକଙ୍କ ସୂତ୍ରରୁ ଜଣାପଡ଼ିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ସାପ କାମୁଡ଼ାରେ ଚାଷୀ ମୃତ

ଢେଙ୍କାନାଳ,୪।୯ (ସମିସ): ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମପଞ୍ଚାୟତ କୁରୁମଟାଙ୍ଗର ଗ୍ରାମରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୁରୁମଟାଙ୍ଗର ଗ୍ରାମର ବୁଦ୍ଧିମନ୍ତ ସାମଲ। ବୁଦ୍ଧିମନ୍ତ ବିଲରେ କାମ କରୁଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ବୁଲାଇବାରୁ ହୁଡ଼ାରେ ବସିପଡ଼ିଥିଲେ। ପାଖ ବିଲରେ କାମ କରୁଥିବା ତାଙ୍କ ପୁତୁରା ଲିଙ୍କୁ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବାଇକ୍ ଯୋଗେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ବୁଦ୍ଧିମନ୍ତଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରାଣୀ ଚିକିତ୍ସକଙ୍କୁ ମାଡ଼ ଅଭିଯୋଗ

ଗଁଦିଆ,୪।୯ (ସମିସ): ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ଅନ୍ତର୍ଗତ ବେଗା ଗାଁ ନିକଟରେ ଜଣେ ପ୍ରାଣୀ ଚିକିତ୍ସକ ଙ୍କୁ ମାରଣାତ୍ମକ ମାଡ଼ ମାରିଥିଲେ ଛେଳି ମାଲିକ। କରଡାବଣୀ ଗ୍ରାମରେ ଗଣେଶ୍ୱର ପୃଷ୍ଟି ପେଶା ରେ ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ। ତାଙ୍କ ସହ କର୍ମୀ ବୈଦକାଟେଣୀ ଗ୍ରାମର ଅକ୍ଷୟ କୁମାର ବିହାରୀଙ୍କୁ ସାଥିରେ ନେଇ ବେଗା ଗ୍ରାମକୁ ଚିକିତ୍ସା ପାଇଁ ଯାଉଥିବା ବେଳେ ଶୁକ୍ରବାର ଦିନ ଗ୍ରାମ ନିକଟରେ ଦଳେଇ ନାୟକ ଙ୍କ ପୁଅ ନବଘନ ପୃଷ୍ଟି ଙ୍କୁ ଅଟକାଇ ଥିଲେ। ଛେଳି କୁ ଖାସୁ କରିବାକୁ ଅନୁରୋଧ କରିଥିଲେ. ଚିକିତ୍ସା ଅଧିକାରୀ ସଂଗେ ସଂଗେ ସିଧାସଳଖ ମନା କରିଦେଇଥିଲେ। ଯାହା ଫଳରେ ନବଘନ ଶ୍ରୀ ପୃଷ୍ଟିଙ୍କୁ ମାରଣାତ୍ମକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ନବଘନଙ୍କ ପୁଅ ମିଥୁନ ସହଯୋଗ କରିଥିଲେ। ଏନେଇ ଶ୍ରୀ ପୃଷ୍ଟି ଙ୍କ ପକ୍ଷରୁ ନିହଲପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତିକରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅପରପକ୍ଷେ ନବଘନଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି ଯେ ତାଙ୍କର ଗାଈ ଓ ଛେଳି ଅସୁସ୍ଥ ଥିଲେ। ଚିକିତ୍ସକ ଶ୍ରୀ ପୃଷ୍ଟି ଇଞ୍ଜେକ୍ସନ ଦେଇଥିଲେ। ହେଲେ ଗାଈ କିମ୍ବା ଛେଳି ବଞ୍ଚିନଥିଲେ। କିଛି ଦିନ ପରେ ପୁଣି ଚିକିତ୍ସକଙ୍କୁ ଘର ପାଖରେ ଭେଟି ଆଉ ଏକ ଅସୁସ୍ଥ ଛେଳିର ଚିକିତ୍ସା ପାଇଁ ଅନୁରୋଧ କରିଥିଲୁ। ସେ ମନା କରିବା ସହ ମାଡ଼ ମାରିଥିଲେ। ଜାତିଆଣ ଆକ୍ଷେପ କରି ଗାଳି ଦେଇଥିଲେ। ଏବଂ ଭାଇ ମାନଙ୍କୁ ଡାକି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସିଏମ୍-କିଷାନର ପଞ୍ଚମ କିସ୍ତି ପ୍ରଦାନ

# ଜିଲ୍ଲାର ୧ ଲକ୍ଷ ୩୨ ହଜାର ଚାଷୀ ଉପକୃତ

ଢେଙ୍କାନାଳ,୪।୯ (ସମିସ): ନୂଆଖାଇ ପୂର୍ବରୁ ଜନ୍ମାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍-କିଷାନ ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାର ୧,୩୨,୩୮୮ ଚାଷୀ ପଞ୍ଚମ କିସ୍ତିରୁ ଉପକୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପାଢ଼ିହାରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ପୁହାଣ କହିଥିଲେ ଯେ ଚାଷୀ ସମୃଦ୍ଧ ହେଲେ ହିଁ ଆମେ ସମସ୍ତେ ସମୃଦ୍ଧ ହେବା। ଜିଲ୍ଲାପାଳ ପାଟିଲ କହିଲେ ଯେ କୃଷି କ୍ଷେତ୍ରରେ ଢେଙ୍କାନାଳ ଅଗ୍ରଣୀ ଜିଲ୍ଲା। ବିଶ୍ୱ ବଜାରରେ ଜିଲ୍ଲାର କୃଷିଜାତ ଉତ୍ପାଦ ପହଞ୍ଚିବାର ବିପୁଳ ସମ୍ଭାବନା ରହିଛି। ମୂଲ୍ୟଯୁକ୍ତ ଉତ୍ପାଦ, ପ୍ରକ୍ରିୟାକରଣ, ନୂତନ ପ୍ରଯୁକ୍ତିର ବ୍ୟବହାର ଓ ଚାଷୀଙ୍କ ଦକ୍ଷତା ବିକାଶ ମାଧ୍ୟମରେ ସରକାର ଏ ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ। ମନ୍ତ୍ରୀ ପାତ୍ର କହିଲେ, କ୍ଷୁଦ୍ର ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ ସରକାର ନିରନ୍ତର ପ୍ରୟାସରତ। ସିଏମ୍-କିଷାନ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କୃଷିକୁ ଅଧିକ ଲାଭଜନକ କରିବା ପାଇଁ ସରକାରଙ୍କ ସମନ୍ୱିତ ଆଭିମୁଖ୍ୟ ସମ୍ପର୍କରେ ସେ ଆଲୋକପାତ କରିବା ସହ ଚାଷୀଙ୍କୁ ଚାଷରେ ବିବିଧତା ଆଣି ଆୟ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ପରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଜରିଆରେ ଉପସ୍ଥିତ ଅତିଥି ଓ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣିଥିଲେ। ୨୦୨୬-୨୭ ରବିଋତୁ ପୂର୍ବରୁ ଚାଷୀମାନଙ୍କୁ ବିହନ, ସାର ଓ କୀଟନାଶକ କ୍ରୟ ସହ କୃଷି ଓ ଆନୁଷଙ୍ଗିକ ଜୀବିକାରେ ସହାୟତା ଯୋଗାଇବା ଏହି ସହାୟତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚାଷୀଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ଆଧାର। ସିଏମ୍-କିଷାନ କେବଳ ଆର୍ଥିକ ସହାୟତା ନୁହେଁ ବରଂ ଚାଷୀଙ୍କ ପରିଶ୍ରମ ପ୍ରତି ସମ୍ମାନ। କୃଷି ଉପକରଣ କ୍ରୟଠାରୁ ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କ ଗୁଣାତ୍ମକ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ସରକାର ସହାୟତା ଯୋଗାଇ ଆସୁଛନ୍ତି ବୋଲି ସେ କହିଥିଲେ।



## ଦୁର୍ଘଟଣାରେ ସିଆର୍‌ସିସି ମୃତ

**ଶଳା ମୃତ; ଭିଣୋଇ ଗୁରୁତର**

ରଘୁନାଥପୁର,୪।୯(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ବର୍ତ୍ତି ହମ୍ପସ ନିକଟରେ ଏକ ଦୁର୍ଘଟଣାରେ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେଉଳସାହି କ୍ଲଷ୍ଟରର ସିଆର୍‌ସିସି ଚତୁର୍ଭୁଜ ନାୟକ (୪୮)ଙ୍କ ମୃତ୍ୟୁ ଘଟିଛି। ସିଆର୍‌ସିସି ଶ୍ରୀ ନାୟକ ଓ ତାଙ୍କ ଭିଣୋଇ ସୁଶାନ୍ତ କୁମାର ନାୟକ ଭୁବନେଶ୍ୱର ସ୍ଥିତ ତାଙ୍କ ପୁଅ ପଢୁଥିବା କଲେଜକୁ ଦେଖା କରିବାକୁ ଯାଇଥିଲେ। ସେଠାରୁ ତାଙ୍କ ଘର ନାଲିବରକୁ ଏକ ବାଇକ ଯୋଗେ ଫେରୁଥିଲେ। ବର୍ତ୍ତୀ ହମ୍ପସ ପାର ହେଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ତେଲ ଟ୍ୟାଙ୍କରରେ ବାଇକର ମିରର ଲାଗି ଯାଇଥିଲା। ଫଳରେ ଭାରସାମ୍ୟ ହରାଇ ସିଆର୍‌ସିସି ଶ୍ରୀ ନାୟକ ତଳେ ପଡି ଯାଇଥିଲେ। ଏହି ସମୟରେ ଟ୍ୟାଙ୍କରର ଚକା ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। କିନ୍ତୁ ଚାଳକ ସୁଶାନ୍ତ ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲେ। ଖବରପାଇ ରଘୁନାଥପୁର ପୁଲିସ, ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଶ୍ରୀ ନାୟକଙ୍କୁ ମୃତ ଘୋଷଣା କରିଥିଲେ। ରଘୁନାଥପୁର ପୁଲିସ ଓଡି ୦୪ ଏକ୍ସ ୦୬୭୧ ନଂ ତେଲ ଟ୍ୟାଙ୍କରକୁ ଜବତ କରିବା ସହ ମୃତଦେହକୁ ନିଜ ଅକ୍ତିଆରକୁ ଆଣିଥିଲା। ଏ ନେଇ ଥାନାରେ ୧୫୭/୨୬ ନଂ. କେସ ହୋଇଥିବା ବେଳେ ସମୟ ଅତିକ୍ରାନ୍ତ ହୋଇ ଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ଆସନ୍ତାକାଲି ଜଗତସିଂହପୁର ଡାକ୍ତରଖାନାକୁ ପଠାଯିବ ବୋଲି ଆଇଆଇସି ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ କି ମୃତ ନାୟକଙ୍କ ବଡ଼ଭାଇ ଗତ ୬ ମାସ ତଳେ କ୍ୟାନସରରେ ପୀଡିତ ହୋଇ ମୃତ୍ୟୁ ହୋଇଥିବା ବେଳେ ଏହି ଦୁଃଖଦ ଘଟଣା ନିଜ ଗ୍ରାମ ତଥା ଶିକ୍ଷକ ମହଲରେ ଶୋକାତୁର ପରିବେଶ ସୃଷ୍ଟି କରିଛି।

## ଯୁବକଙ୍କ ଅକାଳ ବିୟୋଗ

ରଘୁନାଥପୁର,୪।୯(ସମିସ): ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଶରତ ଦାସଙ୍କ ପୁଅ ସୁଶାନ୍ତ କୁମାର ଦାସ (୨୨) ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶାରିରୀକ ଭିନ୍ନକ୍ଷମ ପୁଅ ସୁଶାନ୍ତଙ୍କୁ ଜ୍ୱର ହୋଇ ଦେହ ଅତିଶୟ ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଶୁକ୍ରବାର ସକାଳୁ ତାଙ୍କର ମୃତ୍ୟୁ ହୋଇଥିଲା। ମେଡିକାଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ରଘୁନାଥପୁର ଥାନାକୁ ଜଣାଇଥିଲେ। ପୁଲିସ ଥାନାରେ ଅପମୃତ୍ୟୁ କେସ ନଂ ୮/୨୬ ରୁଜୁ କରି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲେ। ମୃତଦେହ ଗ୍ରାମକୁ ଆସିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଓ ବହୁ ବ୍ୟକ୍ତି ସୁଶାନ୍ତଙ୍କ ଘରେ ପହଞ୍ଚି ଶେଷଦର୍ଶନ କରିଥିଲେ।

## ନାବାଳିକାକୁ ଅସଦାଚରଣ ଅଭିଯୋଗ

ପାରାଦୀପ,୪।୯(ସମିସ): ପାରାଦୀପ ଲକଥାନା ଅଧୀନ କୋଠି ଗ୍ରାମରେ ଜଣେ ୧୨ ବର୍ଷୀୟ ନାବାଳିକାଙ୍କୁ ସେହି ଗ୍ରାମର ଅକ୍ଷୟ ସ୍ୱାଇଁ (୬୫) ଅସଦାଚରଣ କରିଥିବା ନେଇ ଥାନାରେ ନାବାଳିକାଙ୍କ ଜେଜେମା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଥାନାକୁ ଡାକି ପଚରା ଉଚରା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଘଟଣାଟି କେଉଁଦିନ ଘଟିଛି ତାର କୌଣସି ସତ୍ୟତା ଜଣାପଡି ନଥିବା ପୁଲିସ ସୂଚନା ଦେଇଛି। ପୂର୍ବରୁ ଥରେ ନୁହେଁ, ବହୁ ବାର ଏଭଳି ଅସଦାଚରଣ ଅଭିଯୁକ୍ତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଏନେଇ ଗାଁରେ ଗ୍ରାମ ଭଦ୍ର ଲୋକଙ୍କ ଦ୍ୱାରା ସମାଧାନ ପାଇଁ ପ୍ରୟାସ ଚାଲିଥିବା ବେଳେ କୌଣସି ନିର୍ଯ୍ୟାସ ବାହାରି ପାରିନଥିବାରୁ ମାମଲା ଥାନାକୁ ଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡିଛି।

## ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ



ପାରାଦୀପ,୪।୯(ସମିସ): ରୋଟାରୀ କ୍ଲବ୍ ଅଫ୍ ପାରାଦୀପ ଏବଂ କଟକର ଅଗ୍ରୱାଲ ଆଇ ହସ୍ପିଟାଲର ମିଳିତ ସହଯୋଗରେ ଆଜି ପାରାଦୀପ ସ୍ଥିତ ସଞ୍ଜୟ ଗାନ୍ଧୀ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୫୦ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯେଉଁଥିରୁ ୪୦ ଜଣ ଛାତ୍ରଛାତ୍ରୀଙ୍କ ଆଖିରେ ତ୍ରୁଟି ବା ଦୃଷ୍ଟିଶକ୍ତି ସମସ୍ୟା ଚିହ୍ନଟ ହୋଇଥିଲା। ଏହି ପିଲାମାନଙ୍କର ପରବର୍ତ୍ତୀ ଚିକିତ୍ସା କଟକସ୍ଥିତ ଅଗ୍ରୱାଲ ଆଇ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣାରେ କରାଯିବ। ଏହି ଶିବିରକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିଲେ। ରୋଟାରୀ କ୍ଲବ୍ ଅଫ୍ ପାରାଦୀପର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ କାଳୀ ପ୍ରସାଦ ମିଶ୍ରଙ୍କ ସମେତ କ୍ଲବ୍ ନିର୍ଦ୍ଦେଶକ ଡା. ଦୁର୍ଗାପ୍ରସାଦ ସେଠୀ, କ୍ୟାପ୍ଟେନ ଅଲେଖ ଚନ୍ଦ୍ର ସାହୁ, ଡା. କୈଳାଶ ଚନ୍ଦ୍ର ମହାରାଣା, ଡା. ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ବିପ୍ଳବ କୁମାର ଜେନା, ଦୀପକ କୁମାର ସାରଙ୍ଗୀ, ରଞ୍ଜିତ କୁମାର ବୋମାଳି ଏବଂ ଧର୍ମେନ୍ଦ୍ର କୁମାର ପତି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସମାଜସେବୀ, ସାମ୍ବାଦିକ କାମେଶ୍ୱର ସ୍ୱାଇଁ ଏବଂ ଅଗ୍ରୱାଲ ଆଇ ହସ୍ପିଟାଲର ଡାକ୍ତର ଓ ଚିକିତ୍ସା କର୍ମଚାରୀମାନେ ସହଯୋଗ କରିଥିଲେ।

**ଶିକ୍ଷାନୁଷ୍ଠାନରେ ଜନ୍ମାଷ୍ଟମୀ**

# ରାଧାକୃଷ୍ଣ ବେଶରେ ଛାତ୍ରଛାତ୍ରୀ









ଜଗତସିଂହପୁର,୪।୯(ସମିସ)

ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ସାଇଞ୍ଜାନ ପ୍ଲେ' ସ୍କୁଲରେ କୁନି କୁନି ପିଲାମାନଙ୍କୁ ନେଇ ରାଧାକୃଷ୍ଣ ବେଶ ଅନୁଷ୍ଠିତ ହୋଇଯାଇଛି। ପ୍ଲେ' ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ଚୌଧୁରୀଙ୍କ ସଂଯୋଜନାରେ ପ୍ଲେ' ସ୍କୁଲର କୁନି କୁନି ଛାତ୍ରଛାତ୍ରୀ ଆନନ୍ଦର ସହ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ବିଭିନ୍ନ ପ୍ରକାର ନୃତ୍ୟ ଗୀତ ପରିବେଷଣ ସହିତ ଜନ୍ମାଷ୍ଟମୀ ଉତ୍ସବକୁ ପାଳନ କରିଛନ୍ତି। ଶିକ୍ଷୟିତ୍ରୀ ପ୍ରାଚୀ ପଟ୍ଟନାୟକ, ଲିପ୍ସା ମହାନ୍ତି, ସୋନମ୍ ପ୍ରିୟଦର୍ଶିନୀ, ସୌଭାଗ୍ୟ ଲକ୍ଷ୍ମୀ ପାତ୍ର, ଶକ୍ତିସ୍ୱରୂପା ପଟ୍ଟନାୟକ, ଶ୍ରୀଲେଖା ପାଢ଼ୀ ଓ ପରିଚାଳିକା ସୁଜାତା ନନ୍ଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ।

**ଜଗତସିଂହପୁର:** ନିସ୍ ଇଣ୍ଟରନେସନାଲ ସ୍କୁଲ ଜଗତସିଂହପୁର ପରିସରରେ ଭକ୍ତି, ଉତ୍ସାହ ଓ ଆନନ୍ଦର ପରିବେଶମଧ୍ୟରେଜନ୍ମାଷ୍ଟମୀଉତ୍ସବପାଳିତହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ସମ୍ପାଦକ ରାଜେନ୍ଦ୍ର କୁମାର ଲେଙ୍କା ମୁଖ୍ୟଅତିଥି ଏବଂ ଉପଦେଷ୍ଟା ବନମାଳୀ ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ଶ୍ରୀକୃଷ୍ଣ ଓ ରାଧାଙ୍କ ବେଶରେ ସଜ୍ଜିତ ହୋଇ ଅଭିନୟ ପରିବେଷଣ କରିଥିଲେ। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ପରିବେଷିତ "କୃଷ୍ଣ ଜନ୍ମ ବୃତ୍ତାନ୍ତ' ନାଟିକା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନୃତ୍ୟକଳା ପ୍ରଶିକ୍ଷକ ସୌରଭ କୁମାର ସ୍ୱାଇଁଙ୍କ ପ୍ରଯୋଜନାରେ ନୃତ୍ୟ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭଶ୍ରୀ ଖଟୁଆଙ୍କ ମାର୍ଗଦର୍ଶନରେ କୁନି କଳାକାରମାନେ ଅଭିନୟ ଓ କଳାକୌଶଳକୁ ପ୍ରଦର୍ଶନ କରିଥିଲେ।

**ଜଗତସିଂହପୁର:** ଜଗତସିଂହପୁର ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ଆଚାର୍ଯ୍ୟ ଶଙ୍କର୍ଷଣ ଦାସ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ପଲ୍ଲୀଗୁରୁମାଙ୍କ ତତ୍ତ୍ୱାବଧାନରେ ଶିଶୁମାନେ ଭଜନ ପରିବେଷଣ ଓ ହରିନାମ କରିଥିଲେ। ସହ ପ୍ରଧାନାଚାର୍ଯ୍ୟା ମଧୁସ୍ମିତା ଗୁରୁମା ଓ ଗୁରୁମାମାନେ ବହି ପଠନ କରିଥିଲେ। ଶିଶୁବାଟିକାର ୯୭ଜଣ ଶିଶୁ ଭାଇଭଉଣୀ ରାଧାକୃଷ୍ଣ, ସୁଦାମା ବେଶ ହୋଇ ପ୍ରସନ୍ନ ଖୁଣ୍ଟିଆ, ସ୍ୱର୍ଣ୍ଣଗୁରୁମା, ସୁରେନ୍ଦ୍ର ଗୁରୁଜୀ ଓ ଅନ୍ୟ ଗୁରୁଜୀ ଗୁରୁମାଙ୍କ ସହିତ ନିକଟସ୍ଥ ଜଗନ୍ନାଥ ମନ୍ଦିର ଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଲୋକ ଗୁରୁଜୀ ଓ ମୃତ୍ୟୁଞ୍ଜୟ ଗୁରୁଜୀଙ୍କ ଓ ପ୍ରକାଶ ଗୁରୁଜୀଙ୍କ ସହଯୋଗରେ ଦଧି ହାଣ୍ଡି ଭଙ୍ଗା କାର୍ଯ୍ୟ କରାଯାଇଥିଲା।

**ବାଲିକୁଦା:** ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭଗବାନ କୃଷ୍ଣଙ୍କ ଜନ୍ମଦିନ ଓ ବେଦାନ୍ତ କେଶରୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅଷ୍ଟାଦଶତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ନିତ୍ୟାନନ୍ଦ ଭାରତୀ ଭାଗବତ ପାଠ ଓ ଗୁରୁଜୀ ଜ୍ୟୋତିରଞ୍ଜନ ଶତପଥୀ ପ୍ରଭୁ ଶ୍ରୀକୃଷ୍ଣଙ୍କ ନିକଟରେ ହୋମ ପୂଜା ପାଠ କରିଥିଲେ। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ପୃଷ୍ଟି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସସ୍ମିନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ, ସଦସ୍ୟା ସସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଥିଲେ। ବିଦ୍ୟାଳୟର ସହ ସମ୍ପାଦକ ଶରତ ଚନ୍ଦ୍ର ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନଗୋ ବେଦାନ୍ତ କେଶରୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ମାର୍ଗଦର୍ଶନ କରିଥିଲେ। ଶିଶୁ ବାଟିକାର ଶିଶୁ ଭାଇ ଓ ଭଉଣୀ ମାନେ ରାଧାକୃଷ୍ଣ ବେଶ ହୋଇ ଆସିଥିଲେ। ବିଦ୍ୟାଳୟର ଗୁରୁଜୀ ସୁବାସ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ବିଜୟ କୁମାର ବେହେରା, ଅର୍ଜୁନ କୁମାର ସାହୁ, କାର୍ତ୍ତିକେଶ୍ୱର୍ ସାହୁ, ଚନ୍ଦ୍ରକାନ୍ତ ପୁହାଣ, ସଞ୍ଜୟ କୁମାର ମହାନ୍ତି, ଗୁରୁମା ସଂଗୀତା ମହାନ୍ତି, ମମତା ପରିଜା, ପ୍ରଭାସିନୀ ବିଶ୍ୱାଳ, ନିରୁପମା ବିଶ୍ୱାଳ, ସୁପ୍ରିୟା ନାୟକ, ଇତିଶ୍ରୀ ଭୋଳ ପ୍ରମୁଖ ସହଯୋଗ କରିଥିଲେ।

**ବିରିଡି:** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୁଳକଇଜଙ୍ଗାଠାରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ଅଭିଭାବକମାନଙ୍କ ଉପସ୍ଥିତରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ପୂଜନ କରାଯାଇଥିଲା। ଏହା ପରେ ଶିଶୁ ବାଟିକାର ଶିଶୁମାନେ ଶ୍ରୀକୃଷ୍ଣ, ଶ୍ରୀରାଧା ଆଦି ବେଶରେ ସଜ୍ଜିତ ହୋଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବାମଦେବ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟ ପୀତାମ୍ବର ମହାପାତ୍ର ଓ ସମାଜସେବୀ ଶିଶିର କୁମାର ଦାଶ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ କୁଣ୍ଡୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

**କୁଜଙ୍ଗ:** କୁଜଙ୍ଗ ନ୍ୟାସନାଲ ସ୍କୁଲ ଓ ସେଣ୍ଟ ଜାଭିଅର ଇଣ୍ଟର ନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀ ପବିତ୍ର ଜନ୍ମାଷ୍ଟମୀରେ କୃଷ୍ଣଜନ୍ମ ଗୀତିନାଟ୍ୟ ଦର୍ଶକଙ୍କ ମନ ମୋହିଥିଲା। ସ୍କୁଲ ପରିସରରେ ଆୟୋଜିତ ଉତ୍ସବକୁ ଡ. ଗଙ୍ଗାଧର ସାମନ୍ତରାୟ, ପ୍ରିନ୍ସିପାଲ ପ୍ରମିଳା ନନ୍ଦ, ସୁଧାକର ବିଶ୍ୱାଳ, ଉପାଧ୍ୟକ୍ଷ ସଞ୍ଜୟ ଓଝା ଓ ରତିରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଉତ୍ସବ ପ୍ରାରମ୍ଭରେ ଶତାଧିକ କୁନି କୁନି ଛାତ୍ରୀଛାତ୍ର ରାଧା, କୃଷ୍ଣ, ନନ୍ଦ, ଯଶୋଦା, ବସୁଦେବ, ଦେବକୀ ଓ କଂସ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥି ସହିତ ଭଗବତ ଗୀତା ଶ୍ଳୋକ ଆବୃତ୍ତି ଓ ବ୍ୟାଖ୍ୟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ପବିତ୍ର ନାୟକ, ମମତାରାଣୀ ତ୍ରିପାଠୀ, ମାନୀ ପ୍ରଧାନ, ସରୋଜିନୀ ସାହୁ ଓ କାହ୍ନା ବେହେରା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରି ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପୋଷ୍ଟକାର୍ଡରେ ଦାବିପତ୍ର ପ୍ରେରଣ



ବାଲିକୁଦା,୪।୯(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘ, ଜଗତସିଂହପୁର ଜିଲ୍ଲା ବାଲିକୁଦା ଖଣ୍ଡ ପକ୍ଷରୁ ସ୍ଥାନୀୟ ତହସିଲ ଛକ ସ୍ଥିତ ମହିଳା ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପୋଷ୍ଟକାର୍ଡ ମାଧ୍ୟମରେ ଦାବିପତ୍ର ପ୍ରେରଣ କରିଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ, ଦୀର୍ଘ ୧୮ ବର୍ଷ ଧରି ବିନା ସରକାରୀ ବେତନରେ ଏହି ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ମହାବିଦ୍ୟାଳୟରେ ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି। ତେଣୁ ସେମାନଙ୍କ ଦାବି ପୂରଣ କରିବା ସହ ସରକାରୀ ଅନୁଦାନ ଓ ବେତନ ବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏଥିରେ ବାଲିକୁଦା ବ୍ଲକର ବାଲିକୁଦା କଲେଜ, ତାଳଗାଁ ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟ, ବୋରିକିନା କଲେଜର ଅଧ୍ୟାପକ ଓ ଅଧ୍ୟାପିକା ସାମିଲ ରହିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦିନରେ ଦାବି ପୂରଣ ନହେଲେ ସେପ୍ଟେମ୍ବର ୨୨ ତାରିଖରେ ହେବାକୁ ଥିବା ବିଧାନସଭାର ମୌସୁମୀ ଅଧିବେଶନ ସମୟରେ ପୁରୀ ଜଗନ୍ନାଥ ଧାମରୁ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ। ଏଥିସହ ଦାବି ପୂରଣ ପାଇଁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପରିବେଶବିତ ଅମ୍ବିକା ମହାପାତ୍ରଙ୍କୁ ସ୍ୱଚ୍ଛତା ଦୂତ ନିଯୁକ୍ତି



ପାରାଦୀପ,୪।୯(ସମିସ): ପାରାଦୀପ ସହରର ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସାମାଜିକ କର୍ମୀ ତଥା ପରିବେଶବିତ୍ ଅମ୍ବିକା ପ୍ରସାଦ ମହାପାତ୍ରଙ୍କୁ ପାରାଦୀପ ପୌରପାଳିକା ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ "ସ୍ୱଚ୍ଛତା ଦୂତ' ଭାବେ ନିଯୁକ୍ତ କରାଯାଇଛି। ଦୀର୍ଘଦିନ ଧରି ସାମାଜିକ ସେବା, ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ପରିବେଶ ସୁରକ୍ଷା ଓ ଜନସଚେତନତା କ୍ଷେତ୍ରରେ ତାଙ୍କର କାର୍ଯ୍ୟକୁ ବିଚାରକୁ ନେଇ ପୌରପାଳିକା ଏହି ଦାୟିତ୍ୱ ପ୍ରଦାନ କରିଛି। ଦାୟିତ୍ୱ ପାଇବା ପରେ ଶ୍ରୀ ମହାପାତ୍ର ପୌରପାଳିକାର ଅଧ୍ୟକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ କାଉନସିଲର, ଅଧିକାରୀ ଓ କର୍ମଚାରୀ, ସ୍ୱଚ୍ଛତା କର୍ମଚାରୀ ଏବଂ ପୌରପାଳିକା ଟିମକୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ସ୍ୱଚ୍ଛତା କେବଳ ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନକୁ ପରିଷ୍କାର ରଖିବା ନୁହେଁ। ଏହା ଜନସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ଆଗାମୀ ପିଢ଼ିର ଭବିଷ୍ୟତ ସହ ଜଡ଼ିତ। ପୌରପାଳିକା ସହ ସମନ୍ୱୟ ରଖି ସହରର ପ୍ରତ୍ୟେକ ୱାର୍ଡରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବା ତାଙ୍କର ପ୍ରମୁଖ ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। 'ସ୍ୱଚ୍ଛ ପାରାଦୀପ ସୁସ୍ଥ ପାରାଦୀପ ସବୁଜ ପାରାଦୀପ' ଗଠନ ପାଇଁ ପୌରପାଳିକା ଓ ନାଗରିକଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି।

## କୁତାମଚଣ୍ଡୀ ବିଦ୍ୟାପୀଠରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା



ଜଗତସିଂହପୁର,୪।୯(ସମିସ): ନିଶା ଠାରୁ ଯୁବପିଢିକୁ ଦୂରେଇ ରଖି ସେମାନଙ୍କ ପାଇଁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ଐତିହାସିକ ଅଳକା ଆଶ୍ରମ ପକ୍ଷରୁ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି କ୍ରମରେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠରେ ଏକ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ପୂର୍ବତନ ସରପଞ୍ଚ ମୁରଲୀଧର ଲେଙ୍କା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ବେହେରା, କ୍ରୀଡ଼ା ସଂଯୋଜକ ହରେକୃଷ୍ଣ ଲେଙ୍କା ଏବଂ ଶିଶିର କୁମାର ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅଳକା ଆଶ୍ରମ ପକ୍ଷରୁ କୋଷାଧ୍ୟକ୍ଷ ବିଜୟ କୁମାର ରଥ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏଥିରେ ଅତିଥି ରୂପେ ଯୋଗଦେଇ ଦେଶର ସର୍ବବୃହତ ଶକ୍ତି ଯୁବସମାଜକୁ ବିପଥଗାମୀ କରୁଥିବା ନିଶାର କୁପରିଣତି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବରେ ଗଢି ତୋଳିବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ନିଜେ ନିଶା ସେବନରୁ ଦୁରେଇ ରହିବା ସହିତ ନିଜ ପରିବାର ଓ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସହକାରୀ ଶିକ୍ଷକ ରାଜେନ୍ଦ୍ର ଗଡ଼େଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରଧାନଶିକ୍ଷକ ଲାଲୁ ପ୍ରସାଦ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଗୁରୁମାନଙ୍କ ଆତ୍ମସମ୍ମାନ ପ୍ରତି ଗୁରୁତ୍ୱ ଦିଆଯିବା ଉଚିତ୍

କୁଜଙ୍ଗ,୪।୯(ସମିସ): ଭାରତୀୟ ଗୁରୁକୁଳର ପରମ୍ପରା କେବଳ ମହତ୍ତ୍ୱ ରଖେ ନାହିଁ, ସମଗ୍ର ବିଶ୍ୱ ପାଇଁ ଆଦର୍ଶ ମଧ୍ୟ। ତ୍ରେତୟାର ରାମଚନ୍ଦ୍ରଙ୍କ ଗୁରୁ ବିଶ୍ୱାମିତ୍ରଙ୍କ ସମେତ ଦ୍ୱାପରର ଭୀଷ୍ମଙ୍କଙ୍କ ଗୁରୁ ପର୍ଶୁରାମ, କୃଷ୍ଣଙ୍କ ଗୁରୁ ସନ୍ଦିପନୀ ଓ ଅର୍ଜୁନଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପରି ଗୁରୁମାନଙ୍କ ଅବଦାନ ପୁରାଣ ଶାସ୍ତ୍ର ମାନଙ୍କରେ ସର୍ବୋଚ୍ଚ ସ୍ଥାନ ଅଧିକାର କରି ଭାରତୀୟ ସମାଜ, ସାହିତ୍ୟ, ସଂହତି, ସଂସ୍କୃତି, ଶିକ୍ଷା ଓ ଶାସନ ବ୍ୟବସ୍ଥାକୁ ପ୍ରଭାବିତ କରି ଆସୁଛି। ଏହାକୁ ଦୃଷ୍ଟିରେ ରଖି ଗୁରୁମାନଙ୍କ ଆତ୍ମସମ୍ମାନ ପ୍ରତି ଗୁରୁତ୍ୱ ଦେଲେ ଦେଶର ବାସ୍ତବ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ବିଶିଷ୍ଟ ସାମାଜିକ କର୍ମୀ ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ ମତ ପ୍ରକାଶ କରିଛନ୍ତି। ସମଗ୍ର ଦେଶରେ ଗୁରୁ ଦିବସ ପାଳନ ଅବସରରେ ସେ କହିଛନ୍ତି ଦେବାଳୟ ଅପେକ୍ଷା ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ। ଦେଶର ବିଦ୍ୟାଳୟ ଭିତ୍ତିଭୂମି ପ୍ରତି କେବଳ ଗୁରୁତ୍ୱ ଦେଲେ ଚଳିବ ନାହିଁ, ସଂପୃକ୍ତ ଶିକ୍ଷକ ମାନଙ୍କ ଜୀବନଧାରା ପ୍ରତି ସଂବେଦନଶୀଳ ହେବା ସହ ଭବିଷ୍ୟତର ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଦୃଷ୍ଟିକୋଣ ବଦଳିବାର ଆବଶ୍ୟକ ରହିଛି। ସମାନ ଶିକ୍ଷାକୁ ସମାନ ବେତନ ପ୍ରତି ସରକାର ଦୃଷ୍ଟି ନଦେବା ଦୁଃଖର ବିଷୟ। ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ନହେଲେ ଶିକ୍ଷକ ମାନଙ୍କ ମଧ୍ୟରେ ତାରତମ୍ୟ ଜନିତ ଅସନ୍ତୋଷ ଶିକ୍ଷାଦାନକୁ ପ୍ରଭାବିତ କରୁଛି ବୋଲି କବି ଶ୍ରୀ ତରାଇ ଅଭିଯୋଗ କରିଛନ୍ତି। ବ୍ଲକ୍ ଗ୍ରାଣ୍ଟ ପ୍ରାପ୍ତ ସ୍କୁଲ ଶିକ୍ଷକ ମାନଙ୍କ ସ୍ୱଳ୍ପ ବେତନ ସେମାନଙ୍କ ଦୈନନ୍ଦିନ ଜୀବନ ଅଭାବଜନିତ ଦୁଃଖ ଯନ୍ତ୍ରଣାରେ ପେଶି ହେଉଥିବାବେଳେ ଅବସର ପରେ ବିନା ପେନସନରେ କିପରି ବଞ୍ଚିହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଜଣେ ଲୋକ ପ୍ରତିନିଧି ମାତ୍ର ୫ ବର୍ଷ କ୍ଷମତାରେ ରହି ଆଜୀବନ ପେନସନ ଓ ନାନାଦି ସୁବିଧା ସୁଯୋଗ ପାଉଛି, କିନ୍ତୁ ଜଣେ ଶିକ୍ଷକ ମଣିଷ ତିଆରି କାରଖାନାରେ ବର୍ଷ ବର୍ଷ ଧରି ମଣିଷ ଗଢ଼ି ସେ ସରକାରଙ୍କ ପାତର ଅନ୍ତର ନୀତିରେ ମରିମରି ବଞ୍ଚୁଛି। ଏହା ଗୋଟେ ପ୍ରକାର ଶ୍ରମ ଶୋଷଣ ବୋଲି ଶିକ୍ଷକ ସମାଜ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେଉଛି। ଆଜିର ଛାତ୍ର କାଲିର ଶାସକ, ପ୍ରଶାସକର ଭୂମିକାରେ ଅବତୀର୍ଣ୍ଣ ହୋଇ ଦେଶ ଚଳାଉ ଥିବାବେଳେ ଗୁରୁମାନଙ୍କ ଅବଦାନ ପ୍ରତି ଗୁରୁତ୍ୱ ଦେଇ ପାରିଲେ ଗୁରୁଦିବସ ପାଳନର ମର୍ଯ୍ୟାଦା ରକ୍ଷା ହୋଇ ପାରିବ ବୋଲି ସେ କହିଛନ୍ତି।

**ସିଏମ୍ କିଷାନ ସହାୟତା ରାଶି ପ୍ରଦାନ**

## ଜଗତସିଂହପୁର ଜିଲ୍ଲାର ୧,୩୯,୭୭୭ ଚାଷୀ ସାମିଲ



ଜଗତସିଂହପୁର,୪।୯(ସମିସ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ସମ୍ମାନନିଧିର ପଞ୍ଚମ କିସ୍ତି ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ସିଏମ୍ କିସାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ସମ୍ମାନନୀୟ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ସାଂସଦ ବିଭୁପ୍ରସାଦ ତରାଇ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ଏହି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ଓୟୁଏଟି କୃଷି ଶିକ୍ଷା ସଦନଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ଜଗତସିଂହପୁର ଜିଲ୍ଲାର ମୋଟ ୧,୩୯,୭୭୭ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ, କେଭିକେ ବୈଜ୍ଞାନିକ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୪୯ • ପାଉଣ୍ଡ ୧୨୭.୭୮
- ୟୁରୋ ୧୦୯.୭୭ • ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୩,୬୦୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୫୧୫.୦୦
- ନିଫ୍ଟି ୨୩,୮୯୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

# ଡିସେମ୍ବରରେ ମହଙ୍ଗା ହେବ ବ୍ୟାଙ୍କ ଋଣ

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଆଗକୁ ମହଙ୍ଗା ହେବ ବ୍ୟାଙ୍କ ଋଣ। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ରେପୋ ହାରେରେ ବୃଦ୍ଧି ଘଟାଇବାକୁ ଯାଉଛି। ୨୦୨୬-୨୭ ଆର୍ଥିକବର୍ଷର ଦ୍ୱିତୀୟାର୍ଦ୍ଧରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର ବୃଦ୍ଧି କରିପାରେ। ବ୍ୟାଙ୍କ ଏହାକୁ ଏହାକୁ ୫.୭୫%ରୁ ୬% ପର୍ଯ୍ୟନ୍ତ ବୃଦ୍ଧି କରିବା ଆଶଙ୍କା କରାଯାଉଛି। ଦୃଢ଼ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅତିରିକ୍ତ ଲିକ୍ୟୁଡିଟି ନିୟନ୍ତ୍ରଣ କରିବା ପାଇଁ ଏହା କରାଯାଇପାରେ। ଏହି ପଦକ୍ଷେପ ବଢୁଥିବା ମୁଦ୍ରାସ୍ଫୀତିକୁ ରୋକିବା ପାଇଁ ମଧ୍ୟ ଉଦ୍ଦିଷ୍ଟ। ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ ଏହା କୁହାଯାଇଛି। ତେବେ ଆସନ୍ତା ଡିସେମ୍ବରରୁ ଏହି ରୋପୋ ହାର ବୃଦ୍ଧି ଆରମ୍ଭ ହେବ ବୋଲି ଆଶା କରାଯାଉଛି। ସୁଧ ହାରରେ ବ୍ୟାଙ୍କ ୨୫ ବେସିସ୍ ପଏଣ୍ଟ ଲେଖାଁଏ ଦୁଇରୁ ତିନି ଥର ବୃଦ୍ଧି ଆଶଙ୍କା କରାଯାଉଛି। ଏହା ରେପୋ ହାରକୁ ବର୍ତ୍ତମାନର ୫.୨୫%ରୁ ୫.୭୫%-୬% ପର୍ଯ୍ୟନ୍ତ ବୃଦ୍ଧି କରିବ। ବ୍ୟାଙ୍କ କହିଛି ଯେ ଏହି ଆକଳନ ଦୃଢ଼ ଆର୍ଥିକ ଅଭିବୃଦ୍ଧି, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ବିଶ୍ୱ ଆର୍ଥିକ ପରିସ୍ଥିତି କଡ଼ାକଡ଼ିର ହେବାର ମିଳିତ ପ୍ରଭାବ ଉପରେ ଆଧାରିତ।

ରିପୋର୍ଟରେ କୁହାଯାଇଛି, ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ହାର ବୃଦ୍ଧି ପୁନଃବିଚାର କରାଯାଇପାରେ। ଏହାର ମୂଳ-କେସ୍ ପରିସ୍ଥିତିରେ, ଡିସେମ୍ବରକୁ ଏହା ଆରମ୍ଭ ହେବାର ସବୁଠାରୁ ସମ୍ଭାବ୍ୟ ସମୟ ବୋଲି ବିବେଚନା କରାଯାଏ। ଏହି ରିପୋର୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଅଗଷ୍ଟ ୩୧ ସୁଦ୍ଧା ଆର୍‌ବିଆଇର ସ୍ୱତନ୍ତ୍ର ସ୍ୱାପ୍ ସୁବିଧା ଅଧୀନରେ ବିଦେଶୀ ମୁଦ୍ରା ପ୍ରବାହ ପ୍ରାୟ ୧୩୬ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ୧୨୭.୨୩ ବିଲିୟନ ଡଲାର ଏଫ୍‌ସିଏନ୍‌ଆର୍ ଜମା ମାଧ୍ୟମରେ ଆସିଥିଲା। ଅବଶିଷ୍ଟ ବିଦେଶୀ ମୁଦ୍ରା ଋଣ ଏବଂ ବାହ୍ୟ ବାଣିଜ୍ୟିକ ଋଣରୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ବିପୁଳ ପରିମାଣ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟିକୁ ତୀବ୍ର ଭାବରେ ବୃଦ୍ଧି କରିଛି। ରିପୋର୍ଟରେ କୁହାଯାଇଛି, ଡଲାର ପ୍ରବାହ ପରେ ଟଙ୍କା ଲିକ୍ୟୁଡିଟିର ପରିଚାଳନା ଏବେ ଆର୍‌ବିଆଇ ପାଇଁ ଏକ ପ୍ରମୁଖ ନୀତିଗତ ଚ୍ୟାଲେଞ୍ଜ। ୟୁବିଆଇ ଆଶା କରୁଛି ଯେ ଅକ୍ଟୋବରର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଅତିରିକ୍ତ ଲିକ୍ୟୁଡିଟି ପ୍ରବାହ ପାଇଁ ପଦକ୍ଷେପ ଘୋଷଣା




## ରେପୋ ହାର ବଢ଼ାଇବ ଆର୍‌ବିଆଇ
## ସୁଧ ହାର ଦୁଇରୁ ତିନି ଥର ବଢ଼ିପାରେ

କରିବ। ବ୍ୟାଙ୍କ କହିଛି ଯେ କ୍ଷୁଦ୍ର ଏବଂ ଦୀର୍ଘକାଳୀନ ପରିବର୍ତ୍ତନଶୀଳ ହାର ରିଭର୍ସ ରେପୋ ଅପରେସନ୍ସ (ଭିଆର୍‌ଆର୍‌ଆର୍) ଏବଂ ବୃଦ୍ଧିଶୀଳ ନଗଦ ସଂରକ୍ଷଣ ଅନୁପାତ (ଆଇ-ସିଆର୍‌ଆର୍) ଭଳି ପଦକ୍ଷେପ ବ୍ୟବହାର ହେବାର ସମ୍ଭାବନା ଅଧିକ। ବଣ୍ଡ ବିକ୍ରି ଏବଂ ବିଦେଶୀ ମୁଦ୍ରା ସ୍ୱାପ୍ ମଧ୍ୟ ବିଚାର କରାଯାଇପାରେ। ପ୍ରାରମ୍ଭିକ ଭାବରେ ଅସ୍ଥାୟୀ ପଦକ୍ଷେପ ଆଶା କରାଯାଉଛି

ରିପୋର୍ଟରେ କୁହାଯାଇଛି ଯେ ଆର୍‌ବିଆଇ ପ୍ରାରମ୍ଭିକ ଭାବରେ ଅସ୍ଥାୟୀ ପଦକ୍ଷେପ ଉପରେ ନିର୍ଭର କରିପାରେ, ଯାହାକୁ ୨୦୨୬-୨୭ର ଦ୍ୱିତୀୟାର୍ଦ୍ଧରେ କ୍ରେଡିଟ୍ ଚାହିଦା ବୃଦ୍ଧି ପାଇବା ସହିତ ପ୍ରତ୍ୟାହାର କରାଯାଇପାରିବ। ଏହା ଆକଳନ କରିଛି ଯେ ୫୦:୫୦ ପରିମାଣର କ୍ଷଣସ୍ଥାୟୀ ଭିଆର୍‌ଆର୍‌ଆର୍ ଏବଂ ଦୀର୍ଘକାଳୀନ ପଦକ୍ଷେପର ମିଶ୍ରଣ ପ୍ରକଟିତ ବଳକାକୁ ଶୋଷଣ କରିବା ପାଇଁ ବ୍ୟବହାର କରାଯାଇପାରିବ। ୟୁବିଆଇ ଏହା ମଧ୍ୟ କହିଛି ଯେ ଯଦି ଆମେରିକୀୟ ଫେଡେରାଲ୍ ରିଜର୍ଭ ସେପ୍ଟେମ୍ବରରେ ସୁଧ ହାର ବୃଦ୍ଧି କରେ ଏବଂ ଆର୍‌ବିଆଇ ପ୍ରଥମେ ସ୍ଥାୟୀ ପଦକ୍ଷେପ ମାଧ୍ୟମରେ ଅତିରିକ୍ତ ଲିକ୍ୟୁଡିଟି ଶୋଷଣ କରିବ, ତେବେ ଅକ୍ଟୋବରରେ ସୁଧ ହାର ବୃଦ୍ଧିକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଥିରେ ଆହୁରି କୁହାଯାଇଛି ଯେ ତୈଳ ମୂଲ୍ୟ ବ୍ୟାରେଲ ପିଛା ୯୦ ଡଲାରୁ ଅଧିକ ବୃଦ୍ଧି ପାଇବା ଦ୍ୱାରା ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ ଏବଂ ଟଙ୍କା ଉପରେ ଚାପ ବଢ଼ିପାରେ। ଏହି ସମୟରେ, ଭୂ-ରାଜନୈତିକ ଉତ୍ତେଜନା ହ୍ରାସ କରିବା ଦ୍ୱାରା ଆର୍‌ବିଆଇକୁ ଅଧିକ ନୀତିଗତ ନମନୀୟତା ମିଳିପାରିବ।

# ଅନୀଲ ଚକ୍ରବର୍ତ୍ତୀ ଆଡୋବ୍ ସିଇଓ



ନୂଆଦିଲ୍ଲୀ,୪।୯ (ଏଜେନ୍ସି): ପୁଣି ଜଣେ ଭାରତୀୟ ବିଶ୍ୱର ଏକ ବୃହତ୍ ଆଇଟି କମ୍ପାନୀର ଶୀର୍ଷ ପଦରେ ଅବସ୍ଥାପିତ ହୋଇଛନ୍ତି। ଆଇଆଇଟି-ବିଏଚ୍‌ୟୁର ପ୍ରାକ୍ତନ ଛାତ୍ର ଅନୀଲ ଚକ୍ରବର୍ତ୍ତୀ ଆଡୋବ୍‌ର ପରବର୍ତ୍ତୀ ସଭାପତି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ହେବାକୁ ଯାଉଛନ୍ତି। ଶ୍ରୀ ଚକ୍ରବର୍ତ୍ତୀ ଆଡୋବ୍‌ର ର ପୂର୍ବତନ ସିଇଓ ଶାନ୍ତନୁ ନାରାୟଣଙ୍କ ସ୍ଥାନରେ ଏହି ପଦଭାର ସମ୍ଭାଳିଛନ୍ତି। ସେ ୨୦୨୦ ଜାନୁଆରୀରେ କମ୍ପାନୀରେ ଜଣେ କାର୍ଯ୍ୟନିର୍ବାହୀ ଉପସଭାପତି ଭାବେ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ଚକ୍ରବର୍ତ୍ତୀ ବାରଣାସୀର ବିଏଚ୍‌ୟୁରୁ କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ବି. ଟେକ୍ ସମାପ୍ତ କରିବା ପରେ ଆଡୋବ୍‌ରେ ଯୋଗଦେଇଥିଲେ। ୧୯୯୫ ରେ ଚକ୍ରବର୍ତ୍ତୀ ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ତାଙ୍କର ପିଏଚ୍‌ଡି କରିବା ସହ ମ୍ୟାକେଞ୍ଜିରେ ଏନଗେଜମେଣ୍ଟ ମ୍ୟାନେଜର ଭାବରେ ଯୋଗ ଦେଇଥିଲେ। ଶ୍ରୀ ନାରାୟଣ ୧୮ ବର୍ଷରୁ ଅଧିକ ସମୟ ପାଇଁ କମ୍ପାନୀର ନେତୃତ୍ୱ ନେଇଥିଲେ। ତେଣୁ ଅନୀଲ ଚକ୍ରବର୍ତ୍ତୀ ଆଡୋବ୍ ସିଇଓ ପଦ ଗ୍ରହଣ କରିବା ପରେ ତାଙ୍କ ଆଗରେ କମ୍ପାନୀ ପରିଚାଳନା ବଡ଼ ଆହ୍ୱାନ ରହିବ। ସିଇଓ ପଦରୁ ଗଲେ ମଧ୍ୟ ଶ୍ରୀ ନାରାୟଣ ଆଡୋବ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ରହିବେ।

**ସୁନା ନ କିଣିବାକୁ ପ୍ରଧାନମନ୍ତ୍ରୀଙ୍କ ଅପିଲ୍**

# ଅକଳରେ ସୁନା ବ୍ୟବସାୟୀ

ନୂଆଦିଲ୍ଲୀ, ୪।୯ (ଏଜେନ୍ସି): ଦେଶରେ ସୁନା ଚାହିଦା ହ୍ରାସ ପାଇବା ମଧ୍ୟରେ ବ୍ୟବସାୟୀ ଏବଂ ଅଳଙ୍କାର ବ୍ୟବସାୟ ସହିତ ଜଡିତ ସଂସ୍ଥାଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ସଭାପତି ବ୍ରିଜେଶ ଗୋୟଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଦେଶରେ ସୁନା କାରବାର ଉପରେ ଦେଖାଦେଇଥିବା ସଙ୍କଟ କ୍ଷେତ୍ରରେ ତୁରନ୍ତ ସରକାରୀ ହସ୍ତକ୍ଷେପ ଦାବି କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ସୁନା କିଣିବା ବନ୍ଦ କରିବାକୁ ଲୋକମାନଙ୍କୁ ଅପିଲ ପରେ ଅଳଙ୍କାର ବ୍ୟବସାୟରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି ସଂଘ ଏକ ଚିଠି ଲେଖିଛି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଦେଶର ଛୋଟ ସୁନା ବ୍ୟବସାୟୀଙ୍କ ପାଇଁ ୧୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଦାବି କରିଛି।

ସିଟିଆଇ ଚେତାବନୀ ଦେଇଛି ଯେ ଯଦି ପରିସ୍ଥିତିରେ ଉନ୍ନତି ନ ଆସେ, ତେବେ ଭାରତର ବାର୍ଷିକ ସୁନା ବ୍ୟବହାର ୮୦୦ ଟନ୍‌ରୁ ୫୦୦ ଟନ୍ କୁ ହ୍ରାସ ପାଇପାରେ। ସଂଘ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ରଖିଥିବା ୫ଟି ପ୍ରମୁଖ ଦାବିରେ ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍




## ଚିଠି ଲେଖି ୧୦ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ଦାବି

ଘୋଷଣା ମଧ୍ୟ ଅନ୍ତର୍ଭୁକ୍ତ। ସିଟିଆଇ ଦାବି କରୁଛି ଯେ କ୍ଷୁଦ୍ର କାରିଗର, ସ୍ୱର୍ଣ୍ଣକାର ଏବଂ ସୁନା ବ୍ୟବସାୟୀଙ୍କ ପାଇଁ ୧୦,୦୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରାଯାଉ। ଏହା ସହିତ ସୁନା ବ୍ୟବସାୟୀଙ୍କ ଏକ ପ୍ରତିନିଧିମଣ୍ଡଳକୁ ପ୍ରଧାନମନ୍ତ୍ରୀ ଭେଟି ସେମାନଙ୍କ ସମସ୍ୟା ସିଧାସଳଖ ଆଲୋଚନା କରିବାକୁ ସଂଘ ଅନୁରୋଧ କରିଛି।ସିଟିଆଇ ଅଳଙ୍କାର ଶିଳ୍ପକୁ ବ୍ୟାପକ କ୍ଷତିରୁ ରକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛି। ଏହି ସଙ୍କଟ ସମୟରେ କ୍ଷୁଦ୍ର ସ୍ୱର୍ଣ୍ଣକାରଙ୍କ ନିଯୁକ୍ତିକୁ ସୁରକ୍ଷା ଦେବାକୁ ସଂଗଠନ ଦାବି କରିଛି। ଉଲ୍ଲେଖଯୋଗ୍ୟ ଯେ, ମେ ୧୦ରେ ହାଇଦ୍ରାବାଦରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦେଶବାସୀଙ୍କୁ ଗୋଟିଏ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ। ଏହି ସମୟ ମଧ୍ୟରେ ସେ ଲୋକମାନଙ୍କୁ ସ୍ୱଦେଶୀ ଉତ୍ପାଦ ଗ୍ରହଣ କରିବାକୁ, ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କମ୍ କରିବାକୁ ଏବଂ ଅର୍ଥନୈତିକ ସ୍ୱାବଲମ୍ବନ ଆଡକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ।

ଏହି ଆବେଦନ ପରେ ଅଳଙ୍କାର ବାଣିଜ୍ୟ ସହିତ ଜଡିତ ବ୍ୟବସାୟୀ ଏବଂ ସଂଗଠନଗୁଡ଼ିକ ଚିନ୍ତା ପ୍ରକାଶ କରିଥିଲେ। ସେତେବେଳେ ସିଟିଆଇ କହିଥିଲା ଯେ ଏହି ଆବେଦନ ଏପରି ଏକ ସମୟରେ ଆସିଥିଲା ଯେତେବେଳେ ଦେଶରେ ବିବାହ ଋତୁ ଜାରି ରହିଛି। ଯଦି ଲୋକମାନେ ସେମାନଙ୍କର କ୍ରୟକୁ ସ୍ଥଗିତ ରଖିବା ଆରମ୍ଭ କରନ୍ତି, ତେବେ ବଜାର ସିଧାସଳଖ ପ୍ରଭାବିତ ହେବ। ଫଳସ୍ୱରୂପ, ସୁନା କ୍ରୟରେ ଆଶା କରାଯାଇଥିବା ଉଲ୍ଲେଖନୀୟ ହ୍ରାସକୁ ଆଧାର କରି, ସରକାରୀ ସହାୟତା ପାଇଁ ଦାବି କରାଯାଇଛି।

# ୧ ଲକ୍ଷ କର୍ମଚାରୀଙ୍କୁ ବିଦା କରିବ ଫକ୍ସୱାଗନ୍

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ବଢୁଥିବା ବ୍ୟବସାୟିକ ଚାପ ମଧ୍ୟରେ ଜର୍ମାନ କାର କମ୍ପାନୀ ଫକ୍ସୱାଗନ୍ ବ୍ୟାପକ ନିଯୁକ୍ତି କାଟ୍ ଯୋଜନା କରୁଛି। କମ୍ପାନୀର ପର୍ଯ୍ୟବେକ୍ଷକ ବୋର୍ଡ ଗୁରୁବାର ବିଳମ୍ବିତ ରାତିରେ ଏହାର ବ୍ୟବସାୟକୁ ପୁନର୍ଗଠନ କରିବାକୁ ଏକ ଯୋଜନାକୁ ଅନୁମୋଦନ କରିଛି। ଏହି ଯୋଜନାରେ ସମଗ୍ର ଗ୍ରୁପରେ ୫୦,୦୦୦ ଅଧିକ ନିଯୁକ୍ତି କାଟ୍ କରାଯିବ। ପୂର୍ବରୁ ଯୋଜନା ହୋଇଥିବା ଏହି ଛଟେଇକୁ ମିଶାଇଲେ ଫକ୍ସୱାଗନ୍ ଗ୍ରୁପରେ ମୋଟ ୧ ଲକ୍ଷ କର୍ମଚାରୀ ଚାକିରୀ ହରାଇବେ। ଫକ୍ସୱାଗନ୍ ବର୍ତ୍ତମାନ ଆମେରିକାରେ ଉଚ୍ଚ ଆମଦାନୀ ଶୁଳ୍କ, ଚୀନରେ ବିକ୍ରି ହ୍ରାସ ଏବଂ ଏସୀୟ କାର୍ କମ୍ପାନୀଗୁଡ଼ିକଠାରୁ ପ୍ରତିଯୋଗିତା ବୃଦ୍ଧିର ସମ୍ମୁଖୀନ ହେଉଛି। ୟୁରୋପୀୟ କାର୍ ବଜାର ମଧ୍ୟ ଦୁର୍ବଳ ରହିଛି। ଏହି କାରଣଗୁଡ଼ିକ କମ୍ପାନୀର ଆୟ ଉପରେ ଚାପ ବୃଦ୍ଧି କରିଛି। ଫକ୍ସୱାଗନ୍ ୬୫୦,୦୦୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। କମ୍ପାନୀ ଚାକିରି କାଟ




## ସଙ୍କଟରେ ଜର୍ମାନୀର ୪ ପ୍ଲାଣ୍ଟ

ମାଧ୍ୟମରେ ଏହାର ଖର୍ଚ୍ଚ କମ୍ କରିବାକୁ ଚାହୁଁଛି। କର୍ମଚାରୀ ସଂଖ୍ୟା ହ୍ରାସ କରିବା ଦ୍ୱାରା ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ହ୍ରାସ ପାଇବ। ଏହା ଖର୍ଚ୍ଚ ହ୍ରାସ ଏବଂ ରୋଜଗାରକୁ ଉନ୍ନତ କରିବାରେ ସାହାଯ୍ୟ କରିପାରେ।

ଫକ୍ସୱାଗନ୍‌ର ୪ଟି ଜର୍ମାନ ପ୍ଲାଣ୍ଟର ଭବିଷ୍ୟତ ମଧ୍ୟ ଏବେ ପ୍ରଶ୍ନବାଚୀରେ ରହିଛି। ଆଗାମୀ ବର୍ଷଗୁଡ଼ିକରେ ବର୍ତ୍ତମାନର ଉତ୍ପାଦନ ବନ୍ଦ ହେବା ପରେ କମ୍ପାନୀ ଏମ୍‌ଡେନ୍, ହାନୋଭର, ଜ୍ୱିକାଉ ଏବଂ ନେକାରସୁଲମ୍‌ରେ ଥିବା ଏହି କାରଖାନାଗୁଡ଼ିକ ପାଇଁ ବିକଳ୍ପ ଅନୁସନ୍ଧାନ କରିବ। ଅନ୍ୟ ପ୍ରକାରର ଉତ୍ପାଦନକୁ ପରିବର୍ତ୍ତିତ ହେବ କିମ୍ବା ନୂତନ ମାଲିକଙ୍କୁ ହସ୍ତାନ୍ତର କରିବା ଭଳି ବିକଳ୍ପଗୁଡ଼ିକ ବିଚାର କରାଯାଇପାରେ। ଲୋୟର ସାକ୍ସନିର ରାଜ୍ୟ ମୁଖ୍ୟ ଓଲାଫ୍ ଲିଏସ୍ କହିଛନ୍ତି ଯେ ଏହି କାରଖାନାଗୁଡ଼ିକର ବନ୍ଦ ହେବା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି କମ୍ପାନୀକୁ ଉତ୍ପାଦନ କ୍ଷମତା ହ୍ରାସ କରିବାକୁ ପଡ଼େ, ତେବେ ଏହାର ଅର୍ଥ କେବଳ ଜର୍ମାନୀରେ କାଟଛାଣ୍ଟ କରାଯିବା ଉଚିତ୍ ନୁହେଁ। ନିଯୁକ୍ତି କାଟ୍ କରିବାର ନିଷ୍ପତ୍ତି ସତ୍ତ୍ୱେ, ଫକ୍ସୱାଗନ ସେୟାର ଷ୍ଟକ୍ ବଜାରରେ ବୃଦ୍ଧି ପାଇଥିଲା। ଶୁକ୍ରବାର, କମ୍ପାନୀର ସେୟାର ୫.୯% ବୃଦ୍ଧି ପାଇ ୧୧ ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଏହା ୟୁରୋପର ପ୍ରମୁଖ ଷ୍ଟକ୍ ସୂଚକାଙ୍କରେ ଦ୍ୱିତୀୟ ସର୍ବାଧିକ ଲାଭକାରୀ ଥିଲା। ନିବେଶକ ଏବଂ ବଜାର ବିଶ୍ଳେଷକମାନେ ଚୁକ୍ତିନାମାକୁ ସ୍ୱାଗତ କରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି କମ୍ପାନୀର ପରିଚାଳନା ଏବଂ ଅନ୍ୟ ପ୍ରମୁଖ ଅଂଶୀଦାରଙ୍କ ମଧ୍ୟରେ ଏକ ସମ୍ଭାବ୍ୟ ଦ୍ୱନ୍ଦ୍ୱକୁ ଏଡାଯାଇଛି।

# ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ବୋର୍ଡରେ ତିନି ନୂଆ ସଦସ୍ୟଙ୍କ ନିଯୁକ୍ତି

ନୂଆଦିଲ୍ଲୀ,୪।୯ (ଏଜେନ୍ସି): କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କେନ୍ଦ୍ରୀୟ ବୋର୍ଡରେ ତିନି ଜଣ ନୂତନ ଅଂଶକାଳୀନ, ଅଣ-ସରକାରୀ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତିରେ ପୂର୍ବତନ କୂଟନୀତିଜ୍ଞ ସୟଦ ଆକବରଉଦ୍ଦିନ, ପୂର୍ବତନ ପ୍ରଶାସକ ଆନି ଜର୍ଜ ମାଥ୍ୟୁ ଏବଂ ପରାମର୍ଶଦାତା ସଂସ୍ଥା ବିସିଜି ଇଣ୍ଡିଆର ଅଧ୍ୟକ୍ଷ ଜନ୍ମେଜୟ କୁମାର ସିହ୍ନା ସାମିଲ। ସେମାନେ ୨୦୨୬ ଅଗଷ୍ଟ ୨୪ ରୁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଚାରି ବର୍ଷ ପାଇଁ କାର୍ଯ୍ୟ କରିବେ। କେନ୍ଦ୍ରୀୟ ବ୍ୟାଙ୍କ ସୋମବାର ଏକ ବିଜ୍ଞପ୍ତିରେ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ନିଶ୍ଚିତ କରିଛି। ଏହି ନିଯୁକ୍ତିଗୁଡ଼ିକ ଆର୍‌ବିଆଇର କେନ୍ଦ୍ରୀୟ ବୋର୍ଡରେ ବିଭିନ୍ନ କ୍ଷେତ୍ରରୁ ଗୁରୁତ୍ୱପୂର୍ଣ୍ଣ ବିଶେଷଜ୍ଞତା ଆଣିବ। ଏହି ପଦକ୍ଷେପ ବୋର୍ଡର ନିଷ୍ପତ୍ତି ନେବା କ୍ଷମତାକୁ ମଜବୁତ କରିବ। ଗତ ସପ୍ତାହରେ, ସରକାର ପ୍ରସିଦ୍ଧ ଶିଳ୍ପପତି ଆନନ୍ଦ ଗୋପାଳ ମହିନ୍ଦ୍ରାକୁ ଏକ ଅଂଶକାଳୀନ, ଅଣ-ସରକାରୀ ନିର୍ଦ୍ଦେଶକ ଭାବରେ ପୁନଃନିଯୁକ୍ତ କରିଥିଲେ। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ସୋମନାଥ ଶ୍ରୀଧାରା ପାଣିକ୍କରଙ୍କୁ ମଧ୍ୟ ଗତ ସପ୍ତାହରେ ବୋର୍ଡରେ ସାମିଲ କରାଯାଇଥିଲା। ଏହି ନିଯୁକ୍ତିଗୁଡ଼ିକ ବୋର୍ଡର କାର୍ଯ୍ୟକାରିତା ଏବଂ ଆର୍ଥିକ ନିଷ୍ପତ୍ତି ପ୍ରତି ଏକ ବ୍ୟାପକ ଦୃଷ୍ଟିକୋଣ ଆଣିବ ବୋଲି ଆଶା କରାଯାଉଛି। ଏହା ଦେଶର ଅର୍ଥନୈତିକ ନୀତିକୁ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିବ।

ପୂର୍ବତନ କୂଟନୀତିଜ୍ଞ ସୟଦ ଆକବରଉଦ୍ଦିନ ଆନ୍ତର୍ଜାତୀୟ ବ୍ୟାପାରର ବିଶେଷଜ୍ଞ ଏବଂ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଭାବରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ଆନି ଜର୍ଜ ମାଥ୍ୟୁ ଜଣେ ଅଭିଜ୍ଞ ପୂର୍ବତନ ବ୍ୟୁରୋକ୍ରାଟ ଏବଂ ସରକାରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦବୀରେ କାର୍ଯ୍ୟ କରିଛନ୍ତି।

# ରାଜ୍ୟରେ ୧୦ ବର୍ଷରେ ୧.୮୫ କୋଟିରୁ ଉର୍ଦ୍ଧ୍ୱ ମୋବାଇଲ ଗ୍ରାହକ ଯୋଡିଛି ଜିଓ

ଭୁବନେଶ୍ୱର,୪।୯ (ସମିସ): ରିଲାଏନ୍ସ ଜିଓ ୨୦୧୬ ସେପ୍ଟମ୍ବର ୫ରେ ଦେଶ ସହ ରାଜ୍ୟରେ ବ୍ୟବସାୟିକ ସେବା ଆରମ୍ଭ କରିଥିଲା। ବିଗତ ୧୦ ବର୍ଷ ମଧ୍ୟରେ ଜିଓ ସମସ୍ତ ଟେଲିକମ୍ ଅପରେଟରଙ୍କୁ ପଛରେ ପକାଇ ଉଭୟ ଗ୍ରାହକ ସଂଖ୍ୟା ଓ ରାଜସ୍ୱ କ୍ଷେତ୍ରରେ ଓଡ଼ିଶାରେ ଶୀର୍ଷ ସ୍ଥାନ ହାସଲ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଶୁଭାରମ୍ଭର ପ୍ରଥମ ମାସରେ ଓଡ଼ିଶାରେ ୫.୮ ଲକ୍ଷ ଗ୍ରାହକ ହାସଲ କରିଥିବା ଜିଓ ଜୁଲାଇ ୨୦୨୬ ସୁଦ୍ଧା ରାଜ୍ୟରେ ସର୍ବାଧିକ ୧ କୋଟି ୮୫ ଲକ୍ଷରୁ ଉର୍ଦ୍ଧ୍ୱ ମୋବାଇଲ ଗ୍ରାହକଙ୍କ ସହିତ ଏକ ନମ୍ବର ସ୍ଥାନ ହାସଲ କରିଛି। ରାଜ୍ୟରେ ରହିଥିବା ମୋଟ ୩ କୋଟି ୯୦ ଲକ୍ଷରୁ ଉର୍ଦ୍ଧ୍ୱ ମୋବାଇଲ ଉପଭୋକ୍ତାଙ୍କ ମଧ୍ୟରୁ ଜିଓ ଓଡ଼ିଶାରେ ୪୭.୪ ପ୍ରତିଶତ ଗ୍ରାହକ ବଜାର ଅଂଶ ଏବଂ ଟେଲିକମ୍ କ୍ଷେତ୍ରର ମୋଟ ରାଜସ୍ୱର ପ୍ରାୟ ୫୨ ପ୍ରତିଶତ ଅଂଶ ହାସଲ କରି ସର୍ବାଗ୍ରେ ରହିଛି। ଜିଓ ସହିତ ଆସିଥିବା ଡାଟା କ୍ରାନ୍ତି ବଳରେ ଓଡ଼ିଶାରେ ମୋବାଇଲ ଡାଟା ଓ ଇଣ୍ଟରନେଟ ବ୍ୟବହାର ମଧ୍ୟ ଏହି ସମୟରେ ବହୁଗୁଣ ବୃଦ୍ଧି ପାଇଛି। ଟ୍ରାଇ ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୧୬ ସେପ୍ଟେମ୍ବରରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୯୦ ଲକ୍ଷ ରହିଥିବାବେଳେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୩ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିଛି। ସହରାଞ୍ଚଳ ତୁଳନାରେ ରାଜ୍ୟର ଗ୍ରାମାଞ୍ଚଳରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇଛି।




# ଏନର୍ଜି ଷ୍ଟୋରେଜ୍ ସିଷ୍ଟମ ବିକଶିତ; ବଢ଼ିବ ବ୍ୟାଟେରି କାର୍ଯ୍ୟଦକ୍ଷତା

ରାଉରକେଲା,୪।୯ (ସମିସ): ଇଲେକ୍ଟ୍ରିକ୍ ଯାନ (ଇଭି)ରେ ବ୍ୟବହୃତ ବ୍ୟାଟେରିର କାର୍ଯ୍ୟଦକ୍ଷତା ବଢ଼ାଇବା ସହ ଏହାର ଆୟୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ନୂତନ ହାଇବ୍ରିଡ୍ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ (ହେସ୍) ବିକଶିତ କରିଛନ୍ତି ଏନ୍‌ଆଇଟି ରାଉରକେଲାର ଗବେଷକମାନେ। ଏହି ପ୍ରଯୁକ୍ତିକୁ ଭାରତ ସରକାରଙ୍କ ପେଟେଣ୍ଟ ମିଳିଥିବା ସୂଚନା ମିଳିଛି। ଏନ୍‌ଆଇଟି ରାଉରକେଲାର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ମୋନାଲିସା ପଟ୍ଟନାୟକଙ୍କ ନେତୃତ୍ୱରେ ଡ. ପ୍ରଦ୍ୟୁମ୍ନ କୁମାର ବେହେରା ଓ କରନ ଗୁପ୍ତାଙ୍କୁ ନେଇ ଗଠିତ ଗବେଷଣା ଦଳ ଏହାକୁ ବିକଶିତ କରିଛନ୍ତି। ଗବେଷକ ଦଳ ଏହି ପ୍ରଯୁକ୍ତିର ବ୍ୟବସାୟିକ ବ୍ୟବହାର ପାଇଁ ଇଭି ନିର୍ମାତା (ଓଇଏମ୍), ପାୱାର୍‌ଟ୍ରେନ୍ ସିଷ୍ଟମ୍ ଇଣ୍ଟିଗ୍ରେଟର୍, ଫ୍ଲିଟ୍ ଅପରେଟର୍ ଏବଂ ଇଭି ରେଟ୍ରୋଫିଟ୍ ଷ୍ଟାର୍ଟଅପ୍‌ଗୁଡ଼ିକ ସହ ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି। ଭାରତରେ ଇଲେକ୍ଟ୍ରିକ୍ ଯାନର ବ୍ୟବହାର ଦ୍ରୁତଗତିରେ ବଢୁଥିବା ବେଳେ ଏହି ନୂଆ ପ୍ରଯୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବିକାଶ ଭାବେ ଦେଖାଯାଉଛି।

ସୂଚନାଯୋଗ୍ୟ ଯେ, ଇଭିର ମୁଖ୍ୟ ଶକ୍ତି ଉତ୍ସ ହେଉଛି ବ୍ୟାଟେରି ପ୍ୟାକ୍। ତେବେ ହଠାତ୍ ଅଧିକ ବିଦ୍ୟୁତ୍ ଚାହିଦା, ଦ୍ରୁତଗତି ବୃଦ୍ଧି-ହ୍ରାସ, ବାରମ୍ବାର ଷ୍ଟାର୍ଟ-ଷ୍ଟପ୍ ଓ ରିଜେନେରେଟିଭ୍ ବ୍ରେକିଂ ଭଳି ପରିସ୍ଥିତିରେ ବ୍ୟାଟେରି ଉପରେ ଅଧିକ ଚାପ ପଡ଼େ। ଫଳରେ ବ୍ୟାଟେରିର ଆୟୁ କମିବା ସହ ତାପଜ ଚାପ ମଧ୍ୟ ବଢ଼ିଥାଏ। ଏହି ସମସ୍ୟାକୁ ଦୂର କରିବାକୁ ଏନ୍‌ଆଇଟି ରାଉରକେଲାର ଗବେଷକମାନେ ଏପରି ଏକ ହାଇବ୍ରିଡ୍ ଏନର୍ଜି ଷ୍ଟୋରେଜ୍ ଆର୍କିଟେକ୍ଚର୍ ବିକଶିତ କରିଛନ୍ତି, ଯାହା ବ୍ୟାଟେରିକୁ ହଠାତ୍ ପାୱାର୍ ଚାହିଦାରୁ ସୁରକ୍ଷା ଦେବା ସହ ସୁପରକାପାସିଟର୍‌ର ଶକ୍ତିକୁ ଦକ୍ଷତାର ସହ ବ୍ୟବହାର କରେ। ଏହାରେ ଉପାଦାନ ସଂଖ୍ୟା କମ୍ ଥିବାରୁ ସମଗ୍ର ବ୍ୟବସ୍ଥା ସରଳ ହୋଇଛି। ପ୍ରଫେସର ମୋନାଲିସା ପଟ୍ଟନାୟକ କହିଛନ୍ତି, ଆମ ଆର୍କିଟେକ୍ଚର୍‌ରେ ତିନିଟି ମୁଖ୍ୟ ଉପାଦାନ ରହିଛି ବ୍ୟାଟେରି ଓ ସୁପରକାପାସିଟର୍‌କୁ ଯାନର ବିଦ୍ୟୁତ୍ ବ୍ୟବସ୍ଥା ସହ ସଂଯୋଗ କରୁଥିବା ଗୋଟିଏ କନଭର୍ଟର୍, ବିଦ୍ୟୁତ୍ ପଥରେ ଥିବା ଗୋଟିଏ ଇଣ୍ଡକ୍ଟର୍ ଏବଂ ପାୱାର୍ ପ୍ରବାହକୁ ନିୟନ୍ତ୍ରଣ କରୁଥିବା ଗୋଟିଏ କଣ୍ଟ୍ରୋଲ୍ ସିଷ୍ଟମ୍। ଏହି ପ୍ରଯୁକ୍ତି ୨୪ ଭୋଲ୍ଟରୁ ୬୦ ଭୋଲ୍ଟ ଡିସିରେ କାର୍ଯ୍ୟ କରୁଥିବା ଲୋ-ଭୋଲ୍‌ଟେଜ୍ ଇଭି ପ୍ଲାଟଫର୍ମ ପାଇଁ ବିଶେଷ ଭାବେ ଉପଯୋଗୀ। ଏହାକୁ ଇଲେକ୍ଟ୍ରିକ୍ ସ୍କୁଟର୍, ଇଲେକ୍ଟ୍ରିକ୍ ମୋଟରସାଇକେଲ୍, ଇ-ରିକ୍ସା, କାର୍ଗୋ ଟ୍ରାଇସାଇକେଲ୍‌ରେ ବ୍ୟବହାର କରାଯାଇପାରିବ।

# କ୍ରେଡିଟ୍ ସ୍କୋର୍ କମିଲେ ବଢ଼ିବ ବୀମା ପ୍ରିମିୟମ

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଆଜିର ଦୁନିଆରେ, କ୍ରେଡିଟ୍ ସ୍କୋର କେବଳ ଋଣ ପାଇଁ ନୁହେଁ, ବରଂ ଅନ୍ୟାନ୍ୟ ଅନେକ ଆର୍ଥିକ ଉଦ୍ଦେଶ୍ୟ ପାଇଁ ମଧ୍ୟ ବ୍ୟବହାର କରାଯାଏ। ବ୍ୟାଙ୍କରୁ କ୍ରେଡିଟ୍ କାର୍ଡ ପର୍ଯ୍ୟନ୍ତ, କ୍ରେଡିଟ୍ ସ୍କୋର ଜଣଙ୍କ ଆର୍ଥିକ ପରିସ୍ଥିତିର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରେ। ତେଣୁ, ଅନେକ ଲୋକ ଭାବୁଛନ୍ତି ଯେ କ୍ରେଡିଟ୍ ସ୍କୋର ବୀମା ପ୍ରିମିୟମକୁ ପ୍ରଭାବିତ କରେ କି ନାହିଁ। ତେବେ ହଁ କ୍ରେଡିଟ୍ ସ୍କୋର ବୀମା ପ୍ରିମିୟମକୁ ପ୍ରଭାବିତ କରିଥାଏ। ଏହା ନୁହେଁ ଯେ ଭାରତରେ କମ୍ କ୍ରେଡିଟ୍ ସ୍କୋର ସିଧାସଳଖ ଆପଣଙ୍କର ବୀମା ପ୍ରିମିୟମକୁ ବୃଦ୍ଧି କରିଦେଇଥାଏ। ବୀମା ଏବଂ ଋଣରେ ବିପଦ ମୂଲ୍ୟାଙ୍କନ ପାଇଁ ପଦ୍ଧତି ଭିନ୍ନ। ଯେତେବେଳେ ସ୍ୱାସ୍ଥ୍ୟ ବୀମା କଥା ଆସେ, କମ୍ପାନୀ ପ୍ରିମିୟମ ନିର୍ଣ୍ଣୟ କରିବା ସମୟରେ ମୁଖ୍ୟତଃ ଜଣଙ୍କର ସ୍ୱାସ୍ଥ୍ୟ ଏବଂ




ସମ୍ବନ୍ଧିତ ବିପଦ, ଯେପରିକି ବୟସ, ସ୍ୱାସ୍ଥ୍ୟ ସ୍ଥିତି, ପୂର୍ବ ଅବସ୍ଥା, ପୂର୍ବ ଅସ୍ତ୍ରୋପଚାର କିମ୍ବା ଅସୁସ୍ଥତା, ପରିବାର ଚିକିତ୍ସା ଇତିହାସ, ପୂର୍ବ ଦାବି ବା କ୍ଲେମ୍ ଏବଂ ଚିକିତ୍ସା ଖର୍ଚ୍ଚ ଆଦିକୁ ବିଚାରକୁ ନେଇଥାଏ।

ଅର୍ଥାତ୍, ଯଦି ଜଣେ ବ୍ୟକ୍ତିଙ୍କର କ୍ରେଡିଟ୍ ସ୍କୋର କମ୍ ଥାଏ କିନ୍ତୁ ସେ ସୁସ୍ଥ ଥାଆନ୍ତି ଏବଂ ତାଙ୍କର ଚିକିତ୍ସା ବିପଦ କମ୍ ଥାଏ, ତେବେ କେବଳ ଖରାପ କ୍ରେଡିଟ୍ ସ୍କୋର ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ବୃଦ୍ଧି ପାଇବା ଅସ୍ୱାଭାବିକ ନୁହେଁ। ଯେତେବେଳେ ମୋଟର ବୀମା କଥା ଆସେ, ପ୍ରିମିୟମ୍ ନିର୍ଣ୍ଣୟ କରିବା ସମୟରେ ଗାଡ଼ିର ବୟସ, ଇଞ୍ଜିନ୍ କ୍ଷମତା, ଯାନ ବ୍ୟବହାର ଏବଂ ସ୍ଥାନ, ଡ୍ରାଇଭର ସୂଚନା, ପୂର୍ବ ବୀମା ଦାବି ଏବଂ ଯାନ ଆଇଡିଭି ଭଳି କାରଣଗୁଡ଼ିକୁ ବିଚାରକୁ ନିଆଯାଏ। ତେଣୁ, କେବଳ କମ୍ କ୍ରେଡିଟ୍ ସ୍କୋର ଯୋଗୁଁ ଆପଣଙ୍କ କାର କିମ୍ବା ବାଇକ୍‌ର ମୋଟର ବୀମା ପ୍ରିମିୟମ୍ ବୃଦ୍ଧି ପାଇବା ଅସ୍ୱାଭାବିକ ନୁହେଁ।

ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଜଣଙ୍କର କ୍ରେଡିଟ୍ ସ୍କୋର ମୁଖ୍ୟତଃ ତାଙ୍କର କ୍ରେଡିଟ୍ ଆଚରଣକୁ ପ୍ରତିଫଳିତ କରେ। ଏଥିରେ ଜଣଙ୍କର ପୂର୍ବ ଋଣ ଇଏମ୍‌ଆଇ ସମୟସୀମାରେ ପରିଶୋଧ କରିଛନ୍ତି କି ନାହିଁ, କ୍ରେଡିଟ୍ କାର୍ଡ କେତେ ବ୍ୟବହାର କରନ୍ତି, କେତେ କ୍ରେଡିଟ୍ ଆକାଉଣ୍ଟ ଅଛି ଏବଂ କେତେ ଥର କ୍ରେଡିଟ୍ ପାଇଁ ଆବେଦନ କରିଛନ୍ତି ଭଳି କାରଣଗୁଡ଼ିକ ଅନ୍ତର୍ଭୁକ୍ତ। ଏହି ସ୍କୋର ସାହାଯ୍ୟରେ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଆକଳନ କରନ୍ତି ଯେ ଜଣେ ବ୍ୟକ୍ତିଙ୍କୁ ଟଙ୍କା ଋଣ ଦେବା କେତେ ବିପଦପୂର୍ଣ୍ଣ ହୋଇପାରେ।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ମିଥୁନ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ବ୍ୟବସାୟ ଆରମ୍ଭ କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କର୍କଟ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ମିଳିପାରେ। ପିଲାମାନେ ଖେଳମନସ୍କ ହେବେ। ଅନ୍ୟମାନଙ୍କୁ କଷ୍ଟ ଦେବା ପରି କଥା କୁହନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କର୍ମଚଞ୍ଚଳ ରହିବେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମକର:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୬୬୬- ଲଣ୍ଡନରେ ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୩,୨୦୦ ଘର ନଷ୍ଟ ହେବା ସହ ଆଠ ଜଣଙ୍କ ମୃତ୍ୟୁ।
- ୧୮୩୯- ଚୀନ୍‌ରେ ପ୍ରଥମ ଅଫିମ ଯୁଦ୍ଧ ଆରମ୍ଭ।
- ୧୯୨୦-ମେକ୍ସିକୋରେ ରାଷ୍ଟ୍ରପତି ନିର୍ବାଚନ ଆରମ୍ଭ।
- ୧୯୯୧- ନେଲସନ୍ ମଣ୍ଡେଲା ଆଫ୍ରିକୀୟ ନ୍ୟାସନାଲ୍ କଂଗ୍ରେସର ଅଧ୍ୟକ୍ଷ ନିର୍ବାଚିତ।
- ୧୯୯୭- ମଦର ଟେରେସାଙ୍କ ପରଲୋକ।

# ଗୁରୁ ହିଁ ସାକ୍ଷାତ ଈଶ୍ୱର



ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ବିନା ଗୁରୁରେ କେହି କେବେ ସଫଳତାର ଶିଖର ଛୁଇଁପାରି ନ ଥାଏ। କେବେ ଆକଟ ଭରା କଠୋର ଅନୁଶାସନ ତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣା । ସାଧାରଣ ଛାତ୍ରଟିକୁ ଅସାଧାରଣ କରିବାର ଶକ୍ତି ତାଙ୍କ ପାଖେ। କଞ୍ଚାମାଟି ପିଣ୍ଡୁଳାକୁ ସୁନ୍ଦର ପ୍ରତିମା ରୂପେ ଗଢ଼ିବାରେ ନିରନ୍ତର ଚେଷ୍ଟା କରିଥାନ୍ତି ଗୁରୁ। ଶିକ୍ଷା ପ୍ରଦାନ ସହ ଜୀବନକୁ ମାର୍ଜିତ, ଶୃଙ୍ଖଳିତ କରିବାରେ ତାଙ୍କ ଅବଦାନ ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପାଠ ଠାରୁ ଖେଳକୁଦ ପୁଣି ନୃତ୍ୟ, ସଙ୍ଗୀତ, ଅଭିନୟ, ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଗୁରୁଙ୍କ ଯୋଗଦାନ ଲୋଡ଼ାଥାଏ । ଛାତ୍ରର ମାର୍ଗଦର୍ଶକ ସାଜି ଭଲ ମଣିଷ ରୂପେ ଗଢ଼ିତୋଳିବାରେ ଗୁରୁଙ୍କ ଭୂମିକା ସର୍ବାଗ୍ରେ। ଭାରତୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ। ଅତୀତରେ ଗୁରୁକୁଳ ଆଶ୍ରମଗୁଡ଼ିକରେ ଶିଷ୍ୟମାନଙ୍କୁ ସାଧୁତା-ନୈତିକତା ମୂଲ୍ୟବୋଧ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଥିଲା। ଆଜିର ଆଧୁନିକ ଯୁଗରେ ଶିକ୍ଷାଦାନର ଶୈଳୀ ବଦଳିଛି। ବ୍ଲାକବୋର୍ଡ ସ୍ଥାନରେ ସ୍ମାର୍ଟବୋର୍ଡ ଏବଂ କ୍ଲାସରୁମ୍ ସ୍ଥାନରେ ଇଣ୍ଟରନେଟ୍ ଆସିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଗୁଗଲ୍ ତଥ୍ୟ ଦେଇପାରେ, ହେଲେ ସେହି ତଥ୍ୟକୁ ଜୀବନରେ କେମିତି ପ୍ରୟୋଗ କରାଯିବ ଏବଂ ଭଲ-ମନ୍ଦର ବିଚାର କେବଳ ଜଣେ ଗୁରୁ ହିଁ ଦେଇପାରିବେ। ଗୁରୁଙ୍କ ସ୍ନେହଭରା ଚାହାଣୀ ଓ ଶାସନର ବିକଳ୍ପ କୌଣସି ଟେକ୍ନୋଲୋଜି ହୋଇପାରିବ ନାହିଁ। ଆମ ଦେଶରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ। ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିରେ ପାଳିତ ହୁଏ ଗୁରୁ ଦିବସ। ୧୮୮୮ ମସିହା ଆଜିର ଦିନରେ ତାମିଲନାଡୁର ତିରୁଟ୍ଟନୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କର ଅବଦାନକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯୬୨ ମସିହାରେ ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ହେଲେ। ସେ ରାଷ୍ଟ୍ରପତି ଥିବା ସମୟରେ ବହୁ ଛାତ୍ରଛାତ୍ରୀ ତାଙ୍କର ଜନ୍ମଦିନ ପାଳନ କରିବାକୁ କହିଥିଲେ। ମାତ୍ର ସେ ସେମାନଙ୍କୁ ନିଜ ଜନ୍ମଦିନ ପାଳିବାକୁ ମନା କରିଥିଲେ। ଜନ୍ମଦିନ ପାଳନ କରିବା ଅପେକ୍ଷା ଏହି ଦିନକୁ ଗୁରୁମାନଙ୍କ ଦିବସ ଭାବେ ପାଳନ କରାଗଲେ, ତାହା ତାଙ୍କ ପାଇଁ ବଡ଼ ସମ୍ମାନ ହେବ ବୋଲି କହିଥିଲେ। ସେବେଠୁ ତାଙ୍କ ଜନ୍ମଦିବସକୁ 'ଗୁରୁ ଦିବସ' ଭାବେ ପାଳନ କରାଯାଇ ଆସୁଛି। ରାଧାକ୍ରିଷ୍ଣନ୍‌ଙ୍କ କ୍ୟାରିୟର ଶିକ୍ଷକତାରୁ ଆରମ୍ଭ ହୋଇଥିଲା। ଶିକ୍ଷାର ମହତ୍ତ୍ୱ ଉପରେ ସଚେତନତା ସୃଷ୍ଟି କରିବା ସହ ଦେଶର ସାକ୍ଷରତା ହାର କିଭଳି ଉପରକୁ ଉଠିବ, ତାହା ଥିଲା ତାଙ୍କର ଲକ୍ଷ୍ୟ। ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନରେ ଶିକ୍ଷାଦାନ କରିଥିଲେ। ବେଦ, ଉପନିଷଦକୁ ସେ ଅତି ସୁନ୍ଦର ଭାବେ ବ୍ୟାଖ୍ୟା କରୁଥିଲେ। ଶିକ୍ଷା ପ୍ରତି ଥିବା ତାଙ୍କ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିନ ସ୍କୁଲ, କଲେଜ ତଥା ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଏ। ଜୀବନର ପ୍ରଥମ ଗୁରୁ ମାଆଙ୍କଠାରୁ ଆରମ୍ଭ କରି ସ୍କୁଲ, କଲେଜ ଏବଂ କର୍ମକ୍ଷେତ୍ରରେ ଆମକୁ ବାଟ ଦେଖାଇଥିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏହି ଦିନଟି କୃତଜ୍ଞତା ଜଣାଇବାର ଦିନ।


## 'ସମୁକ୍' ଅକ୍ଷୟଙ୍କ ସହ ଧମାକା କରିବେ ବଙ୍ଗୀୟ ନାୟିକା





ବଲିଉଡ୍‌ରେ ଅକ୍ଷୟ କୁମାର ଏକମାତ୍ର ତାରକା ଯାହାଙ୍କର ବର୍ଷରେ ଏକାଧିକ ଫିଲ୍ମ ରିଲିଜ୍ ହୁଏ। ସବୁଠୁ ବଡ଼ କଥା ହେଲା, କରୋନା ମହାମାରୀ ସମୟରେ ଫିଲ୍ମ ରିଲିଜ୍ କରିବାକୁ ବଡ଼ ବଡ଼ କଳାକାରମାନେ ପଛଘୁଞ୍ଚା ଦେଇଥିବାବେଳେ ଅକ୍ଷୟଙ୍କର ଏହି ସମୟରେ ବି ଫିଲ୍ମ ରିଲିଜ୍ ହୋଇଥିଲା। ଚଳିତ ବର୍ଷ ଅକ୍ଷୟଙ୍କ ଅଭିନୀତ 'ଭୂତ୍‌ବଙ୍ଗଲା' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ' ରିଲିଜ୍ ହୋଇଛି। ଆଉ କିଛି ଦିନ ପରେ ତାଙ୍କ ଅଭିନୀତ 'ହୈୱାନ୍' ମୁକ୍ତିଲାଭ କରିବ। ନିକଟରେ ଅକ୍ଷୟ ତାଙ୍କ ନୂଆ ସିନେମା 'ସମୁକ୍'ର ଘୋଷଣା କରିଥିଲେ। ଏହା ଏକ ସାଇନ୍ସ ଫିକ୍ସନ୍ ଏଲିଅନ୍ ଥ୍ରିଲର୍ ଫିଲ୍ମ ହେବ। ଏଥିରେ ଅକ୍ଷୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ପାଇଁ ଅନେକ ଦିନ ହେଲାଣି ନାୟିକା ଖୋଜା ଚାଲିଥିଲା। ଏବେ ଏଥିରେ ବଙ୍ଗୀୟ ନାୟିକା ରୁକ୍ମଣୀ ମୈତ୍ରାଙ୍କୁ ଫାଇନାଲ କରାଯାଇଛି। ଏବେ ବଲିଉଡ୍‌ର ପ୍ରଯୋଜକମାନେ ସାଉଥ୍ ଅଭିନେତ୍ରୀଙ୍କୁ ଫିଲ୍ମରେ ବ୍ରେକ୍ ଦେଉଥିବାବେଳେ ପ୍ରଯୋଜକ ବିପୁଲ ଅମୃତ ଶାହ କିନ୍ତୁ ଜଣେ ବଙ୍ଗୀୟ ନାୟିକାଙ୍କୁ ତାଙ୍କ ଫିଲ୍ମରେ ନେବାକୁ ସ୍ଥିର କରିଛନ୍ତି। ରୁକ୍ମଣୀ ବଙ୍ଗଳା ସିନେମା ଜଗତର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାନ୍ତି। କନିଷ୍କ ବର୍ମା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିବାବେଳେ ବିପୁଲ ଶାହା ଓ ଅକ୍ଷୟ କୁମାରଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ।

## ୫ ବର୍ଷର ଝିଅ ପେଟରେ ୫୦ ଗ୍ରାମ୍‌ର ସୁନା ବିସ୍କୁଟ୍




ଚୀନ୍‌ରେ ଘଟିଥିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଉତ୍ତର ଚୀନ୍‌ର ଜଣେ ୫ ବର୍ଷର ଶିଶୁ କନ୍ୟା ଘରେ ଖେଳୁଥିବା ସମୟରେ ହଠାତ୍ ଏକ ୫୦ ଗ୍ରାମ୍ ଓଜନର ଛୋଟ ସୁନା ବିସ୍କୁଟ୍ ଗିଳି ଦେଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷରୁ ଅଧିକ ଥିଲା। ସୁନା ବିସ୍କୁଟ୍‌ଟି ଶିଶୁର ପେଟ ଭିତରେ ରହିଯାଇଥିଲା। ଏହାର ଅତ୍ୟଧିକ ଓଜନ ଏବଂ ଘନତ୍ୱ ଯୋଗୁଁ ପିଲାଟିର ପାକସ୍ଥଳୀ କିମ୍ବା ଖାଦ୍ୟନଳୀ କଟିଯିବାର ଏବଂ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଥିବାରୁ ତା'ର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବେଜିଂ ଚିଲ୍‌ଡ୍ରେନ୍ସ ହସ୍‌ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତରୀ ଦଳ ଏକ ଜଟିଳ ଏଣ୍ଡୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ସେହି ସୁନା ବିସ୍କୁଟ୍‌ଟିକୁ ସୁରକ୍ଷିତ ଭାବେ ବାହାର କରି ଦେଇଥିଲେ। ବର୍ତ୍ତମାନ ଶିଶୁ କନ୍ୟାଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏହି ଖବର ଭାଇରାଲ ହେବା ପରେ, ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ଏହି ଘଟଣା ପ୍ରତ୍ୟେକ ବାପାମାଆଙ୍କ ପାଇଁ ଏକ ଶିକ୍ଷା ବୋଲି ଅନେକ ଏଥିରେ ପ୍ରତିକ୍ରିୟା ଦେଇଛନ୍ତି। ଆଉ କିଛି ଜଣ ୫ ବର୍ଷର ପିଲା ପାଖରେ ସୁନା ବିସ୍କୁଟ୍ କେମିତି ପହଞ୍ଚିଲା, ସେ ନେଇ ପିତାମାତାଙ୍କ ଦାୟିତ୍ୱହୀନତାକୁ ନେଇ ସମାଲୋଚନା କରିଛନ୍ତି।

## ପ୍ରହେଳିକା

- କାହାସାଥେ ନାହିଁ ତା'ର ତୁଳନା
  ଦୁନିଆଁ ଅସାର ଲାଗେ ତାହାରି ବିନା
  ଯାହାଙ୍କ ପାଖରେ ନ ଥାଏ ସିଏ
  ଦୁନିଆଁ ତାହାଙ୍କୁ ମୁରୁଖ କୁହେ
  ଅତି ମୁଲ୍ୟବାନ ସମ୍ପତ୍ତି ସିଏ
  ନାମଟି ତାହାର କହିବ କିଏ ?

  ଉ- ଶିକ୍ଷା

- ଯାହାଙ୍କ ପାଇଁ ଆମେ ହେଉ ଶିକ୍ଷିତ
  ବୁଦ୍ଧି ବିବେକରେ ହେଉ ଶାଣିତ
  ଯିଏ ସେ ଗଢ଼ନ୍ତି ଆମ ଜୀବନ
  ଯାହାଙ୍କ ପାଇଁ ସଫଳ ଆମ ସପନ
  ଦୁନିଆଁର ଶ୍ରେଷ୍ଠ ବ୍ୟକ୍ତିତ୍ୱ ସିଏ
  ନାମଟି ତାଙ୍କର କହିବ କିଏ ?

  ଉ-ଗୁରୁ

- ବହିବସ୍ତାନୀ ସାଥିରେ ନେଇ
  ସକାଳୁ ଯାଉ ପଢିବା ପାଇଁ
  ରହିଥାନ୍ତି ସେଠି ଆମରି ଗୁରୁ
  ଶିକ୍ଷାଲାଭ କରୁ ତାଙ୍କରି ଠାରୁ
  କେତେ ସାଙ୍ଗସାଥି ସେଇଠି ଦେଖୁ
  ନୂଆ ନୂଆ କଥା ସେଠାରୁ ଶିଖୁ
  ସେ ସ୍ଥାନର ନାମ କହିବ ଯିଏ
  ସୁନାପିଲା ନିଶ୍ଚେ ହୋଇବ ସିଏ ?

  ଉ-ବିଦ୍ୟାଳୟ

- ଆମକୁ ଯିଏ ଶିକ୍ଷା ଦିଅନ୍ତି
  ଭଲମନ୍ଦ ସବୁ ସିଏ ଶିଖାନ୍ତି
  ସଫଳ କରନ୍ତି ଜୀବନ ପଥ
  ଚଳାଉଥାନ୍ତି ସେ ଶିକ୍ଷାର ରଥ
  ତାଙ୍କ ପାଇଁ ପାଳିତ ଏକ ଦିବସ
  କହିଲ ସେ କେଉଁ ଦିନ ବିଶେଷ ?

  ଉ-ଗୁରୁ ଦିବସ

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

**ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।**

## ଗୁରୁ ଆଶିଷ ଅମୂଲମୂଲ



କୁଞ୍ଜବିହାରୀ ସାହୁ

ବିଦ୍ୟାଳୟରେ ପଢ଼ିବା ପାଇଁ
ହୋଇଲା ନାଁ ଲେଖା,
ସେହିଦିନ ଠୁ ଗୁରୁ, ଗୁରୁମା
ସହିତ ହେଲା ଦେଖା ।
ଆଦର କରି ପାଖରେ ବସି
ଶିଖେଇ ଅ, ଆ
କହିଲେ -ପିଲେ ଅକ୍ଷର ପରେ
ନିତି ଗାଉଥା ।
ଅ ଠୁ ଔ ଶିଖେଇଦେଲେ
ତା ପରେ କ, ଖ
ଗ, ଘ କୁ ଲେଖେଇଦେଲେ
କହିଲେ ତୁଣ୍ଡେ ଧ ।
ପିଠି ଆଉଁଶି କହିଲେ ଗପ
ଶୁଣେଇଦେଲେ ଗୀତ,
ଗୁରୁ ଦିବସେ ହୋଇଛୁ ଆମେ
ତୁମରି ସାଥୀ ମିତ ।
ଯିଏ ଲେଖାଏ, ବହି ପଢ଼ାଏ
ଶିଖାଏ ଭଲ କଥା,
ସିଏ ତ ପରା ଅଟନ୍ତି ଗୁରୁ
ନୁଆଁଇ ଦିଅ ମଥା ।
ଗୁରୁ ଆଶିଷ ଅମୂଲମୂଲ
ସରଗ ଠାରୁ ବଡ଼,
ଜୀବନେ ତୁମେ ମାନି ଚଳିଲେ
ଜିଣିପାରିବ ଗଡ଼ ।

ପାତ୍ରପଡ଼ା, ଭୁବନେଶ୍ୱର

## ଗୁରୁ ପୂଜିବା ଆସ



ମହେନ୍ଦ୍ର କୁମାର ଘଡ଼େଇ

ପିଲାଏ ଯେତେ ମିଳି
ଆଣିଛୁ ଫୁଲ ତୋଳି
ଗୁରୁ ପୂଜିବା ପାଇଁ ଧରିଛୁ
ହାତେ ବନ୍ଦାଣ ଥାଳି ।
ପାଦ ଯୁଗଳ ଧୋଇ
ଫୁଲ, ଚନ୍ଦନ ଦେଇ
ଭକତି ଭରା ସମରପଣେ
ମଥାକୁ ଦେବୁ ନୋଇଁ ।
ଆଶିଷ ତାଙ୍କ ପାଇ
ପାଠେ ଆଗେଇ ଯାଇ
ଅଜ୍ଞାନ ଅମା ଅନ୍ଧାର ପାଖି
ପୂରାଇ ଦେବୁ ନାହିଁ।
ହୋଇବୁ ଭଲ ଚାଟ
ପଢ଼ିବୁ ମିଳି ପାଠ
ଛନ୍ଦ କପଟ ଅନୀତି ଛାଡ଼ି
ବୁଜିବୁ ଯେତେ ଫାଟ ।
ଆମେରେ ଫୁଲଝରି
ମହକ ବୋଳା ପରି
ଦୁନିଆ ବୋଝ ବାହିନେବାକୁ
ଯିବୁ ବରତ କରି ।
ଉପରେ ଗୁରୁ ଥାନ
କରିଲେ ସନମାନ
କରାଇଦେବେ ଜ୍ଞାନସିନ୍ଧୁରେ
ଗୋବିନ୍ଦ ଦରଶନ ।
ନିନ୍ଦା ନରକେ ବାସ
ପୂଜାରେ ମିଳେ ଯଶ
ଏଇ କଥାଟି ମନରେ ରଖି
ଗୁରୁ ପୂଜିବା ଆସ।

କ୍ଷେତ୍ରମୋହନ ବିଦ୍ୟାପୀଠ
କଟରପଡ଼ା, କଟକ

## ସୁମନ

# ହରିମାଷ୍ଟ୍ରେଙ୍କ ଗୁରୁଦକ୍ଷିଣା



ଶୁଭନାରାୟଣ ଶତପଥୀ

ରାମପୁର-ସାହସପୁରକୁ ଯିବା ବାଟରେ ଥିବା ଜଙ୍ଗଲରେ କିଛି ଚୋର ରହୁଥିଲେ। ଜଙ୍ଗଲ ବାଟ ଦେଇ ଯେଉଁ ଲୋକମାନେ ଯାଆନ୍ତି ତାଙ୍କ ଠାରୁ ସେମାନେ ଧନରତ୍ନ ଲୁଟି ନିଅନ୍ତି। ଲୋକମାନେ ଭାରି ହଇରାଣ ହରକତ ହୁଅନ୍ତି। ସେହି ଚୋରମାନଙ୍କୁ ଧରିବାକୁ ଦୁଇ ଗାଁର ଲୋକେ ଯେତେ ଚେଷ୍ଟା କଲେ ବି କିଛି ଫଳ ମିଳେ ନାହିଁ। କାରଣ ସେହି ଘଞ୍ଚ ଜଙ୍ଗଲର ଭିତରେ ସେମାନେ କୁଆଡ଼େ ଲୁଚିଯାଆନ୍ତି ତାଙ୍କୁ କେହି ଧରିପାରନ୍ତି ନାହିଁ। ଏପରି ଅବସ୍ଥାରେ ଲୋକେ ଜଙ୍ଗଲ ଦେଇ ଗଲା ବେଳେ ବହୁତ ଭୟଭୀତ ହୋଇଯାଆନ୍ତି। ଏକଦା ଦୁଇ ଗାଁର ଗ୍ରାମବାସୀ ଘୋଷଣା କଲେ ଯେ ଯିଏ ସେହି ଚୋର ଦଳକୁ ଧରାଇଦେବ ତାଙ୍କୁ ପୁରସ୍କାର ଦିଆଯିବ। ଏ ପୁରସ୍କାର ଖବର ପାଇ ଅନେକ ଲୋକ ଚୋର ଧରିବାକୁ ଚେଷ୍ଟା କଲେ ତଥାପି ବିଫଳ ହେଲେ। ଶେଷରେ ବ୍ୟସ୍ତ ହୋଇ କିଛି ଲୋକ ହରିମାଷ୍ଟ୍ରେଙ୍କ ପାଖକୁ ଗଲେ। ହରିମାଷ୍ଟ୍ରେ ଦୀର୍ଘ କୋଡ଼ିଏ ବର୍ଷ ହେଲା ଦୁଇ ଗାଁର ପିଲାମାନଙ୍କୁ ଶିକ୍ଷାଦାନ କରି ଆସୁଛନ୍ତି। ହରିମାଷ୍ଟ୍ରେ ଆଶ୍ୱାସନା ଦେଇ କହିଲେ ତୁମେ ବ୍ୟସ୍ତ ହୁଅନାହିଁ ମୁଁ ଏହାର ଉପାୟ ଚିନ୍ତା କରୁଛି। କିଛି ଦିନ ଗଲା ପରେ ହରିମାଷ୍ଟ୍ରେଙ୍କ ଜନ୍ମଦିନ ପଡ଼ିଲା। ତାଙ୍କର କିଛି ଛାତ୍ରଛାତ୍ରୀ ଦାୟିତ୍ୱ ନେଇ ହରିମାଷ୍ଟ୍ରେଙ୍କ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ନେଲେ। ଦୁଇ ଗାଁର ସବୁ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ କରାଗଲା। ଭୋଜିର ଆୟୋଜନ ବି ହେଲା। ହରିମାଷ୍ଟ୍ରେ ସବୁ ଛାତ୍ରଛାତ୍ରୀଙ୍କ ପ୍ରିୟ ସାର୍ ହୋଇଥିବାରୁ ସମସ୍ତେ ଆସିଲେ। ଉପହାର ବି ଦେଲେ। ଏତେ ଉପହାର ଆସିଲା ଯେ, ହରିମାଷ୍ଟ୍ରେଙ୍କ ଘର ଛୋଟ ପଡ଼ିଗଲା। ଉପହାର ଗ୍ରହଣ କରୁଥିବା ସମୟରେ ହରିମାଷ୍ଟ୍ରେ ତାଙ୍କର କିଛି ପୁରୁଣା ଛାତ୍ରଙ୍କୁ ରହିବାକୁ କହିଲେ। କାର୍ଯ୍ୟକ୍ରମ ଶେଷରେ ସେହି ପୁରୁଣା ଛାତ୍ରଙ୍କୁ ପାଖକୁ ଡାକିଲେ ଓ କହିଲେ ମୋ ଶିକ୍ଷାଦାନରେ ବୋଧହୁଏ କେଉଁଠି ଭୁଲ ରହି ଯାଇଛି । ନହେଲେ ତୁମେମାନେ ସମାଜର ଉନ୍ନତି କରିବା ବଦଳରେ କ୍ଷତି କରୁ ନଥାନ୍ତ । ଏହା କହି ସେମାନେ ଦେଇଥିବା ଉପହାରକୁ ଫେରାଇ ଦେଲେ। ହରିମାଷ୍ଟ୍ରେ କହିଲେ, ଅସତ୍ ଉପାୟରେ ଅର୍ଜିତ ଧନକୁ ଉପହାର ଭାବରେ ମୁଁ ଗ୍ରହଣ କରିବି ନାହିଁ । ସେମାନେ ମନଦୁଃଖରେ ବସି ପଡ଼ିଲେ । ଆଶ୍ଚର୍ଯ୍ୟ ହୋଇ ସେମାନେ ଚାହିଁ ରହିଥାନ୍ତି ହରିମାଷ୍ଟ୍ରେଙ୍କୁ। ହରିମାଷ୍ଟ୍ରେ କହିଲେ ତୁମମାନଙ୍କ ବ୍ୟବହାର ଚାଲିଚଳଣିରୁ ମୁଁ ଜାଣିପାରିଲି ଯେ, ତୁମେମାନେ ସେହି ବ୍ୟକ୍ତି ଯିଏ ଜଙ୍ଗଲରେ ଚୋରି କରୁଛ । ସେମାନେ ହରିମାଷ୍ଟ୍ରେଙ୍କ ଗୋଡ଼ତଳେ ପଡିଗଲେ। ଚୋରମାନେ ନିଜର ଭୁଲ୍ ବୁଝି ପାରିଲେ । ସେମାନେ ଆଉ ଚୋରି କରିବେ ନାହିଁ ବୋଲି ହରିମାଷ୍ଟ୍ରେଙ୍କୁ କଥା ଦେଲେ ଏବଂ ସେମାନଙ୍କ ଉପହାର ଗ୍ରହଣ କରିବାକୁ କହିଲେ। ହରିମାଷ୍ଟ୍ରେଙ୍କୁ ସେହି ଚୋରମାନେ କହିଲେ ଆମେ ଆଉ ଚୋରି କରିବୁ ନାହିଁ। ହରିମାଷ୍ଟ୍ରେ କହିଲେ, ଏହାହିଁ ମୋର ଗୁରୁଦକ୍ଷିଣା ହେବ। ଏବେ ହରିମାଷ୍ଟ୍ରେ ସବୁ ଉପହାର ଦୁଇ ଗାଁକୁ ବାଣ୍ଟି ଦେଲେ। କହିଲେ ସବୁ ଧନରତ୍ନ ଉପହାର ଗାଁ କାମରେ ଲଗାଇବ। ଉପହାର ସବୁ ଦେଖି କିଛି ଗାଁ ଲୋକ ଆସି କହିଲେ ସାର୍ ଏଥିରେ ଆମ ଚୋରି ହୋଇଥିବା ଜିନିଷଗୁଡ଼ିକ ବି ଅଛି। ଆମେ ତାହା ଚିହ୍ନି ପାରୁଛୁ। ସେ ଧନରତ୍ନ ଆମର ଗାଁ କାମରେ ଲାଗୁ ପଛେ ଆମକୁ କୁହନ୍ତୁ ଏହାକୁ କିଏ ଉପହାର ଦେଇଛି। ସେ ହିଁ ଚୋର, ଜଙ୍ଗଲରେ ରହି ଚୋରି କରୁଛି। ହରିମାଷ୍ଟ୍ରେ କହିଲେ ଆଉ ବ୍ୟସ୍ତ ହୁଅନାହିଁ, ତାହା ମୁଁ ଜାଣି ସାରିଛି। ସେ ଚୋରମାନଙ୍କୁ ମୁଁ କାବୁ କରି ନେଇଛି। ସେମାନେ କାମଧନ୍ଦା ନ ପାଇ ଚୋରି କରୁଥିଲେ। ଗାଁ ଲୋକଙ୍କୁ ହରିମାଷ୍ଟ୍ରେ କହିଲେ ମୁଁ ସେମାନଙ୍କ ତରଫରୁ କଥା ଦେଉଛି, ଜଙ୍ଗଲରେ ଆଉ ଚୋରି ହେବ ନାହିଁ। ଏହା ଶୁଣି ଗ୍ରାମବାସୀ ଆଶ୍ୱସ୍ତ ହେଲେ। ସେହି ଚୋରମାନଙ୍କୁ କାମଧନ୍ଦା ଯୋଗାଇ ଦେଲେ ହରିମାଷ୍ଟ୍ରେ। ସେମାନେ ଘର ସଂସାର କରି ଭଲରେ ରହିଲେ। ଆଉ ସେହି ଜଙ୍ଗଲରେ କେବେ ଚୋରି ହେଲା ନାହିଁ। ଉଭୟ ଗାଁର ଲୋକେ କହୁଥିଲେ ହରିମାଷ୍ଟ୍ରେଙ୍କୁ ମାନିବାକୁ ପଡ଼ିବ। ଜନ୍ମଦିନ ପାଳନ କରି ଚୋର ଧରି ଆଉ ତାଙ୍କୁ ତାଙ୍କ ଚରିତ୍ର ବି ବଦଳାଇ ଦେଲେ। ହରିମାଷ୍ଟ୍ରେ ଜିନ୍ଦାବାଦ ଧ୍ୱନିରେ ଗାଁ କମ୍ପୁଥିଲା ।

ବିଜିପୁର, ବ୍ରହ୍ମଗିରି, ପୁରୀ

## ଚିତ୍ର ଗ୍ୟାଲେରୀ





**ସାଗର ପ୍ରଧାନ**
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନାଥପୁର
ଭୁବନେଶ୍ୱର





**ରିଷିକା କାନୁନ୍‌ଗୋ**
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର







**ଲକ୍ଷ୍ମୀପ୍ରିୟା ଦାସ**
ଚତୁର୍ଥ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ
ପୋଖରୀପୁଟ
ଭୁବନେଶ୍ୱର





**ଅଭିଲାଷ ଦାଶ**
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର






**ତନିଷ୍କା ପାତ୍ର**
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

## ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

# ଦ୍ୱିତୀୟ ରାଉଣ୍ଡରୁ ଫେଲିକ୍ସ, ଆଲେକ୍ସଙ୍କ ବିଦାୟ

ନ୍ୟୁୟର୍କ,୪।୯ (ଏଜେନ୍ସି)

ରେକର୍ଡ ଅପେକ୍ଷାରେ ଥିବା ଚତୁର୍ଥ ସିଡ୍ ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରୁ ବିଦା ହେବା ପରେ ଯେଉଁ ଧାରା ଆରମ୍ଭ ହୋଇଥିଲା ତାହା ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସର ପୁରୁଷ ବିଭାଗରେ ବଜାୟ ରହିଛି। ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ଖେଳାଯାଇଥିବା ପୁରୁଷ ବିଭାଗ ସିଙ୍ଗଲ୍ସ ମୁକାବିଲାରୁ ତୃତୀୟ ସିଡ୍ ଫେଲିକ୍ସ ଆଗର-ଆଲିଆସିମେ, ଷଷ୍ଠ ସିଡ୍ ଆଲେକ୍ସ ଡି ମିନାଉର ଓ ୧୩ ନମ୍ବର ସିଡ୍ ଲୋରେଞ୍ଜୋ ମୁସେଟୀଙ୍କ ପରି ଖେଳାଳିମାନେ ବିଦାୟ ନେଇଛନ୍ତି। ଏପରିକି ନଂ-୧ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ୍ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ୫ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ବିଭାଗରେ ଟପ୍ ସିଡ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲାବେଳେ ସେପରି କିଛି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ହୋଇନାହିଁ।





### ପୁରୁଷ ସିଙ୍ଗଲ୍ସରେ ବିପର୍ଯ୍ୟୟର ଦିନ

ଗୁରୁବାର ରାତିରେ ଖେଳାଯାଇଥିବା ପୁରୁଷ ବିଭାଗ ସିଙ୍ଗଲ୍ସରେ ୩ଜଣ ଶୀର୍ଷ ସିଡେଡ ଖେଳାଳି ବିଦାୟ ନେଇଛନ୍ତି। କାନାଡାର ଅଣସିଡେଡ ଖେଳାଳି କାରେନ ଖାଚାନୋଭ୍ ୩-୧ ସେଟ୍‌ରେ ଫେଲିକ୍ସଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଖାଚାନୋଭ ଏହି ମ୍ୟାଚ୍‌କୁ ୬-୭, ୬-୩, ୬-୩, ୬-୨ ସେଟ୍‌ରେ ଜିତିନେଇଥିଲେ। ଏହା ପରେ ଅଷ୍ଟ୍ରେଲିଆର ଅଣସିଡେଡ ଖେଳାଳି ଡେନ୍ ସ୍ୱିନୀ ମଧ୍ୟ ୪ ସେଟ ବିଶିଷ୍ଟ ମୁକାବିଲାରେ ୧୩ ନମ୍ବର ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ହରାଇଥିଲେ।

### ୪ ଘଣ୍ଟା ୩୩ ମିନିଟ୍‌ରେ ଜିତିଲେ ଜ୍ୱେରେଭ୍

ପୁରୁଷ ବିଭାଗର ଦ୍ୱିତୀୟ ରାଉଣ୍ଡରେ ଟପ୍ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ୩-୨ ସେଟ୍‌ରେ ଫ୍ରାନ୍ସର କ୍ୱେଣ୍ଟିନ୍ ହାଲିସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍‌ଟି ଶେଷ ହେବାକୁ ୪ ଘଣ୍ଟା ୩୩ ମିନିଟ୍ ସମୟ ଲାଗିଥିଲା। ଏଥିରେ ଜ୍ୱେରେଭ୍ ୬-୪, ୪-୬, ୭-୬, ୬-୭, ୬-୩ରେ ଜିତିଥିଲେ। ପ୍ରଥମ ରାଉଣ୍ଡରେ ମଧ୍ୟ ଜ୍ୱେରେଭ ୫ ସେଟ୍ ବିଶିଷ୍ଟ ମୁକାବିଲାରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ହରାଇଥିଲେ। ଟେନିସ କୋର୍ଟରେ ପାଖାପାଖି ୧୦ ଘଣ୍ଟା କଟାଇଥିବା ଜ୍ୱେରେଭ ତୃତୀୟ ରାଉଣ୍ଡରେ ନଂ-୨୫ ସିଡ୍ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ଭେଟିବେ। ଅନ୍ୟ ସିଡେଡ ଖେଳାଳିଙ୍କ ମଧ୍ୟରେ ନଂ-୫ ସିଡ୍ ଫ୍ଲାଭିଓ କୋବୋଲି, ନଂ-୯ ଟେଲର ଫ୍ରିଜ୍, ନଂ-୧୭ ତଥା ମିକ୍ସଡ ଡବଲ୍ସ ଚାମ୍ପିଅନ ଜାକୁବ ମେନସିକ୍, ନଂ-୧୪ ଲର୍ଣ୍ଣର ଟିଏନ୍ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ମହିଳାରେ ଇଆଲାଙ୍କ ଚମତ୍କାର ବିଜୟ

ମହିଳା ବିଭାଗ ସିଙ୍ଗଲ୍ସରେ ନଂ-୧୭ ସିଡ୍ ତଥା ଭବିଷ୍ୟତର ତାରକା ଫିଲିପାଇନ୍ସର ଆଲେକ୍‌ଜାଣ୍ଡ୍ରା ଇଆଲା ଚମତ୍କାର ବିଜୟ ହାସଲ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଚତୁର୍ଥ ସିଡ୍ କୋକୋ ଗଫ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

### ପ୍ରି-କ୍ୱାର୍ଟରରେ ସାବାଲେଙ୍କା

ମହିଳା ବିଭାଗ ନଂ-୧ ସିଡ୍ ଆରିନା ସାବାଲେଙ୍କା. ନଂ-୧୧ ସିଡ୍ ମାର୍ତ୍ତା କୋସ୍ଟ୍ୟୁକ ଓ ନଂ-୧୮ ସିଡ୍ ସୋରାନା କିର୍ଷ୍ଟିଆ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ କାମିଲିଆ ରାଖିମୋଭାଙ୍କୁ ୨-୦ରେ ହରାଇ ସାବାଲେଙ୍କା, ଏକତାରେନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ୨-୦ରେ ହରାଇ କୋସ୍ଟ୍ୟୁକ ଓ ଜଷ୍ଟିନ ପାଓଲିନ୍‌ଙ୍କୁ ହରାଇ କିର୍ଷ୍ଟିଆ ପ୍ରି-କ୍ୱାର୍ଟରକୁ ଯାଇଛନ୍ତି।

■ ମହିଳା ଏସିଆ କପ୍ କ୍ରିକେଟ

## ଭାରତ-ପାକିସ୍ତାନ ମୁକାବିଲା ଆଜି

ଦୁବାଇ,୪।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍ ଆସନ୍ତାକାଲି ଏଠାରେ ଖେଳାଯିବ। ଏହି ମୁକାବିଲା ପୂର୍ବରୁ ଭାରତ ଗ୍ରୁପ୍‌ରେ ଦୁଇଟିଯାକ ଦୁର୍ବଳ ଦଳ ଥାଇଲାଣ୍ଡ ଓ ହଂକଂ ବିପକ୍ଷରେ ବୃହତ୍ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିସାରିଛି। ପାକିସ୍ତାନ ଗୋଟିଏ ମ୍ୟାଚ୍ ଖେଳି ଥାଇଲାଣ୍ଡ ବିପକ୍ଷରେ ବିଜୟୀ ହୋଇଛି। କିନ୍ତୁ ଆସନ୍ତାକାଲି ମୁକାବିଲା ପରେ ଗ୍ରୁପ୍-ଏ'ରେ କେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ତାହା ଆପାତତଃ ସ୍ଥିର ହେବ। କାରଣ ପାକିସ୍ତାନ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ହଂକଂକୁ ହରାଇବା ଲାଗି ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ଭାରତ ବିପକ୍ଷରେ ବିଜୟୀ ହେଲେ ପାକିସ୍ତାନ ସେମିଫାଇନାଲରେ ବାଂଲାଦେଶ ସହ ମୁକାବିଲା କରିବାକୁ ସୁଯୋଗ ପାଇବ। ଶ୍ରୀଲଙ୍କା ଅନ୍ୟ ପୁଲରେ ପ୍ରଥମ ସ୍ଥାନ ହାସଲ କରିବ ବୋଲି ସ୍ପଷ୍ଟ ହୋଇଛି।



ଆସନ୍ତାକାଲି ମ୍ୟାଚ୍‌ର ଫଳାଫଳ ଉପରେ ଗ୍ରୁପ୍ ଟପ୍ପର ସ୍ଥିର ହେବାକୁ ଥିଲେ ମଧ୍ୟ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଏହାକୁ ଏକ ସମ୍ମାନର ସହ ନେଇଛନ୍ତି। ଉଭୟ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କ ଭଲ ନ ଥିଲାବେଳେ ଏହି ମ୍ୟାଚ୍‌ରେ ବିଜୟୀ ଦଳକୁ ଖୁସି ମିଳିବ। ଯଦିଓ ଦକ୍ଷତା ଦୃଷ୍ଟିରୁ ଦେଖିଲେ ପାକିସ୍ତାନ ଅପେକ୍ଷା ଭାରତର ଶକ୍ତି ଢ଼େର ଅଧିକ। କିନ୍ତୁ ଟି-୨୦ ଫର୍ମାଟରେ କୌଣସି ଦଳକୁ ଦୁର୍ବଳ ମନେ କରାଯାଉନାହିଁ। ଭାରତ କ୍ରମାଗତ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିଥିଲେ ମଧ୍ୟ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ଥାଇଲାଣ୍ଡ ବିପକ୍ଷରେ ଶେଫାଳି ବର୍ମାଙ୍କ ୬୪ରନ୍ ଓ ହଂକଂ ବିପକ୍ଷରେ ସ୍ମୃତି ମନ୍ଧାନାଙ୍କ ୧୨୪ ରନ୍‌କୁ ବାଦ୍ ଦେଲେ ଭାରତୀୟ ବ୍ୟାଟର ବିଶେଷ ସଫଳତା ପାଇ ନାହାନ୍ତି। କିନ୍ତୁ ଦଳର ୩ ସ୍ପିନର ଉଭୟ ମ୍ୟାଚ୍‌ରେ ଦଳକୁ ସହଜ ବିଜୟ ଦେଇଛନ୍ତି। ଫାଷ୍ଟ ବୋଲର ନନ୍ଦିନୀ ଶର୍ମା, ସ୍ପିନର ଦୀପ୍ତି ଶର୍ମା, ଶ୍ରୀ ଚରଣି, ପ୍ରେମା ରାୱତ ଓ କାମଚଳ ଶେଫାଳି ବର୍ମା ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ପାକିସ୍ତାନକୁ ହରାଇବାକୁ ହେଲେ ଭାରତୀୟ ଖେଳାଳିମାନେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।

## ପାକିସ୍ତାନ ଚୟନକର୍ତ୍ତା ପ୍ୟାଣ୍ଟ ପରି ମନ ବଦଳାଇଥାନ୍ତି: ଗିଲେସ୍ପି

ସିଡ୍‌ନୀ,୪।୯ (ଏଜେନ୍ସି): ପାକିସ୍ତାନର ଜାତୀୟ ବରିଷ୍ଠ କ୍ରିକେଟ ଦଳ ଚୟନ କରାଯିବା ବେଳେ ଆକ୍ୱିବ୍ ଜାଭେଦଙ୍କ ନେତୃତ୍ୱରେ ଗଠିତ ଚୟନକର୍ତ୍ତାମାନେ ପ୍ୟାଣ୍ଟ ଭଳି ମନ ବଦଳାଇଥାନ୍ତି। ଯାହା ଫଳରେ ଖେଳାଳିମାନେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଓ ଭୟ ମଧ୍ୟରେ ଖେଳିଥାନ୍ତି ବୋଲି ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ହେଡ୍ କୋଚ୍ ଜେସନ ଗିଲେସ୍ପି କହିଛନ୍ତି। ସେ କହନ୍ତି, ଆକ୍ୱିବ ଦର୍ପଣ ସମ୍ମୁଖରେ ଛିଡ଼ା ହୋଇ ନିଜକୁ ଦେଖିବା ଉଚିତ। ଖେଳାଳିମାନେ କିପରି ଭୟଙ୍କର ସ୍ଥିତିରେ ଖେଳୁଛନ୍ତି। ନିକଟରେ ଇଂଲଣ୍ଡଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ପାକିସ୍ତାନ ଟେଷ୍ଟ ଦଳରେ ଆକ୍ୱିବ ୭ଜଣ ଖେଳାଳିଙ୍କୁ ବଦଳାଇଦେଇଥିଲେ। ଏହାକୁ ନେଇ ଗିଲେସ୍ପି ଏପରି ମନ୍ତବ୍ୟ ଦେଇଛନ୍ତି।

● ଆଇସ୍‌ଲାଣ୍ଡ କ୍ରିକେଟର ପ୍ରସ୍ତାବ

## ପିସିବି ଅଧ୍ୟକ୍ଷଙ୍କଠାରୁ ଶିଖିବାକୁ ଗଲେ ସମସ୍ତ ଖର୍ଚ୍ଚ ବହନ କରିବ

ରେକ୍‌ଜାଭିକ୍,୪।୯ (ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକ୍‌ଭୀଙ୍କଠାରୁ ଜାତୀୟ ଟିମ୍ ଲାଗି କିପରି ଖେଳାଳି ଚୟନ କରାଯିବ, ଦଳର ଅସୁବିଧା ସମୟରେ କିପରି ନିୟନ୍ତ୍ରଣ କରାଯିବ ସେ ସମ୍ପର୍କରେ ଶିଖିବାକୁ ଯିଏ ପାକିସ୍ତାନ ଯିବେ ସେମାନଙ୍କର ସମସ୍ତ ଖର୍ଚ୍ଚ ଆଇସ୍‌ଲାଣ୍ଡ କ୍ରିକେଟ ବହନ କରିବ ବୋଲି ଏକ ପ୍ରସ୍ତାବ ବୋର୍ଡ ଦେଇଛି। ଏହାର ଅର୍ଥ ହେଲା ପାକିସ୍ତାନ ଯେପରି ଖେଳାଳି ପରିବର୍ତ୍ତନ କରି ତିଷ୍ଠି ରହୁଛି, ପରାଜିତ ହେଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ପାଇବା ପୂର୍ବରୁ ଯେପରି ନକ୍‌ଭୀ ଏହାକୁ ନିଜ ନିୟନ୍ତ୍ରଣରେ ରଖିପାରୁଛନ୍ତି ଏଭଳି ଦକ୍ଷ ବ୍ୟକ୍ତିଙ୍କଠାରୁ ଜ୍ଞାନ ଆହରଣ କରିବା ଆବଶ୍ୟକ। ଏଣୁ ତାଙ୍କଠାରୁ ଏପରି ଜ୍ଞାନ ଆହରଣ କରିବାକୁ ଆଇସ୍‌ଲାଣ୍ଡରୁ ଯିଏ ପାକିସ୍ତାନ ଯିବାକୁ ଚାହିଁବେ ତାଙ୍କୁ କ୍ରିକେଟ ବୋର୍ଡ ପକ୍ଷରୁ ସମସ୍ତ ଖର୍ଚ୍ଚ ଦିଆଯିବ। ମଜାଦାର ଓ ସମାଲୋଚନାମୂଳକ ମନ୍ତବ୍ୟ ଲାଗି ଆଇସ୍‌ଲ୍ୟାଣ୍ଡ କ୍ରିକେଟ ବୋର୍ଡ ଚର୍ଚ୍ଚାରେ ଥିଲାବେଳେ ଏଭଳି ପ୍ରସ୍ତାବକୁ ସାମାଜିକ ଗଣମାଧ୍ୟମରେ ବେଶ ପ୍ରଶଂସା କରାଯାଇଛି।

## ପରାଜୟରୁ ବର୍ତ୍ତିଲା ଦକ୍ଷିଣ ଆଫ୍ରିକା

ୱିଣ୍ଡୋହକ୍,୪।୯ (ଏଜେନ୍ସି): ନାମିବ୍ୟାର ଆଉ ଏକ ଆକ୍ରମଣରୁ ବର୍ତ୍ତିଯାଇ ଦକ୍ଷିଣ ଆଫ୍ରିକା ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ୍ ଫାଇନାଲରେ ପ୍ରବେଶ କରିଛି। ନାମିବ୍ୟା ଏହି ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍‌କୁ ୧୧ ରନ୍‌ରେ ହାରିବା ଫଳରେ ଜିମ୍ବାୱେ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଯାଇଛି। ରବିବାର ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ମଧ୍ୟରେ ଫାଇନାଲ ଖେଳାଯିବ। ଆଜି ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଲୁହାନ-ଡ୍ରେ ପ୍ରିଟୋରିଅସଙ୍କ ୧୦୧ ଓ କନ୍ନର ଇସ୍ତରହୁଇଜେନ୍ ୮୮ ରନ୍ କରିବା ଫଳରେ ଦ.ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୪ ୱିକେଟରେ ୨୨୮ ରନ୍ କରିଥିଲା। ଜବାବରେ ନାମିବ୍ୟା ୩ ୱିକେଟରେ ୨୧୭ ରନ୍ କରି ହାରିଯାଇଥିଲା।

ଦୁଲିପ ଟ୍ରଫି କ୍ରିକେଟ ଫାଇନାଲ

## ଖେଳି ନ ପାରନ୍ତି ତିଲକ, ଇଶାନ ଓ ବୈଭବ

ଚେନ୍ନାଇ,୪।୯ (ଏଜେନ୍ସି): ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଚଳିତ ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଆସନ୍ତା ରବିବାର ଖେଳାଯିବ। ଏହି ଫାଇନାଲ ଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ହେଉଛି ଦୁଇ ଦଳରୁ ୩ଜଣ ପ୍ରମୁଖ ଖେଳାଳି ଏହି ମ୍ୟାଚ୍ ଖେଳିବାକୁ ବଞ୍ଚିତ ହୋଇ ପାରନ୍ତି। ସେମାନେ ହେଲେ ଦକ୍ଷିଣାଞ୍ଚଳ ଅଧିନାୟକ ତିଲକ ବର୍ମା, ପୂର୍ବାଞ୍ଚଳ ଅଧିନାୟକ ଇଶାନ କିଶାନ ଓ ଉପଅଧିନାୟକ ବୈଭବ ସୂର୍ଯ୍ୟବଂଶୀ। ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ଭାରତୀୟ ଦଳର ହେଡ କୋଚ୍ ଗୌତମ ଗମ୍ଭୀର। ଏହାର କାରଣ ହେଲା ସେପ୍ଟେମ୍ବର ୧୩ରୁ ଆଫଗାନିସ୍ତାନ ସହ ନୂଆଦିଲ୍ଲୀରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍। ଦୁଲୀପ୍ ଟ୍ରଫି ଫାଇନାଲ ସେପ୍ଟେମ୍ବର ୧୦ରେ ଶେଷ ହେବ ଓ ଟି-୨୦ ସିରିଜ୍ ୧୩ରୁ ଖେଳାଯିବ। ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ଦେବା ଲାଗି ଏଭଳି ନିଷ୍ପତ୍ତି ଗମ୍ଭୀର ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଫାଇନାଲ ମ୍ୟାଚ୍ ଖେଳିବାକୁ ଭାରତୀୟ ସିନିଅର ଦଳର ୩ଜଣ ବରିଷ୍ଠ ତଥା ନିୟମିତ ଖେଳାଳିଙ୍କୁ ଦକ୍ଷିଣାଞ୍ଚଳ ଦଳରେ ସାମିଲ କରିବାକୁ ବିସିସିଆଇ ନିର୍ଦ୍ଦେଶ ଦେଇଛି। ସେମାନେ ହେଲେ ଫାଷ୍ଟ ବୋଲର ହାଇଦ୍ରାବାଦ୍‌ର ମହମ୍ମଦ୍ ସିରାଜ, କର୍ଣ୍ଣାଟକର ଦେବଦତ୍ତ ପାଡିକଲ। ତିଲକ, ଇଶାନ କିଶାନ ଓ ବୈଭବ ସୂର୍ଯ୍ୟବଂଶୀ ଫାଇନାଲ ଖେଳିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।



### ମାଗଣାରେ ଖେଳ ଦେଖିବେ ଦର୍ଶକ

ତାମିଲନାଡୁ କ୍ରିକେଟ ସଂଘ ଏହି ଫାଇନାଲ ମ୍ୟାଚ୍ ଦେଖିବା ଲାଗି ଷ୍ଟାଡିୟମ୍‌କୁ ଉନ୍ମୁକ୍ତ ରଖିବ। ଏହାର ଅର୍ଥ ଦର୍ଶକମାନେ ଏହି ଫାଇନାଲ ଖେଳ ମାଗଣାରେ ଦେଖିପାରିବେ। ଦର୍ଶକମାନଙ୍କୁ ଗେଟ ୪ରେ ସକାଳ ୯ଟାରୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ଚେପକର ସି' ଡି' ଓ ଇ' ଷ୍ଟାଣ୍ଡର ତଳଭାଗରେ ଦର୍ଶକମାନେ ବସିପାରିବେ। ବେଙ୍ଗାଲୁରୁରେ ୨ଟି କ୍ୱାର୍ଟର ଫାଇନାଲ ଓ ୨ଟି ଯାକ ସେମିଫାଇନାଲ ମୁକାବିଲା ହୋଇଥିଲା। ସେମିଫାଇନାଲରେ ଉତ୍ତରାଞ୍ଚଳକୁ ୭ ୱିକେଟରେ ଦକ୍ଷିଣାଞ୍ଚଳ ଏବଂ କେନ୍ଦ୍ରାଞ୍ଚଳକୁ ୪ ୱିକେଟରେ ହରାଇ ପୂର୍ବାଞ୍ଚଳ ଫାଇନାଲରେ ପ୍ରବେଶ କରିଥିଲା। ଚେନ୍ନଇରେ ଖେଳାଯିବାକୁ ଥିବା ଫାଇନାଲ ସେପ୍ଟେମ୍ବର ୬ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ।

● ଭାରତ-ଜାପାନ ବନ୍ଧୁତ୍ୱର ୭୫ ବର୍ଷର ପୂର୍ତ୍ତି

## ପୁରୁଷ ଦଳ ଖେଳିବେ ଟି-୨୦ ମ୍ୟାଚ୍

ନୂଆଦିଲ୍ଲୀ,୪।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ବନ୍ଧୁତ୍ୱର ୭୫ ବର୍ଷ ପୂର୍ତ୍ତି ହେଉଛି। ଏହି ୭୫ବର୍ଷ ମଧ୍ୟରେ ଅନେକ ରାଜନୈତିକ ଓ କୂଟନୈତିକ ସ୍ତରରେ ଉଭୟ ଦେଶ ସହଯୋଗର ହାତ ବଢ଼ାଇଛନ୍ତି। ଏହି ବନ୍ଧୁତ୍ୱକୁ ସ୍ମରଣୀୟ କରିବା ଲାଗି ଉଭୟ ଦେଶର ବରିଷ୍ଠ ପୁରୁଷ ଦଳ ଏକ କ୍ରିକେଟ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମ୍ୟାଚ୍‌ଟି ଜାପାନର ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।



ସେପ୍ଟେମ୍ବର ୨୨ ତାରିଖ ଦିନ ଉଭୟ ଦେଶର ପୁରୁଷ ଦଳ ଏହି ମ୍ୟାଚ୍‌ରେ ପରସ୍ପର ସହ ମୁକାବିଲା କରିବେ। ଏହି ମ୍ୟାଚ୍‌କୁ ସୁଜୁକି କପ୍ ନାମରେ ନାମିତ କରାଯାଇଛି। ଏହା ବ୍ୟତୀତ ଉଭୟ ଦେଶ ମଧ୍ୟରେ କ୍ରୀଡ଼ା ବିନିମୟ କାର୍ଯ୍ୟକ୍ରମ ଲାଗି 'ସ୍ପୋର୍ଟ୍ସ ୭୫' ନାମରେ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଜଣାଯାଇଛି। ନିକଟରେ ଭାରତ ଓ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜାପାନରେ ଏହି କ୍ରିକେଟ ମ୍ୟାଚ୍ ଖେଳାଗଲେ ତାହାର ପ୍ରଭାବ ସୁଦୂର ପ୍ରସାରୀ ହେବ ବୋଲି ଏହି ଦେଶର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି କହିଛନ୍ତି।

● ଚାଇନା ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ

## ସାତ୍ୱିକ-ଚିରାଗ ସେମିଫାଇନାଲରେ

ଶେନ୍‌ଝେନ୍,୪।୯ (ଏଜେନ୍ସି): ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ୍‌ରେ ଭାରତର ଶ୍ରେଷ୍ଠ ପୁରୁଷ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମିଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ୭୦ ମିନିଟ୍‌ର ରୋମାଞ୍ଚକ ମୁକାବିଲାରେ ସେମାନେ ଡେନମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡର୍ସ ରାସମୁସେନ୍‌ଙ୍କୁ ୨୧-୧୩, ୧୬-୨୧, ୨୧-୧୮ ରେ ହରାଇଛନ୍ତି। ଅନ୍ୟପକ୍ଷରେ ଭାରତର କିଦାମ୍ବି ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ ହଂକଂର ଲି ଚେକ୍ ୟିଉଙ୍କଠାରୁ ୧୬-୨୧, ୧୬-୨୧ରେ ହାରିଛନ୍ତି। ଏହା ପୂର୍ବରୁ ସେ ବିଶ୍ୱର ୯ ନମ୍ବର ଖେଳାଳି ଭିକ୍ଟର ଲାଇଙ୍କୁ ପରାସ୍ତ କରି ବଡ଼ ବିଜୟ ହାସଲ କରିଥିଲେ। ମହିଳା ଏକକରେ ଯୁବ ଭାରତୀୟ ଖେଳାଳି ତନ୍ୱୀ ଶର୍ମା ଜାପାନର ତୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୮, ୧୬-୨୧ରେ ପରାଜିତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଧ୍ରୁବ କପିଲା ଓ ତନିଷା କ୍ରାଷ୍ଟୋ ମଧ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଏବେ ଚାଇନା ମାଷ୍ଟର୍ସରେ ଭାରତର ଏକମାତ୍ର ଆଶା ସାତ୍ୱିକ-ଚିରାଗ ଯୋଡ଼ି।

■ ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ

## ଉଜବେକିସ୍ତାନଠାରୁ ହାରିଲା ଭାରତ

ତାସକେଣ୍ଟ,୪।୯ (ଏଜେନ୍ସି): ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଆୟୋଜକ ଉଜବେକିସ୍ତାନଠାରୁ ୦-୪ ଗୋଲ୍‌ରେ ପରାସ୍ତ ହୋଇଛି। ଉଜବେକିସ୍ତାନ ପକ୍ଷରୁ ମାରାଟୋଭ୍ ୨୯ତମ, ଅବ୍ରାଏଭ୍ ୪୫ତମ, ଶୋରାଖମେଦୋଭ୍ ୬୭ତମ ଏବଂ ସେରସେନବାଏଭ୍ ୯୦ତମ ମିନିଟ୍‌ରେ ଗୋଲ୍ କରିଥିଲେ। ପରାଜୟ ସତ୍ତ୍ୱେ ଭାରତ ଗ୍ରୁପ୍ 'ବି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ସିରିଆକୁ ୧-୦ରେ ହରାଇଥିବା ଭାରତ ସେପ୍ଟେମ୍ବର ୬ରେ ଶେଷ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ଜିତିଲେ ଏବଂ ସିରିଆ ଉଜବେକିସ୍ତାନକୁ ହରାଇ ନପାରିଲେ, ଭାରତର ଯୋଗ୍ୟତା ଆଶା ଉଜ୍ଜୀବିତ ରହିବ। ଭାରତ ପ୍ରଥମ ମ୍ୟାଚ୍‌ରେ ସିରିଆକୁ ୧-୦ରେ ପରାସ୍ତ କରିଥିବାରୁ ଗ୍ରୁପ୍ 'ବି'ରେ ଏବେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଶେଷ ମ୍ୟାଚ୍‌ରେ ସେପ୍ଟେମ୍ବର ୬ରେ ବାଂଲାଦେଶକୁ ହରାଇବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।

## ମୁମ୍ବାଇ କ୍ରିକେଟ୍‌ର ଘରୋଇ ସିଜନ୍ ଉପରେ ହେବ ୱେବ୍ ସିରିଜ୍

ମୁମ୍ବାଇ,୪।୯ (ଏଜେନ୍ସି): ମୁମ୍ବାଇ କ୍ରିକେଟ୍ ସଂଘ ଆସନ୍ତା ଘରୋଇ କ୍ରିକେଟ୍ ସିଜନ୍‌କୁ ନେଇ ଏକ ଡକ୍ୟୁମେଣ୍ଟାରି କିମ୍ବା ୱେବ୍ ସିରିଜ୍ ତିଆରି କରିବାକୁ ଯୋଜନା କରିଛି। ଏଥିପାଇଁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଅନୁମତି ଚାହିଁଛି ସଂଘ। ଅଷ୍ଟ୍ରେଲିଆର କ୍ରିକେଟ୍‌କୁ ନେଇ ତିଆରି 'ଦ ଟେଷ୍ଟ' ଧାରାବାହିକର ଢାଞ୍ଚାରେ ଏହା ହେବ। ମୁମ୍ବାଇ କ୍ରିକେଟ୍ ସଂଘର ସଭାପତି ଅଜିଙ୍କ୍ୟ ନାଏକ କହିଛନ୍ତି, ଦଳର ପ୍ରସ୍ତୁତିଠାରୁ ସମଗ୍ର ଘରୋଇ ସିଜନ୍ ପର୍ଯ୍ୟନ୍ତ ପଛପଟର ଘଟଣାଗୁଡ଼ିକୁ ଦର୍ଶାଇବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ସଂଘ ଖ୍ୟାତନାମା ନିର୍ଦ୍ଦେଶକ ପ୍ୟାଟ୍ରିକ୍ ଗ୍ରାହାମ୍‌ଙ୍କୁ ନିଯୁକ୍ତ କରିଛି। ରଣଜୀ ଟ୍ରଫିର ୪୨ ଥରର ଚାମ୍ପିଅନ୍ ମୁମ୍ବାଇ ଦଳର ଐତିହ୍ୟକୁ ବିଶ୍ୱସମ୍ମୁଖରେ ରଖିବାକୁ ସଂଘ ଚାହୁଁଛି।

ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନରେ ଉତ୍ତରାଖଣ୍ଡକୁ ସମସ୍ତ ଟାଇଟଲ

## ବାଳକ ବିଭାଗରେ ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର,୪।୯ (ସମିସ)

ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ସବ୍‌ଜୁନିଅର ଇଷ୍ଟଜୋନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଉତ୍ତରାଖଣ୍ଡ ସମସ୍ତ ବିଭାଗରେ ଚାମ୍ପିଅନ ହୋଇଛି। ଆଜି ସମସ୍ତ ବିଭାଗରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ଖେଳାଯାଇଥିବା ବାଳିକା ବିଭାଗରେ ଉତ୍ତରାଖଣ୍ଡ ୨-୦ରେ ପଶ୍ଚିମବଙ୍ଗକୁ ଓ ବାଳକ ବିଭାଗରେ ଓଡ଼ିଶାକୁ ମଧ୍ୟ ୨-୦ରେ ହରାଇ ଟାଇଟଲ ଜିତିନେଇଥିଲା। ଓଡ଼ିଶା ପକ୍ଷରୁ ସିଙ୍ଗଲ୍ସରେ ସୌମ୍ୟଜିତ ସାହୁ, ଡବଲ୍ସରେ ଦିବ୍ୟମ କେଜରିୱାଲ ଏବଂ ଶୁଭ୍ରକେତନ ମଲ୍ଲିକଙ୍କ ଯୋଡି ପରାଜିତ ହେବା ପରେ ତୃତୀୟ ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା।

ଏହା ପରେ ସିନିଅର ବିଭାଗର ଫାଇନାଲ ମୁକାବିଲା ହୋଇଥିଲା। ପ୍ରଥମେ ଖେଳାଯାଇଥିବା ମହିଳା ବିଭାଗରେ ଉତ୍ତରାଖଣ୍ଡ ୩-୧ ମୁକାବିଲାରେ ଉତ୍ତରପ୍ରଦେଶକୁ ଓ ପୁରୁଷ ବିଭାଗରେ ବିହାରକୁ ୩-୦ରେ ହରାଇ ଟାଇଟଲ ଜିତିନେଇଥିଲା। ସମସ୍ତ ୪ଟି ଯାକ ବିଭାଗ ଫାଇନାଲରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରପ୍ରଦେଶର ଦିବ୍ୟାଂଶୀ ଗୌତମ କେବଳ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟକୁମାର ସ୍ୱାଇଁ ମୁଖ୍ୟଅତିଥି, ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଗୀତା ଦାସ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଜିଠାରୁ ବ୍ୟକ୍ତିଗତ ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ୬ ତାରିଖ ବା ରବିବାର ଫାଇନାଲ ମୁକାବିଲା ସହ ପ୍ରତିଯୋଗିତା ଶେଷ ହେବ ବୋଲି କର୍ମକର୍ତ୍ତା ସୁରୁଲାଲ ମଟାରୀ ଜଣାଇଛନ୍ତି।

## ପାରା ଭଲିବଲ ଚାମ୍ପିଅନସିପ୍ ଆରମ୍ଭ




ଭୁବନେଶ୍ୱର,୪।୯ (ସମିସ): ପାରା ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ନୂଆପଲ୍ଲୀସ୍ଥିତ ଇଣ୍ଡୋର ହଲ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ରାଜ୍ୟ ପାରା ଭଲିବଲ ଚାମ୍ପିଅନସିପ୍। ରବିବାର ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଆୟୋଜକ ସଂଘ ସଭାପତି କମଳାକାନ୍ତ ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ୩ ଦିନ ଧରି ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୧୮ଟି ଜିଲ୍ଲାରୁ ୧୫୦ରୁ ଊର୍ଦ୍ଧ୍ୱ ପାରା ଭଲିବଲ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପୁରୁଷ ବିଭାଗରେ ୧୦ଟି ଓ ମହିଳା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଥମେ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଏହା ପରେ ନକ୍‌ଆଉଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ପାରା ଭଲିବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ ବୋଲି ଜଣାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS